



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 169 | ଭାଗ ୩୩ | ସଂଖ୍ୟା ୧୬୯ | Tuesday 9 September 2025 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୯ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ନେପାଳରେ ସୋସିଆଲ୍ ମିଡିଆ ନିଆଁ


# ସଂସଦରେ ପଶିଲେ ବିକ୍ଷୋଭକାରୀ, ୧୯ ମୃତ

- ୧୨ରୁ ଊର୍ଦ୍ଧ୍ୱ ଆହତ
- ସୁରକ୍ଷାକର୍ମୀ-ଜେଡ୍ ଜେ' ପିଢ଼ି ଧସ୍ତାଧସ୍ତି
- ସହାୟତା ପ୍ରସ୍ତାବ ଦେଲା ଜାତିସଂଘ
- ସେନା ମୁତୟନ ସହ କର୍ଫ୍ୟୁ ଜାରି

ନେପାଳ,୮।୯: ନେପାଳ ରାଜଧାନୀ କାଠମାଣ୍ଡୁ ରାସ୍ତାରେ ଜେନ୍ ଜି ପିଢ଼ି' ପକ୍ଷରୁ ପ୍ରବଳ ବିରୋଧ ପ୍ରଦର୍ଶନ ହୋଇଛି। ଦେଶରେ ଫେସବୁକ, ହ୍ୱାଟ୍ସଆପ, ଇନଷ୍ଟାଗ୍ରାମ୍ ଓ ଏକ୍ସ ସମେତ ୨୬ଟି ସୋସିଆଲ ମିଡିଆ ସାଇଟ ଉପରେ ବ୍ୟାନ ଲଗାଯିବା ପରେ ଏହା ପ୍ରତିବାଦରେ ଯୁବପିଢ଼ିର ଆକ୍ରୋଶ କ୍ରମଶଃ ବଢ଼ିବାରେ ଲାଗିଛି। ଏପରିକି ୟୁଟ୍ୟୁବ୍ ଉପରେ ବି ସରକାର କଟକଣା ଲଗାଇଛନ୍ତି। ତେଣୁ ଏହାକୁ ବିରୋଧ କରି ଆଜି ହଜାର ହଜାର ସଂଖ୍ୟାରେ ଯୁବକଯୁବତୀ ରାସ୍ତାକୁ ଓହ୍ଲାଇଛନ୍ତି। ଏପରିକି ନେପାଳ ସଂସଦରେ ➩ପୃଷ୍ଠା-୬

# ଆଜି ଉପରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ,୮।୯: ଆସନ୍ତାକାଲି ସଂସଦରେ ଉପରାଷ୍ଟ୍ରପତି ପଦ ସକାଶେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ଏନ୍‌ଡିଏ ପକ୍ଷରୁ ବର୍ଷୀୟାନ୍ ବିଜେପି ନେତା ତଥା ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ୍ ଲଢୁଥିବା ବେଳେ ବିରୋଧୀ ଇଣ୍ଡି ମେଣ୍ଟ ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରିଛି। ଏହି ନିର୍ବାଚନ ମାଧ୍ୟମରେ ଉଭୟ ଏନ୍‌ଡିଏ ଓ ଇଣ୍ଡି ମେଣ୍ଟ ଆଗାମୀ ରାଜନୈତିକ ଲଢ଼େଇ ପାଇଁ ନିଜକୁ ପ୍ରସ୍ତୁତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି



ନିର୍ବାଚନ ସକାଶେ ଭୋଟ୍ ଗ୍ରହଣ ପୂର୍ବାହ୍ନ ୧୦ଟା ବେଳେ ଆରମ୍ଭ ହେବ ଓ ଏହା ୫ଟା ପର୍ଯ୍ୟନ୍ତ ଜାରି ରହିବ। ସଂସଦର ସଦସ୍ୟସଦସ୍ୟାମାନେ ସିକ୍ରେଟ୍ ବାଲାଟ୍ ମାଧ୍ୟମରେ ଭୋଟ୍‌ଦାନ କରିବେ। ସନ୍ଧ୍ୟା ୬ଟା ବେଳେ ମତଗଣନା କରାଯିବ। ଗଣତି ଆରମ୍ଭ ହେବାର କେଇ ଘଣ୍ଟା ମଧ୍ୟରେ ଫଳାଫଳ ଘୋଷଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଆସନ୍ତାକାଲିର ନିର୍ବାଚନରେ ମୋଟ ୭୮୧ ଜଣ ସାଂସଦ ସେମାନଙ୍କ ମତଦାନ କରିବେ। ଏଥି ➩ପୃଷ୍ଠା-୬

## ଏନଡିଏ ସହ ଅଛନ୍ତି ନବୀନ

- ଭୋଟରୁ ବିରତ ରହିବ ବିଜେଡି
- ଏନଡିଏ ଓ ଇଣ୍ଡି ମେଣ୍ଟରୁ ରଖିବୁ ସମଦୂରତା: ସସ୍ମିତ
- ବିଜେଡିର ନିଷ୍ପତ୍ତି ସ୍ୱାଗତଯୋଗ୍ୟ: ଜୁଏଲ
- ବିରତ ରହିବା ସମର୍ଥନ ସହ ସମାନ: ଭକ୍ତ



ନୂଆଦିଲ୍ଲୀ,୮।୯(ସଂଚାର ବ୍ୟୁରୋ): ଏନ୍‌ଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଓ ଇଣ୍ଡି ମେଣ୍ଟର ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀ, କାହା ଆଡ଼କୁ ଢଳିବ ବିଜେଡି? ଏହାକୁ ନେଇ ଅନେକ ଦିନ ହେଲା କଳ୍ପନାଜଳ୍ପନା ଲାଗିରହିଥିଲା। ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ନିରବ ରହି ଏହି ଦ୍ୱନ୍ଦ୍ୱକୁ ଆହୁରି ବଢ଼ାଇଥିଲେ। ହେଲେ ଭୋଟିଂର ଗୋଟିଏ ଦିନ ପୂର୍ବରୁ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ବିଜେଡି ସୁପ୍ରିମୋ। ଉପରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବନି ବିଜେଡି। ଦଳ ଆସନ୍ତାକାଲି ହେବାକୁ ଥିବା ଭୋଟ୍‌ଦାନ ପ୍ରକ୍ରିୟାରୁ ବିରତି ରହିବ।

ଆଜି ବିଜେଡି ସାଂସଦଙ୍କ ସହ ଏ ସମ୍ପର୍କରେ ନବୀନ ପଟ୍ଟନାୟକ ଆଲୋଚନା କରିବା ପରେ ଦଳ ଚୂଡାନ୍ତ ନିଷ୍ପତ୍ତି ନେଇଛି। ଆସନ୍ତାକାଲି ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ବିଜେଡିର ଏହି ନିଷ୍ପତ୍ତି ରାଜନୈତିକ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଦଳର ଏହି ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ବିଜେଡି ସାଂସଦ ସସ୍ମିତ ପାତ୍ର। ଏନ୍‌ଡିଏ ଓ ଇଣ୍ଡି ବ୍ଲକଠାରୁ ସମଦୂରତା ରଖୁଛୁ ବୋଲି ➩ପୃଷ୍ଠା-୬

ଜମ୍ମୁ-କଶ୍ମୀରର କୁଲଗାମରେ ଏନକାଉଣ୍ଟର

## ଜଣେ ଆତଙ୍କୀ ନିପାତ, ୩ ଯବାନ ଆହତ



ଶ୍ରୀନଗର,୮।୯: ଜମ୍ମୁ-କଶ୍ମୀରର କୁଲଗାମ ଜିଲ୍ଲାର ଗୁଡ୍ଡାର ଅଞ୍ଚଳରେ ସୁରକ୍ଷା ବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ବେଳେ ଏଥିରେ ଜଣେ ଆତଙ୍କୀ ନିପାତ ହୋଇଛନ୍ତି। ଏଥିସହ ୩ ଜଣ ଯବାନ ମଧ୍ୟ ଏହି ଏନ୍‌କାଉଣ୍ଟର୍‌ରେ ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ସର୍ଚ୍ଚ ଅପରେସନ୍ ସମୟରେ ଲୁଚି ରହିଥିବା ଆତଙ୍କବାଦୀମାନେ ସୁରକ୍ଷା ବାହିନୀ ଉପରକୁ ଗୁଳି ଚଳାଇଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ତେବେ ଅଞ୍ଚଳରେ ୩ରୁ ୪ ଜଣ ଆତଙ୍କବାଦୀ ଲୁଚିରହିଥିବା ଆଶଙ୍କା କରାଯାଉଛି ସର୍ଚ୍ଚ ଅପରେସନ ବେଳେ ଆତଙ୍କୀ ଜଣଙ୍କ ଫେରାର ହେବାକୁ ଉଦ୍ୟମ କରୁଥିବା ସମୟରେ ସୁରକ୍ଷା ବଳ ଗୁଳିରେ ନିହତ ହୋଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସୁରକ୍ଷା ବାହିନୀ ଅଞ୍ଚଳକୁ ଘେରି ରହିଛନ୍ତି ଓ ଅପରେସନ୍ ଜାରି ରହିଛି। ଆହତ ଯବାନମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଯାଇଛି। ଗୁଡ୍ଡାର ଅଞ୍ଚଳରେ ଘେରି ରହିଥିବା ଆତଙ୍କବାଦୀମାନେ ଲସ୍କର-ଏ-ତୋଏବା ସଂଗଠନର ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ଚାଲିଥିବା ସମୟରେ ଜମ୍ମୁର ଆରଏସ ପୁରା ସେକ୍ଟରରେ ବିଏସଏଫ ଯବାନ ଅନ୍ତର୍ଜାତୀୟ ସୀମା ନିକଟରୁ ଜଣେ ପାକିସ୍ତାନୀ ନାଗରିକଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ବିଏସଏଫ ଯବାନମାନେ ଗତକାଲି ସନ୍ଧ୍ୟାରେ ସୀମା ନିକଟରେ ସନ୍ଦେହଜନକ ଗତିବିଧି ଦେଖି ତୁରନ୍ତ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ଏହି ସମୟରେ ଉକ୍ତ ପାକିସ୍ତାନୀ ନାଗରିକଙ୍କୁ ଯବାନମାନେ କାବୁ କରିଥିଲେ। ତାଙ୍କୁ ଅନ୍ତର୍ଜାତୀୟ ସୀମାରେ ଅଟକ ରଖାଯିବା ସହ ପଚରାଉଚରା ଚାଲିଥିବା ଜଣାପଡ଼ିଛି। ଏଥିସହ ସୀମାରେ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଟ୍ରୋଲିଂ ଓ ତଲାସୀକୁ ଅଧିକ ଜୋରଦାର କରାଯାଇଛି।

## ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ

- ଚେନ୍ନାଇର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ
- ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୋକ



ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ। ଦୀର୍ଘଦିନ ଧରି କିଡନୀ ରୋଗରେ ଆକ୍ରାନ୍ତ ଥିଲେ। ୬୯ ବର୍ଷ ବୟସରେ ଚେନ୍ନାଇର ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି।

ନୂଆପଡ଼ାରୁ ୪ ଥରର ବିଧାୟକ ଥିଲେ ରାଜେନ୍ଦ୍ର ଢୋଲକିଆ। ପ୍ରଥମ ଥର ୨୦୦୪ରେ ସ୍ୱାଧୀନ ଭାବେ ଲଢ଼ି ବିଧାୟକ ହୋଇଥିଲେ। ଏଥିସହ ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତକୁ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହ ସେ ଅମର ଆତ୍ମାର ସଦ୍‌ଗତି କାମନା ମଧ୍ୟ କରିଛନ୍ତି। ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଏନେଇ ସୋସିଆଲ ମିଡିଆ 'ଏକ୍ସ'ରେ ସେ ଉଲ୍ଲେଖ କରିଛନ୍ତି ଯେ ବିଜେଡିର ବରିଷ୍ଠ ରାଜନେତା, ନୂଆପଡ଼ାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ।

ଦଳୀୟ ସଙ୍ଗଠନକୁ ମଜବୁତ କରିବା ସହ ଲୋକଙ୍କ ହକ୍ ପାଇଁ ସ୍ୱର ଉଠାଇବାରେ ସବୁବେଳେ ଆଗରେ ଥିଲେ। ତାଙ୍କ ବିୟୋଗ ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପଟ୍ଟନାୟକ କହିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ।

## ପୁଣି ବିଷ ଉଗାଳିଲେ ଶ୍ରୀମୟୀ

- ଧୃତରାଷ୍ଟ୍ର ଉପାଖ୍ୟାନକୁ ନେଇ ଦଳରେ କମ୍ପନ
- କିଏ କରିବ ଅଭିମାନିନୀଙ୍କ ମାନଭଞ୍ଜନ?



ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ବିଜେଡିର ଅସନ୍ତୁଷ୍ଟ ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ବଡ଼ କମ୍ପନ ସୃଷ୍ଟି ହୋଇଛି। ଅଯୋଗ୍ୟ ରାଜା କହି ପରୋକ୍ଷରେ କଲେ ନବୀନଙ୍କୁ ଟାର୍ଗେଟ। ଦୁର୍ଯ୍ୟୋଧନ କଥା ଉଠାଇ ତେରଛା ବାଣ ବି ମାରିଲେ। ଗତ ୨୦୨୪ ନିର୍ବାଚନ ଆଗରୁ ଏମପି ଟିକେଟର ଲଲିପପ୍ ଦେଖାଇ ଶେଷ ମୁହୂର୍ତ୍ତରେ ଝଟ୍‌କା ଖାଇଥିବା ଶ୍ରୀମୟୀଙ୍କ ଉକ୍ତ ଘା' ଏବେବି ସତେଜ ଅଛି।

ସୋସିଆଲ୍ ମିଡିଆରେ ପୋଷ୍ଟ କରି ଶ୍ରୀମୟୀ ଉଲ୍ଲେଖ କରିଛନ୍ତି ଯେ, ହସ୍ତିନାପୁର ରାଜା ଧୃତରାଷ୍ଟ୍ରଙ୍କ ସଭାରେ ଦ୍ରୌପଦୀଙ୍କ ପ୍ରତି ଅପମାନ ହେଉଥିବା ଜାଣି ମଧ୍ୟ ସେ ଅନ୍ୟାୟ ରୋକିବାକୁ ଚେଷ୍ଟା କରିନଥିଲେ। ଧୃତରାଷ୍ଟ୍ରଙ୍କ ନିଜ ପୁଅ ଦୁର୍ଯ୍ୟୋଧନ ପ୍ରତି ଅନ୍ଧ ପ୍ରୀତି ତାଙ୍କୁ ନୀରବ ରହିବାକୁ ବାଧ୍ୟ କରିଥିଲା। ଇତିହାସ ଏଭଳି ଅଯୋଗ୍ୟ ରାଜାଙ୍କୁ କେବେ ବି କ୍ଷମା କରେନାହିଁ। ଦଳର କାର୍ଯ୍ୟକଳାପକୁ ନେଇ ଯେ ଶ୍ରୀମୟୀ ଖପ୍ପା ଅଛନ୍ତି, ଏହି ପୋଷ୍ଟରୁ ଏକପ୍ରକାର ସ୍ପଷ୍ଟ ହୋଇଯାଉଛି। କାରଣ ଗତ ନିର୍ବାଚନ ପରଠାରୁ ସେ ଲଗାତର ଭାବେ ନିଜକୁ ଦଳୀୟ କାର୍ଯ୍ୟଠାରୁ ଦୂରେଇ ରଖିଆସିଛନ୍ତି।


ବିଜେଡି ମହିଳା ବ୍ୟାପାର କମିଟିରେ ତାଙ୍କୁ ସାଧାରଣ ସମ୍ପାଦିକା ଦାୟିତ୍ୱ ମିଳିଛି। କିନ୍ତୁ ଦାୟିତ୍ୱ ମିଳିବା ପରେ ନା ସେ ନୂଆ ସଭାନେତ୍ରୀଙ୍କୁ ଭେଟିଛନ୍ତି ନା ନବୀନଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ମହିଳା ବ୍ୟାପାର କମିଟିର ଅନ୍ୟ ନେତ୍ରୀମାନେ ନୂଆ ମହିଳା ସଭାନେତ୍ରୀଙ୍କ ସହ ପୁରୀ ଯାଇଥିଲେ ବି ଶ୍ରୀମୟୀ ଯାଇନଥିଲେ। ଯାହା ସୂଚାଉଛି ଯେ ଶ୍ରୀମୟୀ ଦଳ ଉପରେ କେତେ ମାତ୍ରାରେ ଖପ୍ପା ଅଛନ୍ତି।

ଅନ୍ୟପଟେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ଶ୍ରୀମୟୀ ଖୁବ ଶୀଘ୍ର ଶଙ୍ଖ ଭବନକୁ ଆସି ଦାୟିତ୍ୱ ଗ୍ରହଣ କରିବେ। କାହାର ମନରେ ଟିକେ ଦୁଃଖ ଥିବ, କିନ୍ତୁ ତାହା ସବୁଦିନ ରହିବନି। ସୋସିଆଲ୍ ମିଡିଆରେ ଆମେ ଆମ ଭାବନାକୁ ବ୍ୟକ୍ତ କରୁ। ତେଣୁ ଏହା ସହ ଦଳର କିଛି ସମ୍ପର୍କ ନାହିଁ। ଶ୍ରୀମୟୀଙ୍କ ଭଳି ଜଣେ ଫାୟାରବ୍ରାଣ୍ଡ ନେତ୍ରୀଙ୍କୁ ବିଜେଡି ହାତଛଡା କରିବାକୁ ଚାହୁଁନି। ତେଣୁ ସୁପ୍ରିମୋ କାହାକୁ ଏହି ଗୁରୁ ଦାୟିତ୍ୱ ଦେବେ ଓ କିଏ ଶ୍ରୀମୟୀଙ୍କ ଭଳି ଜଣେ ଅଭିମାନୀ ନେତ୍ରୀଙ୍କ ମାନଭଞ୍ଜନ କରିବ, ତାହା ଦେଖିବାର କଥା।

ଏସ୍‌ଆଇଆର୍ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ଦ୍ୱାଦଶ ଦସ୍ତାବିଜ୍ ଭାବେ ଆଧାର କାର୍ଡ ବୈଧ

ନୂଆଦିଲ୍ଲୀ,୮।୯: ବିହାରରେ ଭୋଟର ତାଲିକାର ସ୍ପେସାଲ ଇଣ୍ଟେନସିଭ ରିଭିଜନ୍ (ଏସ୍‌ଆଇଆର୍)ରେ ଜଣେ ବ୍ୟକ୍ତିଙ୍କ ପରିଚୟ ପ୍ରମାଣିତ କରିବା ପାଇଁ ଆଧାର କାର୍ଡକୁ ବୈଧ ଦସ୍ତାବିଜ୍ ଭାବେ ସୁପ୍ରିମକୋର୍ଟ ମାନ୍ୟତା ଦେଇଛନ୍ତି। ସୋମବାର କୋର୍ଟ ତାଙ୍କ ଆଦେଶରେ କହିଛନ୍ତି ଯେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ ଭୋଟରମାନଙ୍କୁ ଅନ୍ତର୍ଭୁକ୍ତ କରିବା କିମ୍ବା ବାଦ ଦେବା ପାଇଁ ଆଧାର କାର୍ଡକୁ ଗ୍ରହଣ କରାଯିବ ଏବଂ ସମ୍ପୃକ୍ତ ଅଧିକାରୀମାନେ ଏହାର ଯାଞ୍ଚ କରିପାରିବେ। ବିହାରରେ ଭୋଟର ତାଲିକା ସଂଶୋଧନରେ ଆଧାର କାର୍ଡକୁ ଦ୍ୱାଦଶ ଦସ୍ତାବିଜ୍ ଭାବେ ଅନ୍ତର୍ଭୁକ୍ତ କରିବାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ



ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଅନୁମତି ଦେଇଛନ୍ତି। ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି ଯେ ଆଧାର କାର୍ଡକଚ କେବଳ ପରିଚୟ ପ୍ରମାଣ ଭାବେ ବ୍ୟବହାର କରାଯିବ। ସମ୍ପୃକ୍ତ ଅଧିକାରୀମାନେ ଅନ୍ୟ ଦସ୍ତାବିଜ୍ ପରି ଭୋଟରଙ୍କ ଆଧାରର ପ୍ରାମାଣିକତା ଓ ବାସ୍ତବତା ଯାଞ୍ଚ କରିପାରିବେ। ଏହି ନିଷ୍ପତ୍ତି ସହ ଆଧାର କାର୍ଡ ବିହାରରେ ଭୋଟର ତାଲିକା ସଂଶୋଧନ ପାଇଁ ଏସ୍‌ଆଇଆର୍‌ରେ ନିର୍ବାଚନ କମିଶନଙ୍କ ଦ୍ୱାରା ବୈଧ ଅନ୍ୟ ୧୧ଟି ଦସ୍ତାବିଜ୍ ସମକକ୍ଷ ହୋଇଛି। କିନ୍ତୁ ଆଧାର କାର୍ଡକୁ ନାଗରିକତାର ପ୍ରମାଣ ଭାବେ ବିବେଚନା କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

ଶୁଣାଣି ସମୟରେ ଆର୍‌ଜେଡି, ସ୍ୱେଚ୍ଛାସେବୀ ସଂଗଠନ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ (ଏଡିଆର୍) ଓ ଅନ୍ୟାନ୍ୟ ଆବେଦନକାରୀମାନେ ଦୃଢ଼ ଯୁକ୍ତି ଦର୍ଶାଇଥିଲେ। ସେମାନେ କହିଥିଲେ ଯେ ➩ପୃଷ୍ଠା-୬

ପୁଲିସ୍‌ର ଅପରେସନ ବ୍ଲୁ ଷ୍ଟାର

## ବାଣୀବିହାର ହଷ୍ଟେଲରୁ ହଟିଲେ ଅଣଛାତ୍ର

ଆଗକୁ ଜାରି ରହିବ ପ୍ରକ୍ରିୟା



ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ବାଣୀବିହାର ହଷ୍ଟେଲରୁ ହଟିଲେ ଅଣଛାତ୍ର। ଅଚାନକ ଚଢ଼ାଉ କରି ଅଣଛାତ୍ରମାନଙ୍କୁ ପୁଲିସ୍ ବିଦା କରିଛି। ବାଣୀବିହାରର ବିଭିନ୍ନ ଛାତ୍ରବାସକୁ କବଜା କରିଥିବା ଅଣଛାତ୍ରଙ୍କୁ ଖୋଜି ଖୋଜି ବାହାର କରିଛି ସ୍ଥାନୀୟ ପୁଲିସ। ଆଜି ପୂର୍ବାହ୍ନ ସାଢ଼େ ୧୦ଟାରୁ ବାଣୀବିହାରର ଛାତ୍ରାବାସଗୁଡ଼ିକରେ ପୁଲିସ୍ ପକ୍ଷରୁ ଅପରେସନ୍ ବ୍ଲୁ ଷ୍ଟାର୍ ଆରମ୍ଭ କରାଯାଇଥିଲା। ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ଅବରେସନ୍ ଚାଲିଥିବା ବେଳେ ପୁଲିସ୍ ସମସ୍ତ ଅଣଛାତ୍ରଙ୍କୁ ହଷ୍ଟେଲରୁ ବାହାର କରିଦେଇଥିବା ସୂଚନା ଦେଇଛି। ଏଥିସହ ଆଗକୁ ମଧ୍ୟ ନିୟମିତ ବ୍ୟବଧାନରେ ହଷ୍ଟେଲର ଯାଞ୍ଚ ହେବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ➩ପୃଷ୍ଠା-୬



### କାନ ଡେରିଥା

କିଛି ଓଡ଼ିଆଙ୍କୁ ଦରକାର ଏବେ
ପାଣ୍ଡିଆନ ଭଳି ଜୋଇଁ
ସିଏ ଥିଲେ ସବୁ ଭଲ
ଚାଲୁଥିଲା
ରଖିଥିଲେ ଖାଇ ଖୋଇ
କାଢ଼ ପଣ ଯାଇନାହିଁ...
ଓଡ଼ିଶା ପଇସା କୋଉଠି
ଅଛି ଯେ
ଖୋଜ ତୁମେ ଶଳା ଭାଇ ।।

■ ଦେବାଶିଷ

# ନବୀନଙ୍କ ମାଷ୍ଟରଷ୍ଟ୍ରୋକ୍ ପରେ ଚିନ୍ତାରେ ଗୋଠଛଡ଼ା

ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ): ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ମାଷ୍ଟର ଷ୍ଟ୍ରୋକ ଖେଳିବା ପରେ ବିଜେଡିର ଅସନ୍ତୁଷ୍ଟମାନେ ଏବେ ଗୋଠଛଡା ଅବସ୍ଥାରେ। ଏମାନେ ଆଗକୁ କେଉଁ ପଟକୁ ଯିବେ, ସେହି ଚିନ୍ତାରେ ଘାଣ୍ଟି ହେଉଛନ୍ତି। ଦଳରେ ରହି ପାଣି ଗୋଳିଆ କରି ଅନ୍ୟ ଦଳମୁହାଁ ହୋଇଥିବା କିଛି ଅସନ୍ତୁଷ୍ଟ ଏବେ ଏକପ୍ରକାରା ଗୋଠଛଡା ହୋଇଯାଇଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଗତ କିଛିଦିନ ହେଲା ବିଜେଡିରେ କିଛି ବରିଷ୍ଠ ଓ ଆଉ ଯୁବନେତା ଦଳରେ ଅଶାନ୍ତି ସୃଷ୍ଟି କରିଆସୁଛନ୍ତି। ଯେତେବେଳେ ଯାହା ତୁଣ୍ଡକୁ ଆସିଲା କହିପକାଉଛନ୍ତି। ଦଳ ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିବାକୁ ବି ସେମାନେ ପଛାଉନାହାନ୍ତି। ନିକଟରେ ନବୀନ ପଟ୍ଟନାୟକ ଡାକ୍ତରଖାନାରେ ଥିବା ସମୟରେ ଏହି



ଗୋଷ୍ଠୀ ଅତ୍ୟନ୍ତ ସକ୍ରିୟ ହେବା ସହ ନବୀନଙ୍କ ଢାଲ ସାଜିଥିବା ଭିକେ ପାଣ୍ଡିଆନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିଥିଲେ। ଆଉ ଯେତେବେଳେ ଷଡ଼ଯନ୍ତ୍ର ଧରାପଡିଗଲା, ସେତେବେଳେ ସେମାନେ ସିଧାସଳଖ ନବୀନଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କଲେ। ଏହି ତାଲିକାରେ ଦଳର ବରିଷ୍ଠ ବିଧାୟକ ଓ ପୂର୍ବତନ ମନ୍ତ୍ରୀମାନେ ରହିଥିଲେ।

ଏମାନଙ୍କ ଦେଖାଦେଖି କିଛି ଯୁବ ନେତା ବି

- ଦୁଇ ନାଆରେ ଦେଇଛନ୍ତି ଗୋଡ଼
- ଦିଲ୍ଲୀରୁ ଫେରିଲେ ହିସାବ କିତାବ

ପାଣି ଗୋଳିଆ କରିବାରେ ଲାଗିଲେ। ବିଶେଷକରି ନବୀନ ପଟ୍ଟନାୟକ ଦଳର ଛାତ୍ର ସଭାପତି ଭାବେ ଈପ୍‌ସିତା ସାହୁ ଓ ଯୁବ ସଭାପତି ଭାବେ ଚିନ୍ମୟ ସାହୁଙ୍କୁ ନିଯୁକ୍ତି ଦେବା ପରେ ତାହାକୁ ଦଳୀୟ ନିଷ୍ପତ୍ତି ଭାବେ ମାନିନେବା ବଦଳରେ ନିଜ ନିଜର ଚେଲାଚାମୁଣ୍ଡାଙ୍କୁ ଲଗାଇ ଦଳୀୟ କାର୍ଯ୍ୟାଳୟରେ ହୋହଲ୍ଲା କଲେ। ଏପରିକି ଏମାନଙ୍କୁ କିଭଳି ନିଯୁକ୍ତି ଦିଆଗଲା ସେଭଳି ପ୍ରଶ୍ନ କରିବାକୁ ବି ପଛାଇଲେ ନାହିଁ। ଏମାନଙ୍କ ପଛରେ ରହି ଦଳର କିଛି ଯୁବ ବିଧାୟକ ଓ ହାରୁ ନେତା ବି ଡାହାଣୀ-ଗୁଣିଆ ଖେଳ ଖେଳିବାରେ ଲାଗିଲେ।

ତେବେ ସମସ୍ତଙ୍କ ନଜର ଥିଲା ଉପରାଷ୍ଟ୍ରପତି ନିର୍ବାଚନରେ ଦଳର ନିଷ୍ପତ୍ତି ଉପରେ। କାରଣ ୱାକଫ୍ ବିଲ୍ ସମୟରେ ଦଳର ନିଷ୍ପତ୍ତିକୁ କିଛି ନେତା ଜୋରଦାର ବିରୋଧ କରିଥିଲେ। ଏପରିକି ନବୀନ ନିବାସ ଭିତରେ ହୋହଲ୍ଲା କରିବାକୁ ବି ପଛାଇ ନଥିଲେ। ଏଥର ଯଦି ସେଭଳି କିଛି ହୋଇଥାନ୍ତା, ତେବେ ମଉକା ଦେଖି ଦଳକୁ ଭାଗ ଭାଗ କରିବାକୁ ବି ଯୋଜନା କରିଥିଲେ। ଏହି ଯୋଜନାରେ କିଛି ସାଂସଦ, ବିଧାୟକଙ୍କ ସମେତ ଆଉ କିଛି ହାରୁ ମାମଲତକାର ବି ଥିଲେ। ଅତ୍ୟନ୍ତ ସର୍ତକତାର ସହ ଯୋଜନା ଚଳାଇଥିବା ବେଳେ ଉପରାଷ୍ଟ୍ରପତି ନିର୍ବାଚନରୁ ନିଜକୁ ଦୂରେଇ ରଖି ନବୀନ ଯେଉଁ ମାଷ୍ଟରଷ୍ଟ୍ରୋକ ଖେଳିଲେ, ଏବେ ତାହା ସେମାନଙ୍କୁ ହତାଶ କରିଦେଇଛି।

ତେବେ ଦଳ ଭିତରେ ରହି ଭଙ୍ଗୁଆରି କାମରେ ମାତିଥିବା କିଛି ନେତା ବି ଅନ୍ୟ ଦୁଇ ଜାତୀୟ ଦଳ ସହ ଯୋଗାଯୋଗ ଥିବା ଚର୍ଚ୍ଚା ହେଉଥିଲା। ଏମାନେ ସମୟ ଓ ସୁବିଧା ଦେଖି ଡିଆଁ ମାରିଥାନ୍ତେ। ଏଥିପାଇଁ ସୁରକ୍ଷିତ ସ୍ଥାନ ଖୋଜୁଥିବାବେଳେ ➩ପୃଷ୍ଠା-୬

## ନିଖୋଜର ୬ ଦିନ ପରେ ଭିତରକନିକା ଜଙ୍ଗଲରୁ ଉଦ୍ଧାର ହେଲେ ମା'-ପୁଅ



**ରାଜନଗର,୮।୯ (ସଂଚାର ବ୍ୟୁରୋ):** ଭିତରକନିକା ଜଙ୍ଗଲରେ ୬ ଦିନ ହେଲା ବାଟବଣା ହୋଇ ନିଖୋଜ ହୋଇଯାଇଥିବା ମାଆ ପୁଅଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବନବିଭାଗ ପକ୍ଷରୁ ୧୦ଟି ଟିମରେ ପ୍ରାୟ ୧୦୦ ଜଣ ଆଜି ସକାଳୁ ତନଖି ପକ୍ରିୟା ଆରମ୍ଭ କରିଥିଲେ। ନିଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ମାଆ ପୁଅଙ୍କୁ ଗୋଟିଏ ଟିମ ଠାବ କରିଥିଲା। ନିଘଞ୍ଚ ଜଙ୍ଗଲ ମଧ୍ୟରେ ଗାଁ ଠାରୁ ପ୍ରାୟ ୨୦ କିମି ଦୂରରେ ମାଆ ପୁଅଙ୍କୁ ଠାବ କରାଯାଇଛି। ଦୁଇ ଜଣଙ୍କୁ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରି ବୋଟ ଯୋଗେ କୁଳକୁ ଅଣାଯାଇଛି। ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗାଁର ଦିଲ୍ଲୀପ ମିର୍ଦ୍ଧାଙ୍କ ପତ୍ନୀ ଅଞ୍ଜନା ମିର୍ଦ୍ଧା ଓ ତାଙ୍କ ପୁଅ ରତିକାନ୍ତ ମିର୍ଦ୍ଧାଙ୍କ ସହିତ ସେହି ଗାଁର ଅହଲ୍ୟ ମଣ୍ଡଳ ଓ ତାଙ୍କ ପୁଅ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟକୁ ବେଆଇନ ଭାବେ କଙ୍କଡା ଧରିବାକୁ ବୁଧବାର ଦିନ ଯାଇଥିଲେ। ସେମାନେ ୫ ଦିନ ପାଇଁ ରାସନ ସାମଗ୍ରୀ, ଚାଉଳ ଓ ହାଣ୍ଡି କଢ଼ା ନେଇ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ଗାଁ ଠାରୁ ଜଙ୍ଗଲ ଭିତରକୁ ପ୍ରାୟ ୧୮ କିଲୋମିଟର ଦୂରରେ ଥିବା ହାବଳ ଫରେଷ୍ଟ ବ୍ଲକର ପିମ୍ପଳା ପୋଖରୀ ନିକଟରେ ୪ ଜଣ ପହଞ୍ଚିଥିଲେ। ସେଠାରେ ରାସନ ସାମଗ୍ରୀ ରଖି ରୋଷେଇ କରି ଖାଇସାରି ଅଲଗା ଅଲଗା ଦିଗରେ କଙ୍କଡା ଧରିବାକୁ ଯାଇଥିଲେ। ମାତ୍ର ଜଙ୍ଗଲ ଭିତରେ ବାଟବଣା ହୋଇଯାଇଥିଲେ।

## ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ସମ୍ମୁଖରେ ଗଣଧାରଣା



**ସାଲେପୁର,୮।୯ (ସଂଚାର ବ୍ୟୁରୋ):** ସାଲେପୁର ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ତିନିଗୋଟି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ହୋଇଥିବା ବେଳେ ଦୀର୍ଘ ଦିନ ହେବ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକିୟ ଡ଼ାକ୍ତର ନଥିବାରୁ ଏଠାରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ଏ ସମ୍ପର୍କରେ ସ୍ଥାନୀୟ ଜଣସାଧାରଣ ବାରମ୍ବାର ଅଭିଯୋଗ କଲେ ମଧ କୈଣସି ସୁଫଳ ନମିଳିବାରୁ ଶେଷରେ ଆଜି ଆବଶ୍ୟକିୟ ଡ଼ାକ୍ତର ପୁରଣ କରିବା ଦାବି କରି ସାଲେପୁର ସହରାଞ୍ଚଳ ବିକାଶ ପରିଷଦ ତେତୃତ୍ୱରେ ଶତାଧିକ ଜଣସାଧାରଣ ଙ୍କ ସହିତ ସାଲେପୁର ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା ମଧ ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ସମ୍ମୁଖରେ ଗଣଧାରଣା ରେ ବସିଥିଲେ। ହେଲେ କଥା ଉଠୁଛି, ବିଜେଡି ଦଳ ୨୪ ବର୍ଷ ଶାସନ କାଳ ରେ ରହିଥିବା ବେଳେ ସାଲେପୁର ବିଧାୟକ ଶ୍ରୀଯୁକ୍ତ ବେହେରା ଲଗାତାର ୧୧ ବର୍ଷ ବିଧାୟକ ହୋଇ ରହିଛନ୍ତି । ଆଗରୁ ମଧ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ର ଅଭାବ ଥିଲା ବେଳେ ଶ୍ରୀଯୁକ୍ତ ବେହେରା ଆଜି କାହିଁକି ଧାରଣକୁ ଆସିଲେ? ଏହା ସର୍ବସାଧାରଣ ଙ୍କ ସ୍ୱାର୍ଥ ପାଇଁ ନା ରାଜନୀତିକ ଫାଇଦା ନେବା ପାଇଁ ବୋଲି ସର୍ବସାଧାରଣ ରେ ଚର୍ଚ୍ଚା ଉଠିଛି ।

## ଗଛରେ ପିଟିହୋଇ ଡଙ୍ଗା ବୁଡ଼ିଲା, ୩ ଉଦ୍ଧାର

**ରାଜନଗର, ୮।୯ (ସଂଚାର ବ୍ୟୁରୋ):** ଭିତରକନିକା ଜଙ୍ଗଲ ଭିତରେ ନିଖୋଜ ଥିବା ମାଆ ପୁଅଙ୍କୁ ଉଦ୍ଧାର କରିବାକୁ ଆଜି ୪ ଟି ବୋଟ ଓ ୬ଟି ଡିଙ୍ଗି ଯାଇଥିଲା। ଆଜି ସନ୍ଧ୍ୟାରେ ସମସ୍ତ ଡଙ୍ଗା ଫେରି ଆସିଛନ୍ତି। ବନବିଭାଗ ବୋଟରେ ବନ୍ଧା ହୋଇଥିବା ଗୋଟିଏ ଡିଙ୍ଗି ସନ୍ଧ୍ୟାରେ ବୁଡି ଯାଇଥିଲା। ଗୋଜ ନିକଟରେ ଲୋକଙ୍କୁ ଓହ୍ଲାଇ ବୁଲାଇ ଫେରୁଥିବା ବେଳେ ଏକ ଗଛରେ ଡିଙ୍ଗିଟି ବାଡେଇ ହୋଇ ଯାଇଥିଲା। ପାଣିର ସ୍ରୋତରେ ଡ଼ିଙ୍ଗୀରେ ପାଣି ପଶି ବୁଡିଥିଲା। ଡଙ୍ଗାରେ ଥିବା ବନିପାଳର ୩ ଜଣଙ୍କୁ ସଙ୍ଗେ ସଙ୍ଗେ ବନବିଭାଗ ବୋଟ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଫଳରେ ବଡ ଅଘଟଣ ଟଳି ଯାଇଛି।

## ବନିତା ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଗଣଧାରଣା




**କେନ୍ଦ୍ରାପଡ଼ା, ୮।୯ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବୋଧଗାଁର ଝିଅ ବନିତା ରାଉତ ବିଭତ୍ସ ଗଣହତ୍ୟାର କ୍ରାଇମବ୍ରା ତଦନ୍ତ ଦାବିରେ ସୋମବାର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ପୁଲିସିର ନିଷ୍କ୍ରିୟତା ଓ ପକ୍ଷପାତିତା, ଦୋଷୀମାନଙ୍କୁ ଘଷ ଘୋଡାଇବା, ମୃତ ବନିତାଙ୍କ ବିରୁଦ୍ଧରେ ପୁଲିସର ବୟାନବାଜି ଏବଂ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ଅତ୍ୟାଚାର ବିରୁଦ୍ଧରେ ଅନୁଷ୍ଠିତ ଗଣଧାରଣା ପୂର୍ବରୁ ଭୀଷଣ ବର୍ଷା ସତ୍ୱେ ସ୍ଥାନୀୟ ସାନ୍ତସାହି ପୋଲ ନିକଟରୁ ୫୦୦ରୁ ଅଧିକ ମହିଳା ଓ ପୁରୁଷଙ୍କ ଏକ ଗଣପଦ୍ୟାତ୍ରା ସହରର ମୁଖ୍ୟ ରାସ୍ତା ଅତିକ୍ରମ କରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହିଥିଲା । ପ୍ରକାଶଥାଉକି ଗତ ମାସ ୨୮ତାରିଖରେ ପଟ୍ଟାମୁଣ୍ଡାଇ ପୌରପରିଷଦ କାର୍ଯ୍ୟାଳୟ ନିକଟ ଭେଣ୍ଡିଙ୍ଗଜୋନର କେବିନ ନଂ୩୧ରେ ବନିତାଙ୍କୁ ହତ୍ୟା କରାଯାଇ ରଖାଯାଇଥିଲା। ବନିତାଙ୍କୁ ନପାଇ ଘରଲୋକେ ପୁଲିସରେ ଏଫଆଇଆର ଦେଲାପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । କେବିନ୍‌ରେ ତିନିଦିନ ରହିବା ପରେ ଗନ୍ଧ ହେବାରୁ କବାଟ ଭାଙ୍ଗି ପୁଲିସ ମୃତଦେହକୁ ଉଦ୍ଧାର କରିଥିଲେ।

# ନୂତନ ବସ୍‌ଷ୍ଟାଣ୍ଡ ଏବେ ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ

**ବସ୍‌ଷ୍ଟାଣ୍ଡ ପରିସରରେ ପଡ଼ିଛି ପୁଳାପୁଳା କଫ ସିରଫ**

**ଯୁବ ଗୋଷ୍ଠୀ ହେଉଛନ୍ତି ପଥଭ୍ରଷ୍ଟ**

**ନିଶାଡି ସାଜୁଛନ୍ତି ଅପରାଧୀ**



**କେନ୍ଦ୍ରାପଡ଼ା,୮।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଦିନକୁ ଦିନ ଅପରାଧ, ଚୋରି, ଡକାୟତି ଭଳି ବିଭିନ୍ନ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବାରେ ଜିଲ୍ଲା ପୁଲିସ ମଧ ବିଫଳ ହେଉଛି। ଅପରାଧୀମାନେ ପ୍ରଥମେ ନିଶା ସେବନ କରିବା ପରେ ବିଭିନ୍ନ ବେଆଇନ୍ କାର୍ଯ୍ୟକଳାପକୁ ହାତକୁ ନେଉଛନ୍ତି। ଯାହାକି ଦିନକୁ ଦିନ ସାଧାରଣ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। କିନ୍ତୁ ଏହା ଉପରେ କାହାର ନଜର ପଡୁନି ।

ବର୍ତ୍ତମାନ କେନ୍ଦ୍ରାପଡ଼ା ସହର ମଧ୍ୟରେ ଥିବା ନୂତନ ବସ୍ ଷ୍ଟାଣ୍ଡ ପରିସରରୁ ଯେଉଁ ଦୃଶ୍ୟ ସାମ୍ନାକୁ ଆସିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। କାରଣ ବସ୍ ଷ୍ଟାଣ୍ଡ ନିର୍ମାଣ ଏପର୍ଯ୍ୟନ୍ତ ଶେଷ ହୋଇନଥିବା ବେଳେ ଏହାର ଫାଇଦା ଉଠାଉଛନ୍ତି ନିଶାଡି। ଏହି ପରିସରରେ ପଡ଼ିଛି ପୁଳାପୁଳା କଫ ସିରଫ ଏବଂ ବିଭିନ୍ନ ବ୍ରାଣ୍ଡର ମଦ ବୋତଲ ଓ ସିଗାରେଟ୍ ଖୋଳ।

ପ୍ରତ୍ୟେକ ଦିନ କେନ୍ଦ୍ରାପଡା ଜିଲ୍ଲାରୁ ବିଭିନ୍ନ ଅଞ୍ଚଳକୁ ବସ୍ ଯୋଗେ ଯାତ୍ରୀ ଯାତ୍ରା କରୁଥିବା ବେଳେ ଏବେ ସେମାନଙ୍କ ପାଇଁ ଉକ୍ତ ସ୍ଥାନ ଅସୁରକ୍ଷିତ ହୋଇ ପଡ଼ିଛି। ବିଭିନ୍ନ ସମୟରେ ମଧ ବସ୍ ଷ୍ଟାଣ୍ଡରେ ଥିବା ଅସାମାଜିକ ଯୁବକ ମାନେ ଯାତ୍ରୀମାନଙ୍କୁ ଧମକ ଚମକ୍ ଦେଇ ଭୟଭୀତ କରାଉଛନ୍ତି। ପୂର୍ବରୁ ମଦ, ଗଞ୍ଜେଇ ଯେତିକି ବ୍ୟବହାର ହେଉନଥିଲା ତାହାଠୁ ଅଧିକ ଏବେ ମେଡ଼ିସିନ୍ ପାଇଁ ବ୍ୟବହାର ହେଉଥିବା କଫ ସିରଫ ନିଶାଡ଼ି ମାନଙ୍କ ପାଇଁ ଅଧିକ ଉପଯୋଗୀ ହୋଇଯାଇଛି। ସହର ମଧ୍ୟରେ ଏହାର ଅବାଧ ବ୍ୟବାହାର ହେଉଥିବା ବେଳେ ଏହା ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ପୁଲିସ ପ୍ରଶାସନ ଚୁପ୍ ରହିବା ଯୋଗୁ ଦିନକୁ ଦିନ ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି । ଗତ କିଛିଦିନ ହେବ କେନ୍ଦ୍ରାପଡା ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ିବାରେ ଲାଗିଛି। ତେଣୁ ଏହି ବେଆଇନ କାର୍ଯ୍ୟକଳାପ ଏବଂ ଅବାଧ କାରବାରକୁ ରୋକାନଯାଏ ତେବେ ଆଗକୁ ସ୍ଥିତି ଗମ୍ଭୀର ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର୍ ଧରିଛି ।

## ରାସ୍ତା ଅବସ୍ଥା ଶୋଚନୀୟ, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ



**ଡେରାବିଶ,୮।୯(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଧିନ ସବଳଙ୍ଗ ଠାରୁ ଗୋଲରାହାଟ ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ଗମନାଗମନ ପାଇଁ ବହୁ ଗୁରୁତ୍ୱ ବହନ କରେ। ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାକୁ ପିଚୁ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ସମେତ କଟକ ଜିଲ୍ଲାକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଦୈନନ୍ଦିନ ହଜାର ହଜାର ଜନସାଧାରଣ ଯାତାୟାତ କରିଥାନ୍ତି। ବ୍ଲକ ଅଧିନସ୍ଥ ଗୋଲରାହାଟ, ବାଲିଆ ଓ ପଲେଇ ପଞ୍ଚାୟତର ଜନସାଧାରଣଙ୍କ ଗମନାଗମନ ପାଇଁ ଏହା ମୁଖ୍ୟତଃ ସହାୟକ ହୋଇଥାଏ। ଏହି ରାସ୍ତାଟି ପ୍ରାୟ ୪ ବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପିଚୁ କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା ପ୍ରତି ଦୃଷ୍ଟି ନ ଦେବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା ବେଳେ ସତେଯେପରି ଏହା ବିପଦକୁ ଆମନ୍ତ୍ରଣ କରୁଛି।

ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ୍ ସୃଷ୍ଟି ହେବା ଯୋଗୁ ଅନେକ ସମୟରେ ପଥଚାରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅସରାଏ ବର୍ଷା ହେଲେ ସେହି ଗାତରେ ପାଣି ଜମିରହିବାରୁ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବହୁବାର ଅବଗତ କରାଯାଇଥିଲେ ମଧ କିଛି ସୁଫଳ ମିଳିନଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି ପଲେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲଳିତ କୁମାର ସାହୁ। ତେବେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ରାସ୍ତାକୁ ତୁରନ୍ତ ଯାତାୟାତ ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଭୁଶୁଡିଲାଣି ମହାକାଳପଡ଼ା ବସ୍‌ଷ୍ଟାଣ୍ଡ ଚଟାଣ



**ମହାକାଳପଡ଼ା,୮।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମହାକାଳପଡ଼ା ବସ୍‌ଷ୍ଟାଣ୍ଡ ଭିତର ଚଟାଣ ଭୁଷୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ପ୍ରବେଶ ଦ୍ୱାରର ସାମ୍ନା ପାର୍ଶ୍ୱରେ ପାଚେରୀ କଡରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଛି। ଯାହାଫଳରେ ବାଲି ଧସି ଫେବର୍ ବ୍ଲକ୍ ଗୁଡିକ ଧସି ଯାଇଛି। କେବଳ ସେତିକି ନୁହେଁ ବରଂ ପ୍ରସ୍ଥାନ ଫାଟକ ନିକଟରେ ମଧ ସମାନ ଅବସ୍ଥା ସୃଷ୍ଟି ହୋଇଛି। ଯାହା କାର୍ଯ୍ୟର ସାଧୁତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୧୨ ମାର୍ଚ୍ଚ ୨୦୨୪ରେ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଏହି ବସ୍‌ଷ୍ଟାଣ୍ଡ ଲୋକାର୍ପିତ ହୋଇଥିଲା।

## ନାଞ୍ଜୁରା ପଞ୍ଚାୟତରେ ପ୍ରଶାସନ




● ୧୦୦ ଅଭିଯୋଗରୁ ୯୩ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ

**ମହାକାଳପଡ଼ା, ୮।୯ (ସଂଚାର ବ୍ୟୁରୋ):** ସୋମବାର ମହାକାଳପଡ଼ା ପଞ୍ଚାୟତ ସମିତି ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ନାଞ୍ଜୁରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଆୟୋଜିତ ଏହି ଶିବିରରେ ପଞ୍ଚାୟତର ସରପଞ୍ଚଙ୍କ ସମେତ ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ୍ କୁମାର ପରିଡ଼ା ଓ ସମସ୍ତ ବ୍ଲକ୍ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଲୋକଙ୍କ ଠାରୁ ଅଭିଯୋଗ ଶୁଣିଥିଲେ। ସମୁଦାୟ ୧୦୦ ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୯୩ ଟି ବ୍ୟକ୍ତିଗତ ଅଭିଯୋଗ ଓ ୭ ଟି ସାମୁଦାୟିକ ବା ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବିଶେଷ କରି ରାସନ୍ କାର୍ଡ, ଆବାସ ଗୃହ ଓ ଭତ୍ତା ସମ୍ବନ୍ଧୀୟ ଅଭିଯୋଗ ହସ୍ତଗତ ହୋଇଥିଲା ଯାହାର ଘଟଣା ସ୍ଥଳରେ ହିଁ ତ୍ୱରିତ ସମାଧାନ କରାଯାଇଛି। ଅନ୍ୟ ୭ ସାମୂହିକ ଅଭିଯୋଗ ମଧ୍ୟରେ ରାସ୍ତା ଓ ନଳକୂପ ସମସ୍ୟା ରହିଥିଲା ଯାହାର ପଦକ୍ଷପ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଡ଼ିଓ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ହିମାଂଶୁ ଜିଲ୍ଲା ଯୁବ କଂଗ୍ରେସ ସୋସିଆଲ ମିଡିଆ ସଂଯୋଜକ



**କେନ୍ଦ୍ରାପଡ଼ା,୮।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଯୁବ କଂଗ୍ରେସ ସାମାଜିକ ଗଣମାଧମର ଜିଲ୍ଲା ସଂଯୋଜକ ତଥା କାର୍ଯ୍ୟକାରୀ ସଦସ୍ୟ ଭାବେ ଯୁବନେତା ହିମାଂଶୁ ଭୂଷଣ ନନ୍ଦଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଅଖିଳ ଭାରତ ଯୁବ କଂଗ୍ରେସ ସାମାଜିକ ଗଣମାଧମର ଜାତୀୟ ମୁଖ୍ୟ ମନୁ ଜୈନ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି । ଯୁବନେତା ଶ୍ରୀ ନନ୍ଦ ଜଣେ ଦକ୍ଷ ସଂଗଠକ ଭାବେ ପୂର୍ବରୁ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହ କରି ଆସିଛନ୍ତି । ଶ୍ରୀ ନନ୍ଦ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିଳକଣ୍ଠପୁର ଗ୍ରାମପାୟତର ନୂଆପାଟଣା ଗ୍ରାମର ବାସିନ୍ଦା। ଜିଲ୍ଲା ଯୁବ କଂଗ୍ରେସ ସାମାଜିକ ଗଣମାଧମର ସଂଯୋଜକ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ମିଳିଥିବାରୁ ଦଳର ସଂଗଠନକୁ ଅଧିକ ମଜଭୁତ କରିବାକୁ ପ୍ରୟାସ କରିବେ ବୋଲି କହିଛନ୍ତି ।

## ପଟ୍ଟାମୁଣ୍ଡାଇରେ ବଢୁଛି ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା

● ବନ୍ୟାରେ ବୁଡି ୧ ମୃତ ● ସିଂହଗାଁ ସମେତ ବହୁ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ

**ପଟ୍ଟାମୁଣ୍ଡାଇ,୮।୯(ସଂଚାର ବ୍ୟୁରୋ):** ବ୍ରାହ୍ମଣୀ ନଦୀରେ ଦେଖାଦେଇଥିବା ୪ର୍ଥ ବନ୍ୟା ସ୍ଥିତିରେ ସୁଧାର ଆସିଛି । ବନ୍ୟା କମିଛି ମାତ୍ର ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ବ୍ରାହ୍ମଣୀ ନଦୀର ୪ର୍ଥ ବନ୍ୟାର ୩/୪ ଦିନ ପରେ ମଧ ବନ୍ୟାଜଳ ବିପଦ ସଂକେତ ଉପରେ ରହିଛି । ଅଳଭା ଠାରେ ବନ୍ୟାଜଳ ପତନ ୧୬.୨ଫୁଟ ଥିବାବେଳେ ଏଠାରେ ବିପଦ ସଂକେତ ସରକାରୀ ଭାବେ ବ୍ରିଟିଶ ଅମଳରୁ ୧୬ ଫୁଟ ରହିଛି । ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଂଚାୟତ ଶ୍ରୀରାମପୁର ଗ୍ରାମର ରତ୍ନାକର ରାଉତ (୬୨) ପାର ହେବା ପାଇଁ ଡ଼ଙ୍ଗାକୁ ଚଢୁଥିବା ବେଳେ ଭାରସାମ୍ୟ ହରାଇ ଡଙ୍ଗାରୁ ଖସି ପଡ଼ି ବନ୍ୟା ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ତତ୍କାଳ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ସବ ଡିଭିଜନ ହସ୍ପିଟାଲ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ଶ୍ରୀରାମ ଫାଉଣ୍ଡେସନ ଚେୟାରମ୍ୟାନ ଉତ୍ତମ ଖୁଣ୍ଟିଆ ଦାବୀ କରିଛନ୍ତି ।



ସମ୍ପ୍ରତି ବନ୍ୟାଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଛି । ରାସ୍ତାଘାଟ ବୁଡି ଯାଇଥିବାରୁ ଗମନା ଗମନ ବାଧାପ୍ରାପ୍ତ ହୋଇଛି । ବନ୍ୟା ଯୋଗୁଁ ଗରିବ ଖଟିଖିଆ ମୁଲିଆ ଶ୍ରେଣୀର ଲୋକମାନେ କାମକୁ ଯାଇ ନପାରି ଭୋକ ଉପାସରେ କାଳାତିପାତ କରୁଛନ୍ତି। ବିଦ୍ୟୁତ ଓ ଟେଲି ସେବା ପ୍ରଭାବିତ ହୋଇଛି । ଚାଷ ଜମି ବୁଡି ଯାଇଥିବାରୁ ଗାଇ ଗୋରୁ ଛେଳି ମେଣ୍ଢାମାନେ ଚରିବାକୁ ଯାଇନପାରି ଡହଳବିକଳ ହେଉଛନ୍ତି । ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ସିଂହ ଗାଁ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ଓ ବାଛରା ପଂଚାୟତର ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛି । ବନ୍ୟାଞ୍ଚଳରେ ପରିବେଶ ଦୂଷିତ ଯୋଗୁଁ ବିଭିନ୍ନ ସଂକ୍ରାମକ ରୋଗ ଦେଖାଦେଇଛି। ବିଶୁଦ୍ଧ ପିଇବା ପାଣିର ସଂକଟ ଦେଖା ଦେଇଛି। ବାରମ୍ବାର ବନ୍ୟା ଆସିବା ଫଳରେ କ୍ଷୟକ୍ଷତି ଓ ଫସଲହାନୀ ଘଟିଛି। ବନ୍ୟାଞ୍ଚଳରେ କୁମ୍ଭୀର ଭୟ ଲାଗି ରହିଛି । ବନ୍ୟା ବିପନ୍ନ ଲୋକମାନଙ୍କୁ ଆବଶ୍ୟକ ଡ଼ଙ୍ଗା, ଗୋଖାଦ୍ୟ, କିରୋସିନ, ବ୍ଲିଚିଙ୍ଗ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦ ତରଫରୁ ଭାଗବତ ଜନ୍ମ ଉତ୍ସବ ପାଳିତ

**ସାଲେପୁର,୮।୯(ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସାଲେପୁର ପ୍ରଖଣ୍ଡ ତରଫରୁ ଶ୍ରୀମଦ ଭାଗବତ ଜନ୍ମଉତ୍ସବ ବଟେଶ୍ୱର ନିକଟସ୍ଥ ମା ବୁଢ଼ୀ ଜାଗୁଲାଇ ପୀଠଠାରେ ଅଟଳସେନା ରାଜ୍ୟ ସଭାପତି ଶ୍ରୀ ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଟଳ ସେନାର ପ୍ରତିଷ୍ଠାତା ସଭ୍ୟ ଶରତ କୁମାର ପରିଜାଙ୍କ ଅକାଳ ବିୟୋଗରେ ତାଙ୍କର ଅମର ଆତ୍ମାର ସଦଗତି କାମନା ପୂର୍ବକ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ.ଉମେଶ ଚନ୍ଦ୍ର ପତି ଯୋଗଦେଇ ଭାଗବତର ବାଣୀର କଥା ବସ୍ତୁକୁ ଆଧାର କରି ନିଜକୁ ଗଢିତୋଳିବା ପାଇଁ ଅଟଳ ସୈନିକ ମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ଼ ପୂର୍ଣ୍ଣଚନ୍ଦ୍ର ଓଝା ଯୋଗଦେଇ ଭାଗବତ ବାଣୀର ବ୍ୟାଖ୍ୟାନ କରିଥିଲେ।



ଅନ୍ୟତମ ଅତିଥି ଭାବରେ ଶିକ୍ଷାବିତ ବିପିନ ବିହାରୀ କର । ଶିଶୁ ସାହିତ୍ୟିକ ଶଶୀଭୁଷଣ ମିଶ୍ର, କବି କୁଳମଣି ବାରିକ ଯୋଗଦେଇ ଆଜିର ଦିବସର ମହତ୍ୱ ବିଷୟରେ ମାର୍ଗ ଦର୍ଶନ କରିଥିଲେ। ଶିକ୍ଷାବିତ୍ ଝରି ସୁନ୍ଦର ମଲ୍ଲିକ ଅତିଥି ପରିଚୟ ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିଲା ବେଳେ ପ୍ରତାପ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଟଳ ସେନା ରାଜ୍ୟ ଉପାଧକ୍ଷ ଅଧିବକ୍ତା ଗୌତମ ରାୟ ଚୌଧୁରୀ, ସଂଗଠନ ସମ୍ପାଦକ ରବିନ୍ଦ୍ର କୁମାର ବେହେରା, ଲକ୍ଷ୍ମୀପ୍ରିୟା କରଣ, କୋଷାଧକ୍ଷ ପ୍ରଦୀପ୍ତ କୁମାର ବିଶ୍ୱାଳ, ଅଟଳ ଛାତ୍ର ସଂଘ ସଂପାଦକ ବନବିହାରୀ ସାହୁ,କେଦାର ନାୟକ, ଗୌତମ ବେହେରା, ସନ୍ତୋଷ ସାମଲ, କେଶବ ଚନ୍ଦ୍ର ସେଠି, କୃଷ୍ଣ ଚନ୍ଦ୍ର ବାରିକ, ଧନେଶ୍ୱର ସାମଲ, ଜ୍ୟୋତି ରଞ୍ଜନ ବେହୁରା, ଇ.ବିଭୁତି ଭୂଷଣ ପାତ୍ର, ଅଶ୍ୱିନୀ କୁମାର ମହାପାତ୍ର, ହରେକୃଷ୍ଣ ମଲ୍ଲିକ, ଅଶୋକ କୁମାର ସ୍ୱାଇଁ, ଭିକାରି ଚରଣ ବେହେରା, ଦ୍ରୁପଦ ସ୍ୱାଇଁ, ଅଭୟ କୁମାର କର, ଧୃବାନନ୍ଦ ଶରଣ, ରାଜେନ୍ଦ୍ର ନାଥ ନାୟକ, ସଚ୍ଚିଦାନନ୍ଦ ବେହେରା, ପ୍ରଭୃତି କାର୍ଯକ୍ରମରେ ସହଯୋଗ କରିଥିଲେ ।

## ତେରଗାଁ ଘାଟର ସୂଚନା ଦେଉନି ପଞ୍ଚାୟତ ସମିତି କାର୍ଯ୍ୟାଳୟ

**ମହାକାଳପଡ଼ା,୮।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଧୀନରେ ଥିବା ମହାକାଳପଡ଼ା-ତେରଗାଁ ନଦୀ ଘାଟ ସମ୍ପର୍କିତ ସୂଚନା ମହାକାଳପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ତରଫରୁ ପ୍ରଦାନ କରାଯାଉନଥିବା ଜଣେ ସୂଚନା ଅଧିକାର କର୍ମୀ ଅଭିଯୋଗ କରିଛନ୍ତି।

**ଅଭିଯୋଗ ଆଣିଲେ ସୂଚନା ଅଧିକାର କର୍ମୀ**



ସୂଚନା ଅନୁଯାୟୀ ମହାକାଳପଡ଼ା-ତେରଗାଁ ନଦୀ ଘାଟ ତେରଗାଁ ପଞ୍ଚାୟତ ଅଧୀନରେ ରହିଛି। ଏହି ଫେରିଘାଟ ସମ୍ପର୍କରେ ସୂଚନା ଅଧିକାର ଆଇନ କର୍ମୀ ସୁବ୍ରତ କୁମାର ସେଠୀ ୨୭ ଅଗଷ୍ଟ ୨୦୨୪ରେ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ସୂଚନା ମାଗିଥିଲେ। ସେ ମାଗିଥିବା ସୂଚନା ଅନୁସାରେ ତେର ଗାଁ ଫେରିଘାଟ ନିଲାମ କେବେ ଓ କେତେ ଟଙ୍କାରେ ହୋଇଥିଲା, ନିଲାମ ସମୟରେ କେଉଁମାନେ ଉପସ୍ଥିତ ଥିଲେ, କାହାକୁ ଘାଟ ନିଲାମ ଦିଆଯାଇଥିଲା, ଘାଟରେ ବ୍ୟବହୃତ ଡଙ୍ଗାର ପରୀକ୍ଷଣ କରାଯାଇଥିଲା କି, ଡଙ୍ଗା ଚାଳକଙ୍କ ଲାଇସେନ୍ସ ରହିଛି କି ନାହିଁ, ଘାଟରେ ବ୍ୟବହାର ପାଇଁ ନିଲାମଧାରୀ କେତେ ଲାଇଫ ଜ୍ୟାକେଟ ଜିଣିଛନ୍ତି, ସେଥିପାଇଁ ପଞ୍ଚାୟତ କିମ୍ବା ବ୍ଲକ୍ ତରଫରୁ ସେ କେତେ ସବସିଡି ପାଇଛନ୍ତି କି ନାହିଁ ତାହାର ଭାଉଚର ଆଦି ସେ ସୂଚନା ପାଇଁ ଉଲ୍ଲେଖ କରିଥିଲେ। ହେଲେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ତରଫରୁ ସୁବ୍ରତଙ୍କୁ କୌଣସି ସୂଚନା ନମିଳିବାରୁ ସେ ୪ ଅକ୍ଟୋବର ୨୦୨୪ରେ ପ୍ରଥମ ଅପିଲ କରିଥିଲେ। ସୂଚନା ପ୍ରଦାନରେ ଅବହେଳା ତଥା ସୂଚନା ଅଧିକାର ଆଇନ ୧୯(୮) ଅନୁଯାୟୀ ସମ୍ପୃକ୍ତ ଜନସୂଚନା ଅଧିକାରୀଙ୍କଠାରୁ ପଚିଶ ହଜାର ଆର୍ଥିକ ଦଣ୍ଡରେ ଦଣ୍ଡିତ କରିବାକୁ ସେ ଅପିଲରେ ସୂଚିତ କରିଥିଲେ।

ଇତି ମଧ୍ୟରେ ଘଟଣାକୁ ୭ ମାସ ବିତିଯାଇଥିଲେ ମଧ ଜନସୂଚନା ଅଧିକାରୀ କୌଣସି ଚିଠି କିମ୍ବା କୌଣସି ସୂଚନା ଦେଉନଥିବା ସୁବ୍ରତ ଅଭିଯୋଗ କରିଛନ୍ତି। ଘାଟରେ ବିଭିନ୍ନ ସମୟରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି, ବିନା ଲାଇଫ ଜ୍ୟାକେଟରେ ଯାତ୍ରୀମାନଙ୍କୁ ବିପଦ ସଙ୍କୁଳ ଅବସ୍ଥାରେ ଘାଟ ପାରି କରାଯାଉଛି। ହେଲେ ସମ୍ପୃକ୍ତ ଘାଟ ସମ୍ପର୍କିତ ସୂଚନା ପ୍ରଦାନ କରିବାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ କାହିଁକି କୁଣ୍ଠିତ ବୋଲି ସୁବ୍ରତ ପ୍ରଶ୍ନ କରିଛନ୍ତି?

## ଧାନ ଗଛରେ ପୋକ, ଚାଷୀ ହତାଶ

**କୁମ୍ଭକର୍ଣ୍ଣ ନିଦ୍ରାରେ କୃଷି ବିଭାଗ**

**ପଟ୍ଟାମୁଣ୍ଡାଇ,୮।୯ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଞ୍ଚଳ ଏକ ପ୍ରାକୃତିକ ବିପର୍ଯ୍ୟୟ କବଳିତ ଅଞ୍ଚଳ । ବାରମ୍ବାର ଲଗାଣ ବର୍ଷା ଓ ଲଗାତାର ୪ଥର ବନ୍ୟା ଯୋଗୁଁ ବ୍ୟାପକ ଫସଲହାନୀ ଘଟିଛି। ଯାହାଫଳରେ ଚାଷୀମାନେ ଦାଣ୍ଡର ଭିକାରୀ ହୋଇଛନ୍ତି । ଏସବୁ ସତ୍ତ୍ୱେ ଚାଷୀଙ୍କ ପିଛା ଦୁର୍ଦ୍ଦଶା ଛାଡ଼ୁନି। ତେବେ ବନ୍ୟାଞ୍ଚଳ ବାଦ୍ ଭେଡ଼ା ଅଞ୍ଚଳର ଚାଷୀମାନେ ବହୁ ଆଶା କରି ଧାନ ଚାଷ କରିଥିଲେ । କିନ୍ତୁ ଭାଗ୍ୟ ସାଥ ଦେଲାନି। ସମ୍ପ୍ରତି ଧାନ ଗଛରେ ପୋକ ଲାଗି ଗଛ ମରିବାକୁ ବସିଲାଣି। ଉନ୍ନତମାନର ବିହନ ଅଭାବ ଯୋଗୁଁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଥିବାବେଳେ ସାରର ଉତ୍କଟ ଅଭାବ ଓ କଳାବଜାରୀ ଚାଷୀଙ୍କ ଆଖିରେ ଲୁହ ଆଣି ଦେଇଛି। ବିହନ, ସାର ଓ କୀଟନାଶକ କ୍ରୟ କରିବାରେ ଚାଷୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି । ସମ୍ପ୍ରତି ବହୁ ଆଶା ନେଇ ଧାନ ଚାଷ କରିଥିବା ଚାଷୀମାନେ ପୁଣି ଚିନ୍ତାରେ ପଡିଛନ୍ତି।

ଏବେ ଧାନ ଗଛରେ ରୋଗ ପୋକ ଆବିର୍ଭାବକୁ ନେଇ ଚାଷୀ ହରଡ଼ଘଣାରେ ପଡି କଲବଲ ହେଉଛି। ରୁଆ ବେଉସା ସାରି ୨ୟ ପର୍ଯ୍ୟାୟ ସାର ଦେବା ବେଳକୁ ଧାନ ଗଛରେ ଗଣ୍ଡି ରୋଗ, ପତ୍ରପୋଡ଼ା ରୋଗ ଆଦି ବିଭିନ୍ନ ରୋଗପୋକ ଯୋଗୁଁ ଧାନ ଗଛ ସବୁ ନଷ୍ଟ ହେବାକୁ ଲାଗିଛି । ଚାଷୀମାନେ ଧାର କରଜ କରି ବିହନ, ସାର ଓ କୀଟନାଶକ ଔଷଧ କିଣି ଚାଷ କରିଥିଲେ ମଧ ଧାନ ଫସଲ ଅବସ୍ଥା ଦେଖି ସଂପୂର୍ଣ୍ଣ ଭାଙ୍ଗି ପଡିଛି ।

ଚାଷ ଓ ଚାଷୀଙ୍କ ସଂକଟ ବେଳେ କୃଷି ବିଭାଗ ନିଦ୍ରା ବିଷ୍ଣୁ ସାଜି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ପଟ୍ଟାମୁଣ୍ଡାଇର କୌଣସି କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଚାଷୀ ମାନଙ୍କୁ ଫସଲ ରକ୍ଷା ପାଇଁ ଉଚିତ ପରାମର୍ଶ ଓ ସହାୟତା ପ୍ରଦାନ କରିବା ଦେଖାଯାଉନାହିଁ । ଏଥି ପାଇଁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟ ସରକାର ଓ କୃଷି ବିଭାଗ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବୀ ହେଉଛି ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୯ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Tuesday 9 September 2025, Bhubaneswar


# ଜେନ୍-ଜେଡ୍: ଭବିଷ୍ୟତର ନିର୍ମାତା

ଆଜିର ଦୁନିଆରେ ଜେନ୍-ଜେଡ୍ ବା ଜେନେରେସନ୍ ଜେଡ୍ ଯୁବକମାନେ ଏକ ବିଶେଷ ସ୍ଥାନ ଅଧିକାର କରିଛନ୍ତି। ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ ଏହି ପିଢ଼ି ଡିଜିଟାଲ୍ ଯୁଗର ସନ୍ତାନ। ସେମାନେ ଇଣ୍ଟରନେଟ୍, ସ୍ମାର୍ଟଫୋନ୍ ଏବଂ ସୋସିଆଲ୍ ମିଡିଆର ସହଜ ବ୍ୟବହାରକାରୀ। ଏହି ପିଢ଼ିର ଯୁବକମାନେ ପରିବର୍ତ୍ତନର ପ୍ରତୀକ, ଯେଉଁମାନେ ପାରମ୍ପରିକ ମୂଲ୍ୟବୋଧକୁ ନୂତନ ଚିନ୍ତାଧାରା ସହିତ ମିଶ୍ରିତ କରି ସମାଜକୁ ଆଗକୁ ନେଉଛନ୍ତି। ଓଡ଼ିଶାର ପ୍ରସଙ୍ଗରେ ଜେନ୍-ଜେଡ୍ ଯୁବକମାନେ ରାଜ୍ୟର ବିକାଶରେ ମୁଖ୍ୟ ଭୂମିକା ନିର୍ବାହ କରୁଛନ୍ତି। ସେମାନେ ଶିକ୍ଷା, ରୋଜଗାର ଏବଂ ସାମାଜିକ ପରିବର୍ତ୍ତନରେ ନୂତନ ଦିଗକୁ ଆଣୁଛନ୍ତି।

ଜେନ୍-ଜେଡ୍ ପିଢ଼ିର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ସେମାନଙ୍କର ଡିଜିଟାଲ୍ ସାକ୍ଷରତା। ସେମାନେ ଜନ୍ମରୁ ହିଁ ଟେକ୍ନୋଲୋଜିର ସହଜ ଅଂଶ। ଓଡ଼ିଶାର ଗ୍ରାମାଞ୍ଚଳରେ ମଧ୍ୟ ଏହି ପିଢ଼ିର ଯୁବକମାନେ ସ୍ମାର୍ଟଫୋନ୍ ମାଧ୍ୟମରେ ବିଶ୍ୱ ସହିତ ଯୋଡ଼ି ହୋଇଛନ୍ତି। ସେମାନେ ଅନଲାଇନ୍ ଶିକ୍ଷା, ଇ-କମର୍ସ ଏବଂ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ସକ୍ରିୟ। ଉଦାହରଣ ସ୍ୱରୂପ, କୋଭିଡ୍-୧୯ ମହାମାରୀ ସମୟରେ ଜେନ୍-ଜେଡ୍ ଯୁବକମାନେ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ଶିକ୍ଷା ଗ୍ରହଣ କରିବାରେ ସଫଳ ହୋଇଥିଲେ। ଏହା ସେମାନଙ୍କର ଅନୁକୂଳନ କ୍ଷମତାକୁ ପ୍ରଦର୍ଶନ କରେ। ତଥାପି, ଏହି ଡିଜିଟାଲ୍ ଯୁଗ ସେମାନଙ୍କ ପାଇଁ ଚ୍ୟାଲେଞ୍ଜ ମଧ୍ୟ ଆଣିଛି। ସାଇବର୍ ବୁଲିଂ, ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଅତ୍ୟଧିକ ସ୍କ୍ରିନ୍ ଟାଇମ୍ ଯୋଗୁଁ ସେମାନେ ପ୍ରଭାବିତ ହେଉଛନ୍ତି। ଓଡ଼ିଶାରେ ଏହି ସମସ୍ୟାଗୁଡ଼ିକୁ ସମ୍ଭାଳିବା ପାଇଁ ସରକାର ଏବଂ ସମାଜର ସକ୍ରିୟ ଭୂମିକା ଆବଶ୍ୟକ। ଜେନ୍-ଜେଡ୍ ଯୁବକମାନେ ସାମାଜିକ ସଚେତନତାରେ ଅଗ୍ରଣୀ। ସେମାନେ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ଲିଙ୍ଗ ସମାନତା ଏବଂ ସାମାଜିକ ନ୍ୟାୟ ପାଇଁ ଆନ୍ଦୋଳନ କରୁଛନ୍ତି। ଗ୍ରେଟା ଥନବର୍ଗ୍ ପରି ବିଶ୍ୱବ୍ୟାପୀ ନେତାମାନେ ଏହି ପିଢ଼ିର ପ୍ରତିନିଧିତ୍ୱ କରୁଛନ୍ତି। ଓଡ଼ିଶାରେ ମଧ୍ୟ



ଏହି ଯୁବକମାନେ ସ୍ଥାନୀୟ ସମସ୍ୟା ଯଥା ଜଙ୍ଗଲ ସୁରକ୍ଷା, ଜଳ ସଂରକ୍ଷଣ ଏବଂ ଗ୍ରାମୀଣ ବିକାଶ ପାଇଁ କାର୍ଯ୍ୟରତ। ଉଦାହରଣ ସ୍ୱରୂପ, ଭୁବନେଶ୍ୱର ଏବଂ କଟକର ଯୁବକମାନେ ପ୍ଲାଷ୍ଟିକ୍ ବ୍ୟବହାର ବିରୋଧରେ ଅଭିଯାନ ଚଳାଇଛନ୍ତି। ସେମାନଙ୍କର ଏହି ସଚେତନତା ସମାଜକୁ ଏକ ଉତ୍ତମ ଭବିଷ୍ୟତ ପ୍ରଦାନ କରିବ। ତଥାପି, ଏହି ପିଢ଼ି ଆର୍ଥିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ରୋଜଗାରର ଅଭାବ, ଶିକ୍ଷାର ମୂଲ୍ୟ ବୃଦ୍ଧି ଏବଂ ଅର୍ଥନୈତିକ ଅସ୍ଥିରତା ସେମାନଙ୍କୁ ପ୍ରଭାବିତ କରୁଛି। ଓଡ଼ିଶାରେ ଯୁବ ନିରୋଜଗାର ଏକ ଗମ୍ଭୀର ସମସ୍ୟା, ଯାହାକୁ ସମାଧାନ କରିବା ପାଇଁ ସରକାରୀ ଯୋଜନା ଯଥା ସ୍କିଲ୍ ଡେଭଲପମେଣ୍ଟ୍ ପ୍ରୋଗ୍ରାମ୍ ଆବଶ୍ୟକ।

ଜେନ୍-ଜେଡ୍ ପିଢ଼ିର ଯୁବକମାନେ ବ୍ୟକ୍ତିଗତ ସ୍ୱାଧୀନତା ଏବଂ ବିବିଧତାକୁ ମହତ୍ୱ ଦିଅନ୍ତି। ସେମାନେ ପାରମ୍ପରିକ ବିବାହ, କ୍ୟାରିୟର୍ ଏବଂ ଜୀବନଶୈଳୀରେ ନୂତନ ପରିବର୍ତ୍ତନ ଆଣୁଛନ୍ତି। ଓଡ଼ିଶାର ସାଂସ୍କୃତିକ ପରିବେଶରେ ଏହି ପରିବର୍ତ୍ତନ କେତେକ ସମୟରେ ବିରୋଧାଭାସ ସୃଷ୍ଟି କରେ, କିନ୍ତୁ ଏହା ସମାଜର ବିକାଶ ପାଇଁ ଆବଶ୍ୟକ। ସେମାନେ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଉଛନ୍ତି ଏବଂ ସ୍ଟିଗମା ବିରୋଧରେ ଲଢ଼ୁଛନ୍ତି। ଏହି ପିଢ଼ିର ଯୁବକମାନେ ଉଦ୍ୟୋଗୀ ମନୋଭାବର ଅଧିକାରୀ। ସେମାନେ ଷ୍ଟାର୍ଟଅପ୍, ଫ୍ରିଲାନ୍ସିଂ ଏବଂ ନୂତନ ବ୍ୟବସାୟ ମଡେଲ୍ ସହିତ ଯୋଡ଼ି ହୋଇଛନ୍ତି। ଓଡ଼ିଶାରେ ଯୁବ ଉଦ୍ୟୋଗୀମାନେ କୃଷି, ଟୁରିଜମ୍ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ନୂତନ ଆଇଡିଆ ଆଣୁଛନ୍ତି।

ତଥାପି, ଜେନ୍-ଜେଡ୍ ପିଢ଼ିକୁ ସହଜରେ ବୁଝିବା କଷ୍ଟକର। ପୁରୁଣା ପିଢ଼ିମାନେ ସେମାନଙ୍କୁ ଅଳସୁଆ ବା ଅନୁଶାସନହୀନ ବୋଲି ଭାବନ୍ତି, କିନ୍ତୁ ଏହା ଏକ ଭୁଲ୍ ଧାରଣା। ସେମାନେ ସ୍ମାର୍ଟ କାମ ଏବଂ ବ୍ୟାଲାନ୍ସଡ୍ ଜୀବନକୁ ପସନ୍ଦ କରନ୍ତି। ସମାଜରେ ଏହି ପିଢ଼ିକୁ ସମର୍ଥନ କରିବା ଆବଶ୍ୟକ। ସରକାର, ଶିକ୍ଷା ସଂସ୍ଥା ଏବଂ ପରିବାର ସେମାନଙ୍କର ସ୍ୱପ୍ନକୁ ପ୍ରୋତ୍ସାହନ ଦେବା ଉଚିତ୍। ଜେନ୍-ଜେଡ୍ ହେଉଛି ଭବିଷ୍ୟତର ନିର୍ମାତା। ସେମାନଙ୍କର ଶକ୍ତି ଏବଂ ଚିନ୍ତାଧାରା ସହିତ ଓଡ଼ିଶା ଏବଂ ଭାରତ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇବ।

# ଆମେ ଏବେ କେଉଁଠି ?




ଗୋପାଳ ମହାପାତ୍ର


ବାବାସାହେବ ଆମ୍ବେଦକରଙ୍କ ଉପରେ ଲିଖିତ ଏକ ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ ବାବାସାହେବ ସମ୍ବିଧାନରେ ଥିବା କେତେକ ଅନ୍ତର୍ବିରୋଧି ସମ୍ପର୍କରେ ସମ୍ବିଧାନ ସଭାର ଅନ୍ୟସଦସ୍ୟ ମାନଙ୍କୁ ସୂଚନା ଦେବାସହ ସେସବୁର ସୀମାକୁ ରେଖାଙ୍କିତ କରିଥିଲେ। ଦେଶର ପ୍ରଥମ ଆଇନ ମନ୍ତ୍ରୀଭାବେ ସେ ଏକ ସାକ୍ଷାତକାରରେ କହିଥିଲେ ସମ୍ବିଧାନ ଠିକ୍ ଲୋକଙ୍କ ହାତରେ ରହିଲେ ଆଛା/ଠିକ୍ ସିଦ୍ଧ ହେବ, କିନ୍ତୁ ଖରାପ ଲୋକଙ୍କ ହାତକୁ ଯଦି ଚାଲିଯିବ ତେବେ ସବୁ କିଛି ଭୁଲଭାଲ ହୋଇଯିବ। ଆମ୍ବେଦକର ଚେତାଇ ଦେଇଥିଲେ "ସମ୍ବିଧାନର କାର୍ଯ୍ୟକାରୀତା କେବଳ ସମ୍ବିଧାନର ସ୍ୱରୁପ ଉପରେ ନିର୍ଭର କରେନାହିଁ। ସମ୍ବିଧାନ କେବଳ ବିଧାୟିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ଭଳି ଅଙ୍ଗ ମାନଙ୍କର ପ୍ରାବଧାନ କରିପାରେ କିନ୍ତୁ ସେସବୁ ଅଙ୍ଗର ସଞ୍ଚାଳନ ଲୋକ ବା ଜନସାଧାରଣ ଏବଂ ସେମାନଙ୍କ ଦ୍ୱାରା ନିଜର ଆକାଂକ୍ଷା ତଥା ନିଜର ରାଜନୈତିକ ପୂର୍ତ୍ତି ପାଇଁ ଗଠନ କରାଯାଇଥିବା ରାଜନୈତିକ ଦଳ ଉପରେ ନିର୍ଭର କରେ। ଯଦି ରାଜନୈତିକ ଦଳ ମାନେ ସେମାନଙ୍କ ସ୍ୱାର୍ଥକୁ ଦେଶରୁ ଉର୍ଦ୍ଧ୍ୱରେ ବୋଲି ଭାବନ୍ତି ତେବେ ଆମ ସ୍ୱାଧିନତା ପୁଣିଥରେ ବିପଦରେ ପଡ଼ିଯିବ ଏବଂ ସମ୍ଭବତଃ ସବୁବେଳେ ଶେଷ ହୋଇଯିବ"। ଏବେ ଦେଖାଯାଉଛି ବାବାସାହେବ ଦେଇଥିବା ସେହି ଚେତାବନୀ ସତ୍ୟରେ ପରିଣତ ହେବାକୁ ଯାଉଛି। ଆନ୍ତର୍ଯାତୀୟ ସୂଚକାଙ୍କ ଅନୁସାରେ ଆମ ସ୍ୱାଧିନତା ଆଂଶିକ ହୋଇଯାଇଛି ଏବଂ ଗଣତନ୍ତ୍ର ଲଙ୍ଗଡ଼ା ବା ଛୋଟା ହୋଇଯାଇଛି। ଏହାର ଅର୍ଥ ନୁହେଁ ଯେ ସମ୍ବିଧାନ ଖରାପ ହାତରେ ପଡ଼ିଯିବାର ସୂଚନା ଏବେ ଅଚାନକ ଜଣାପଡ଼ିଛି।

ପୂର୍ବରୁ ଅନେକବାର ବିଶେଷକରି ୧୯୭୫ରେ ଦେଶର ଲଗାଯାଇଥିବା ଜରୁରୀ କାଳୀନ ପରିସ୍ଥିତି ବେଳେ ସମ୍ବିଧାନ ଖରାପ ହାତକୁ ଚାଲିଯାଇଥିଲା ବୋଲି ମଧ ଜଣାପଡ଼ିଥିଲା କିନ୍ତୁ ସେତେବେଳର ସମୟ ଏବଂ ଆଜିର ସମୟ ମଧ୍ୟରେ ତଫାତ୍ ଅନେକ। ସେତେବେଳେ ଜରୁରୀ କାଳୀନ ପରିସ୍ଥିତି ଏକ ଅପ୍ରତ୍ୟାଶିତ ଦୁର୍ଘଟଣା ଭଳି ସାମନାକୁ ଆସିଥିଲା ହେଲେ ଏବେ ଏହା ବହୁତ ସଚେତ ଏବଂ ସୁଚିନ୍ତିତ ତଥା ସୁନିୟୋଜିତ ଢ଼ଙ୍ଗରେ ସାମନାକୁ ଆସିଛି। ଅବସ୍ଥା ଏଭଳି ହେଲାଣି ଯେ ଏହାକୁ ଜରୁରୀ କାଳୀନ ପରିସ୍ଥିତି ଭଳି କୌଣସି ପ୍ରାବଧାନର ଆଳ ଦେବାର ଆବଶ୍ୟକତା ନାହିଁ। ଏହାର କାରଣ ମଧ ସ୍ପଷ୍ଟ। ଏବେ ସୁଚିନ୍ତିତ ଯୋଜନା ଅନୁସାରେ ସମ୍ବିଧାନ ଦିବସ ପାଳନ କରୁଥିବା ଲୋକେ ସମ୍ବିଧାନର ମଜା ଉଡାଇବାର ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଅନେକେ ପ୍ରଶ୍ନ କରିପାରନ୍ତି ଏମିତି କେମିତି କରାଯାଇପାରୁଛି? ଏକଥା ବୁଝିବା ମଧ ସହଜ। ଶାସକ ଦଳ ସୁବିଧା ପାଇଲେ ସମ୍ବିଧାନକୁ ଅସୁବିଧାଜନକ ବୋଲି ଭାବିବାସହ ଏହାର ସମୀକ୍ଷା ମଧ ତାଙ୍କ ଇଛା ଅନୂସାରେ କରୁଛନ୍ତି। ସମ୍ବିଧାନର ପ୍ରସ୍ତାବନାରୁ ଧର୍ମନିରପେକ୍ଷ ଏବଂ ସମାଜବାଦ ଶବ୍ଦ ଦୁଇଟିକୁ ଉଠାଇ ଦିଆଯିବା ପାଇଁ ବିମର୍ଷ ପାଇଁ ପ୍ରୋତ୍ସାହିତ କରି ସମ୍ବିଧାନର ଆତ୍ମା ସହ ଖେଳ ଖେଳିବା ଆରମ୍ଭ କରିଦେଇଛନ୍ତି। ଏତିକି ନୁହେଁ ସରକାର ବା ସଂସଦ ପାଖରେ ଉତ୍ତରଦାୟୀ ସାମ୍ବିଧାନିକ ଅଧିକାରୀ ମାନେ ସେମାନଙ୍କର ଭୂମିକାର କ୍ରମାଗତ ଅବମୂଲ୍ୟାୟନ କରୁଥିଲେ ମଧ ଦେଶର ସରକାରକୁ ଏହା ଅଗଣତାନ୍ତ୍ରିକ ଲାଗୁନାହିଁ।

ଏକ ଉଦାହରଣ ରୂପେ ଜଗଦୀପ ଧନଖଡ଼େଙ୍କୁ ନିଆଯାଇପାରେ। ଜଗଦୀପ ଧନଖଡ଼େ ସଂସଦକୁ ସର୍ବ ଶକ୍ତିମାନ କହୁଥିଲେ। କିନ୍ତୁ ଯେଉଁ ସଂସଦ ତାଙ୍କୁ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ କରିଥିଲା, ଇସ୍ତଫା ପରେ ସେଇ ସଂସଦ ଧନଖଡ଼େଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯିବା ପାଇଁ ଇଛା ପ୍ରକାଶ କଲାନାହିଁ। ସବୁଠୁ ସମ୍ବେଦନଶୀଳ କଥା ହେଉଛି ସେ ଏବେ କେଉଁଠି? ସେ କେଉଁଠି ଅଛନ୍ତି ସେ ନେଇ ଅନେକ ପ୍ରକାରର ଚର୍ଚ୍ଚା ଶୁଣାଯାଉଛି। ଉପରାଷ୍ଟ୍ରପତି ଥିବା ବେଳେ ଧଡ଼ଖଡ଼େ ସଂସଦ (ରାଜ୍ୟସଭା)ର ମର୍ଯ୍ୟଦାକୁ ଭୁଲିଯାଇଥିଲେ ଏବଂ ଶାସକ- ବିରୋଧିଙ୍କ ମଧ୍ୟରେ ଯେମିତି ଭେଦଭାବ କରିଥିଲେ ସେଥିରେ ସଂସଦର ମର୍ଯ୍ୟଦା ହାନୀ ହେବା ସହ ରାଜ୍ୟସଭାର ଅଧକ୍ଷ ପଦବୀରେ ମର୍ଯ୍ୟଦା ହାନୀ ହୋଇଥିଲା ବୋଲି ଅନେକ ବୁଦ୍ଧିଜୀବିଙ୍କ ମତ। ରାଜ୍ୟସଭାର ଅଧକ୍ଷ ଥାଇ ସେ ଶାସକ ଦଳର ଏକ ପ୍ରକାରର ଭକ୍ତ ପାଲଟି ଯାଇଥିଲେ ବୋଲି ମଧ ବିରୋଧି ମାନେ ଅଭିଯୋଗ ଉଠାଇଥିଲେ। ସମ୍ବିଧାନ ନିର୍ମାତା ମାନେ ଦେଶରେ ସଂସଦୀୟ ଗଣତନ୍ତ୍ରର ସ୍ଥାପନା କରିଥିଲେ ଏବଂ ସଂସଦକୁ ସର୍ବୋଚ୍ଚ ବୋଲି ମାନିଥିଲେ। ସେଇଥିପାଇଁ ବ୍ୟବସ୍ଥା କରିଥିଲେ ଯେ ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳ ସେତେବେଳେ ପର୍ଯ୍ୟନ୍ତ ନିଜ ନିଜ ପଦବୀରେ ରହିପାରିବେ ଯେ ପର୍ଯ୍ୟନ୍ତ ସଂସଦ (ବିଶେଷ କରି ଲୋକସଭା) ତାଙ୍କ ଉପରେ ବିଶ୍ୱାସ ରଖିଥିବ। ଅନ୍ୟ ଅର୍ଥରେ କହିବାକୁ ଗଲେ ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ରହିବା ଓ ନରହିବା ସଂସଦ ହାତରେ ସମ୍ବିଧାନ ନିର୍ମାତା ମାନେ ସମର୍ପି ଦେଇଥିଲେ।

ଲୋକସଭା ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ କିଏ ହେବ ସେକଥା ଘୋଷଣା କରାଯିବା ସମ୍ବିଧାନ ପ୍ରତି ଅକର୍ମଣ୍ୟତା ଦର୍ଶାଇଥାଏ। ଯଦି ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ କିଏ ହେବ ସ୍ଥିର କରାଯିବ ତେବେ ସମ୍ବିଧାନ ଅନୁସାରେ ନିର୍ବାଚିତ ସଦସ୍ୟମାନେ ସେମାନଙ୍କ ନେତା (ପ୍ରଧାନମନ୍ତ୍ରୀ) ବାଛିବା କଥା କୁହାଯାଏ କାହିଁକି? ଏହା ନିର୍ବାଚିତ ସଦସ୍ୟ ମାନଙ୍କର ଅଧିକାରର ଅବଜ୍ଞା ନୁହେଁକି? ପ୍ରଧାନମନ୍ତ୍ରୀ ହେବା ନାମରେ ନିର୍ବାଚନ ଲଢ଼ିବା ଓ ଜିତିବା ପରେ ପ୍ରଧାନମନ୍ତ୍ରୀ ସର୍ବଶକ୍ତିମାନ ହୋଇଯିବା ସ୍ୱାଭାବିକ୍। ପ୍ରଧାନମନ୍ତ୍ରୀଙ୍କ ନାମ ଏବଂ ଖ୍ୟାତିରେ ନିର୍ବାଚନ ଜିତୁଥିବା ଲୋକେ ପ୍ରଧାନମନ୍ତ୍ରୀଙ୍କ ଆଗରେ ନତମସ୍ତକ ହେବା ସ୍ୱାଭାବିକ ଯେଉଁଥି ପାଇଁ ସମ୍ବିଧାନ ବା ଗଣତନ୍ତ୍ର ନୁହେଁ ଏକଛତ୍ରବାଦ ପ୍ରବୃତ୍ତି ବଢ଼ିବାର ସମ୍ଭାବନା ଅଧିକ। ଏଣୁ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ସରକାରକୁ ଗଣତନ୍ତ୍ରିକ ବୋଲି କୁହାଯିବ କାହିଁକି? ବିଶେଷ କରି ଯେତେବେଳେ ସଂସଦର ପୀଠାଧିଶ ପ୍ରଧାନମନ୍ତ୍ରୀଙ୍କ ନିର୍ଣ୍ଣୟକୁ ଆଖିମୁଦି ସଂସଦର ସ୍ୱୀକୃତି ଦେବାକୁ ନିଜର କର୍ତ୍ତବ୍ୟ ବୋଲି ଭାବିନେବେ ତାକୁ ସାମ୍ବିଧାନିକ ଓ ଗଣତାନ୍ତ୍ରିକ କୁହାଯିବ କେମିତି?

ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ପୀଠାଧିଶ ଶାସକ ଏବଂ ବିରୋଧିଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ। ଏହା ହେଲେ ସଦନର ଗୌରବ ରହିବା ସହ ସଦସ୍ୟଙ୍କ ସମ୍ମାନ ମଧ ରକ୍ଷା ହୋଇ ପାରିବ ଏବଂ ସଦସ୍ୟମାନେ ସେମାନଙ୍କ ସାମ୍ବିଧାନିକ ଦାୟିତ୍ୱ ଠିକ୍ ଭାବରେ ନିର୍ବାହ କରିପାରିବେ। କିନ୍ତୁ ଏହି ଦାୟିତ୍ୱ ନିର୍ବାହନ ପାଇଁ ଉଦାସୀନତା ଏତେ ବଢ଼ିଯାଇଛି ଯେ ଲୋକସଭାର ଉପ-ବାଚସ୍ପତି ପଦ ପାଇଁ ନିର୍ବାଚନ କରାଯାଉନାହିଁ। ସଦନରେ ଶାସକ ଦଳକୁ ଯେତିକି ସୁଯୋଗ୍ୟ ଦିଆଯିବ ସେତିକି ସୁଯୋଗ ବିରୋଧି ପାଇବା ପାଇଁ ହକଦାର କିନ୍ତୁ ତାହା ହେଉନାହିଁ। ବିରୋଧିଦଳ ବିନା ସଂସଦର ପୂର୍ଣ୍ଣତା ନାହିଁ କାରଣ ବିରୋଧି ମଧ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଜିତିଛନ୍ତି। ଏବେ ବିରୋଧିଙ୍କ ପ୍ରତି ଅସମ୍ମାନ, ଅନାଦର ଆକ୍ରମକତା ଅନ୍ୟ ଅର୍ଥରେ ଶତୃତା ବଢ଼ିବା ଗରତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଏଣୁ ଏବେ ଆମେ କେଉଁଠି ସେ ବାବଦରେ ଚିନ୍ତା କରିବାର ସମୟ ଆସିଛି।


**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**


# ଶ୍ରୀଗୁରୁ କଳ୍ପତରୁ ଶରଣ


ଶ୍ରୀଗୁରୁ ଆଶ୍ରିତ ଅତୀଶ


ଆମ ଓଡ଼ିଆ ମାନଙ୍କ ପ୍ରାଣ ମହାପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତର କାମନା ପୂର୍ଣ୍ଣ କରନ୍ତି ବୋଲି ସେ ବାଞ୍ଛାକଳ୍ପତରୁ ବୋଲି ତାଙ୍କୁ କୁହାଯାଏ। ଶ୍ରୀକ୍ଷେତ୍ର ଧାମରେ ମଧ ଶ୍ରୀ ମନ୍ଦିର ପରିସରରେ ରହିଛନ୍ତି କଳ୍ପତରୁ ସେ ମଧ ବାଞ୍ଛା ପୂର୍ଣ୍ଣ କରନ୍ତି। ହେଲେ ଆଜିର ବିଷୟ ଏ କଳ୍ପତରୁ କୌଣସି ବୃକ୍ଷ ନୁହନ୍ତି - ଏ ହେଉଛନ୍ତି ଗୁରୁ କଳ୍ପତରୁ। ଗୁରୁ ସର୍ବଦେବମୟ ହେଇଥିବାରୁ ଗୁରୁ ମଧ ନିଜେ କଳ୍ପତରୁ। ଶ୍ରୀ ନାଭା ଗୋସ୍ୱାମୀଙ୍କ ଭାଷାରେ 'ଭକ୍ତି ଭକ୍ତି ଭଗବନ୍ତ ଗୁରୁ ଚତୁର ନାମ ବାପୁ ଏକ ଇନିକେ ପଦରଜ ବନ୍ଦନ କିଯେ ନାଶତ ବିଘଂ ଅନେକ। ଶ୍ରୀ ଭକ୍ତମାଳ ସିଦ୍ଧାନ୍ତ ଅନୁସାରେ ଭକ୍ତ ଓ ଭଗବାନଙ୍କ ଠାରେ କୌଣସି ଅନ୍ତର ନାହିଁ। ଜୀବନ ସାରା ଭଗବାନଙ୍କୁ ନିରନ୍ତର ହୃଦୟରେ ଧାରଣା, ଗୁରୁନିଷ୍ଠା, ଅହରହ ନାମ ଶ୍ରବଣ, ସାଧୁବୈଷ୍ଣବ ସଙ୍ଗ ଓ ନିଜେ ଭାଗବତମୟ ଜୀବନ ଧାରଣରେ ସେ ନିଜେ ପାଲଟି ଯାଇଥିଲେ କଳ୍ପତରୁ ସେ ହେଉଛନ୍ତି ବୈଷ୍ଣବ କୁଳତିଳକ ନାମଚାର୍ଯ୍ୟ ଶ୍ରୀ ବାୟା ବାବା। ସେଥିପାଇଁତ ସେ କିଛି ଲେଖିବା ପୂର୍ବରୁ ଲେଖୁଥିଲେ 'ଓଁ ଶ୍ରୀଗୁରୁକଳ୍ପତରୁ ଶଚୀନନ୍ଦନ ଶରଣ ମମ'। ଏହା ସିଦ୍ଧ ମନ୍ତ୍ର ରୂପେ ତାଙ୍କର ଭକ୍ତ ସମାଜରେ ପରିଚିତ ଓ ସେଥିପାଇଁ ତାଙ୍କ ଆଶ୍ରମ ନାମ କଳ୍ପତରୁ ଆଶ୍ରମ ଓ ସେବା ସଂଘ ନାମ କଳ୍ପତରୁ ସେବାସଂଘ। ଶ୍ରୀବାୟାଙ୍କ ଆଶ୍ରମରେ ଭକ୍ତଜନ କଳ୍ପନା ଅନୁସାରେ ଫଳଦେବାକୁ ପଞ୍ଚକଳ୍ପତରୁ ଏକ ସାଙ୍ଗରେ ବିରାଜମାନ। ଏହି ପାଞ୍ଚ କଳ୍ପତରୁ ହେଲେ ଭଗବାନ କଳ୍ପତରୁ, ଶ୍ରୀନାମ କଳ୍ପତରୁ, ନିଗମକଳ୍ପତରୁ, ଭାଗବତଶାସ୍ତ୍ର, ଭକ୍ତକଳ୍ପତରୁ, ଶ୍ରୀଗୁରୁ କଳ୍ପତରୁ।

**ଭଗବାନ କଳ୍ପତରୁ:** ଶ୍ରୀ କଳ୍ପତରୁ ଆଶ୍ରମରେ ଶ୍ରୀନୃସିଂହ, ରାଧାକୃଷ୍ଣ, ନିତାଇ ଗୌରାଙ୍ଗ, ଶ୍ରୀଚତୁର୍ଦ୍ଧାମୂର୍ତ୍ତି, ଶିବ ମା' ଅନ୍ନପୂର୍ଣ୍ଣା ଓ ମହାବଳୀ ହନୁମାନଙ୍କ ଶ୍ରୀବିଗ୍ରହ ମାନଙ୍କୁ ଯଥା ବିଧିରେ ପ୍ରାଣ ପ୍ରତିଷ୍ଠା କରି ପୂଜା କରାଯାଉଛି। ଆଉ କେତେକ ଦେବା ଦେବୀଙ୍କ ଶ୍ରୀବିଗ୍ରହ ବାୟାଙ୍କ ପାଖକୁ ଆସିଛନ୍ତି ମନକୁ ମନ ତାଙ୍କ ସେବା ପୂଜା ନେବା ପାଇଁ ଯଥା ବାବା ଖଣ୍ଡିଆ ମଠରେ ଥିବା ସମୟରେ ମାଳ ଜମିଦାରଙ୍କ ଘରେ ପୂଜା ପାଉଥିବା ଶ୍ରୀ ରାହାସ ବିହାରୀ ସ୍ୱପ୍ନରେ ନୃସିଂହ ରୂପ ଧାରଣ କରି ଜମିଦାରଙ୍କୁ କହିଲେ ମତେ ଯଦି କାଲି ସକାଳୁ ସେ ବାବାଜୀକୁ ନଦେବୁ ତାହେଲେ ତୋର ଛାତି ଚିରିଦେବି। ଏହି ଲୀଳା ବାବାଙ୍କ ଜୀବନି ବହି ପଢ଼ିଲେ ଜାଣିବେ। ତେଣୁ ଆଶ୍ରମର ଭଗବାନ କଳ୍ପତରୁ ନିତ୍ୟ।

**ନାମ କଳ୍ପତରୁ:** ୧୯୫୩ ମସିହାରେ ବାବା ବୃନ୍ଦାବନରେ ଅବସ୍ଥାନ କରୁଥିବାବେଳେ ତାଙ୍କ ଶ୍ରୀଗୁରୁଦେବ ପରମବୈଷ୍ଣବଚର୍ଯ୍ୟ ଶ୍ରୀଲ ରାମଦାସ ବାବାଜୀ ମହାଶୟଙ୍କ ସ୍ୱପ୍ନାଦେଶ ପାଇ ପ୍ରଥମେ ଶ୍ରୀଧାମ ବୃନ୍ଦାବନରେ ଅଖଣ୍ଡ ନାମ ପ୍ରତିଷ୍ଠା କରାଗଲା ଯାହା ଆଜି ପର୍ଯ୍ୟନ୍ତ ଚାଲିଛି ଜଗତ ମଙ୍ଗଳପାଇଁ। ତାପରେ କଟକ, କେନ୍ଦ୍ରାପଡ଼ା, ପୁରୀ ଓ ଭୁବନେଶ୍ୱର ଆଶ୍ରମରେ ଅଖଣ୍ଡ ନାମ ପ୍ରତିଷ୍ଠିତ ଆଜି ପର୍ଯ୍ୟନ୍ତ। ଶ୍ରୀ ନାମ ପ୍ରତିଷ୍ଠା କାୟମନୋବାକ୍ୟରେ ବାବାଙ୍କ ଶ୍ରୀଗୁରୁଙ୍କ ଆଦେଶ ଥିଲା ତାହା ତାଙ୍କ ଜୀବ ଜୀବନ ଥିଲା ଠାକୁର ହରିଦାସଙ୍କ ୩ଲକ୍ଷ ନାମ ଜପ କରି ତାଙ୍କ ଜୀବନ ଶ୍ୱାସ ଓ ପ୍ରଶ୍ୱାସରେ ଥିଲା ନାମନୁଶୀଳନ। ସର୍ବଦା ନାମ ଭିତରେ ରହଣି କୁଆଡ଼େ ଗଲେ ସାଙ୍ଗରେ ଅଖଣ୍ଡ ନାମ ସହିତ ଯାତ୍ରା ଏହିପରିକି ମଧ ରାତ୍ରରେ ସେବକ ମାନଙ୍କ ଆଳସ୍ୟ ଯୋଗୁଁ ନାମ ଧ୍ୱନି କମିଆସିଲେ ସଂଗେ ସଂଗେ ତାଙ୍କର ନିଦ୍ରାଭଙ୍ଗ ହୁଏ ଆଉ ନାମ ଧ୍ୱନି ଯେତେ ଉଦଣ୍ଡ ହୁଏ ତାଙ୍କର ସୁଖ ନିଦ୍ରା ହୁଏ। ସେ ନାମ ସେବକ ମାନଙ୍କୁ ଲକ୍ଷ କରି କୁହନ୍ତି ଯେ ନାମ କରିବ ସେ 'ବାୟା'ର ବାପାର ବାପା। ନାମଚାର୍ଯ୍ୟ ବିଶ୍ୱବିଦ୍ୟାଳୟର ଡିଗ୍ରୀ ପରି ଏକ ପଦବୀ ନୁହେଁ - ଏହା ଏକ କାୟମନୋବାକ୍ୟରେ ଆଚରଣ ସିଦ୍ଧ ଅନୁଭବର ସିଦ୍ଧା ଅନ୍ୟ ଏକ ଦିଗରୁ ବିଚାର କଲେ ଯେ ସାଧନା କରେ ସେ ସାଧକ। ସାଧନାରେ ସିଦ୍ଧି ଲାଭ କଲେ ହୁଏ ସିଦ୍ଧା ଆଉ ନିଜେ ସାଧନାରେ ସିଦ୍ଧି ଲାଭ କଲାପରେ ଅନ୍ୟ ମାନଙ୍କୁ ସେହି ସାଧନାରେ ପ୍ରଭୃତ କରାଇଲେ ତାଙ୍କୁ ଗୁରୁ କୁହାଯାଏ। ମାତ୍ର ନାମ ସାଧନାରେ ସିଦ୍ଧିଲାଭ କରି ମଧ ନିତ୍ୟନିରନ୍ତର ସେଥିରେ ନିରତ ରହିବ ଅନ୍ୟକୁ ସେଥିରେ ପ୍ରଭୃତ କରିବା। ଏହି ସବୁ ବାୟାଙ୍କ ଜୀବନରେ ଘଟିଥିଲା। ତେଣୁ ନାମ ଭିତରେ ସବୁବେଳେ ରହି ସେ ପାଲଟି ଗଲେ ନାମକଳ୍ପତରୁ।



**ନିଗମକଳ୍ପତରୁ:** ବେଦର ଅପର ନାମ ନିଗମକଳ୍ପତରୁ। ଆଉ ଶ୍ରୀମଦ ଭାଗବତ ଗ୍ରନ୍ଥ ହେଉଛି ନିଗମକଳ୍ପତରୁର ରସାମୃତ ଫଳ। ବେଦାଧ୍ୟୟନ ସଭିଙ୍କ ପାଇଁ ସହଜ ନୁହେଁ ସେଥିପାଇଁ ଭାଗବତ ହେଉଛନ୍ତି କଳ୍ପତରୁ ରୂପ ପ୍ରସିଦ୍ଧ। ବାୟାଙ୍କ ଜୀବନରେ ଭାଗବତ ଗ୍ରନ୍ଥ ଓତପ୍ରେତ ଭାବରେ ଜଡ଼ିତ। ତାଙ୍କ ୨୪ ବର୍ଷ ମୌନବ୍ରତ କାଳରେ ତାଙ୍କୁ କି କୌଣସି ପ୍ରଶ୍ନ କରୁଥିଲେ ସାଙ୍ଗରେ ରହୁଥିଲା ଏକାଦଶସ୍କନ୍ଦର କୌଣସି ଏକ ପୃଷ୍ଠାକୁ ଖୋଲି ପଢ଼ିବାକୁ କହନ୍ତି ଯାହାଦ୍ୱାରା ସେ ପଚାରିଥିବା ପ୍ରଶ୍ନର ଉତ୍ତର ମିଳିଥାଏ। ୧୯୫୨ ମସିହାରେ ଥରେ ବୃନ୍ଦାବନରେ ରକ୍ତଆମାଶୟ ରୋଗ ଯୋଗୁଁ ବାବା ବହୁତ କଷ୍ଟ ପାଇଲେ ଯାହାଘରେ ରହୁଥିଲେ ଶ୍ରୀ ରାମଜିତୋବେ ଜିଦ ଧରିଲେ ବାୟା ଯଦି ଔଷଧ ନଖାଇବେ ମୁଁ ଦୌଡ଼ି ଲଗାଇ ମାରିବି। ବାବା ତାଙ୍କ ଏହି ହଟ ଯୋଗୁଁ ତାଙ୍କୁ ସୁଦ୍ଧ ଭାବରେ ସଂସ୍କୃତ ଭାଗବତ ପଢ଼ି ବାୟାକୁ ଶୁଣାଇଲେ ଦେହ ଭଲ ହୋଇଯିବ। ସେହି ଅନୁସାରେ ଭାଗବତ ସପ୍ତାହ ଅନୁଷ୍ଠିତ ହେଲା ଯାହାଦ୍ୱାରା ବାବା ସମ୍ପୂର୍ଣ୍ଣ ଭଲ ହୋଇଗଲେ। କହିବାକୁଗଲେ ଭାଗବତ ପ୍ରତି ନିବିଡ଼ ଯୋଗୁଁ ନିଜେ ଭାଗବତମୟ ହୋଇ ଯାଇଥିଲେ।

**ଭକ୍ତ କଳ୍ପତରୁ:** ଭଗବାନ ଯେପରି ଭକ୍ତର ସକାଳ ମନୋବାଞ୍ଛା ପୂର୍ଣ୍ଣ କରନ୍ତି ସେହିପରି ଭଗବାନଙ୍କୁ ହୃଦୟରେ ଧାରଣ କରିଥିବା ଭକ୍ତମାନେ ଅନ୍ୟର ଅଭିଳାଷ ପୂର୍ଣ୍ଣ କରିଥାନ୍ତି। ତାଙ୍କୁ ଯିଏ ଯେତେ ଅସୁବିଧା ସୁବିଧାରେ ଡାକିଛି ଯେତେ ଦୂରରୁ ସେ ପାଖରେ ପହଞ୍ଚିଛନ୍ତି ସମୁ ସମୟରେ ଆଜି ମଧା ତାଛାଡ଼ ସେ ବୈଷ୍ଣବ ବା ଭକ୍ତ ଶେଖର ହୋଇଥିବାରୁ ଅନେକ ଶରୀରୀ ବା ଆଶରୀରୀ ଉଚ୍ଚକୋଟିର ଭକ୍ତ ମହାତ୍ମା ମାନଙ୍କ ନିୟମିତ ଓ ଶୁଭାଗମାନ ହେଉଥିଲା। ଏହି ସଭିଙ୍କୁ ଭଗବାନଙ୍କ ପ୍ରିୟଜନ ଭାବି ସେମାନଙ୍କ ସମାଦର କରୁଥିଲେ। ସଂକ୍ଷପାରେ କହିଲେ ଯେ ଭକ୍ତ-ଭକ୍ତିମୟ ଓ ତାଙ୍କ ପାଇଁ ବିଶ୍ୱ ମଧ ଭକ୍ତ - ଭକ୍ତିମୟ। ତେଣୁ ସେ ନିଜେ ହେଉଛନ୍ତି କଳ୍ପତରୁ।

**ଗୁରୁ କଳ୍ପତରୁ:** 'ମୁଁ ହିଁ ବସଇ ଗୁରୁଦେହେ, ମୋ ତହିଁ ଗୁରୁ ଭିନ୍ନ ନୁହେଁ' ଭକ୍ତି ଗ୍ରନ୍ଥରେ ଗୁରୁଙ୍କୁ ଭଗବାନଙ୍କ ସହିତ ତୁଳନା କରାଯାଇଛି। ଭଗବାନ ସମଷ୍ଟି ଜୀବର କଲ୍ୟାଣ ନିମନ୍ତେ ଶ୍ରୀ ରାମ ଶ୍ରୀକୃଷ୍ଣ ଅବତାର ରୂପରେ ଆସିଥାନ୍ତି ଓ ବ୍ୟଷ୍ଟି ଜୀବନର ଉଦ୍ଧାର ପାଇଁ ଅନନ୍ତ ଶକ୍ତିର ଆଧାର ଶ୍ରୀଭଗବାନ କରୁଣାଶକ୍ତି ହିଁ ମୂର୍ତ୍ତିମାନ ହୋଇ ଗୁରୁ ରୂପରେ ଆସିଥାନ୍ତି ଧରାପୃଷ୍ଠକୁ। ନାମଚାର୍ଯ୍ୟ ଶ୍ରୀ ବାୟାବାବାଙ୍କ ସମଗ୍ର ଲୀଳାରେ ପ୍ରକଟଲୀଳା ଓ ଅପ୍ରକଟ ଲୀଳାରେ କରୁଣା ଭରି ରହିଛି। ଅନେକ ଲୀଳା ରହିଛି ତାଙ୍କ ଜୀବନୀ ପାଠକଲେ ଜଣାପଡ଼ିବ। ଠାକୁର ହରିଦାସଙ୍କ ପରି ସେ ମଧ ନାମସିଦ୍ଧ ଥିଲେ ସାରା ଜୀବନ ନାମ ଓ ଜଗନ୍ନାଥଙ୍କୁ ନିଜର ପ୍ରାଣପ୍ରିୟ କରିଥିଲେ ଦେହତ୍ୟାଗ ପୂର୍ବରୁ କଟକ କଳ୍ପତରୁ ଆଶ୍ରମରେ ଶ୍ରୀ ସିଦ୍ଧ ବଳଦେବଙ୍କ ପରି ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରି ତାଙ୍କୁ ମନ୍ଦିରରେ ସ୍ଥାପନ କରି ସେବା ପୂଜାର ବ୍ୟବସ୍ଥା କରିଥିଲେ। ସେ ଯୋଗୁଁ ତାଙ୍କ ନିତ୍ୟ ସ୍ଥିତି ମଧ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ। ସିଦ୍ଧବକୁଳବନ ନିବାସୀ ନାମଚାର୍ଯ୍ୟ ହରିଦାସ ଠାକୁରଙ୍କ ପରି ତାଙ୍କର ଭାଦ୍ରବ ମାସ ଶୁକ୍ଳପକ୍ଷ ଅନନ୍ତଚତୁର୍ଦ୍ଦଶୀ ତିଥିରେ ବ୍ରହ୍ମମୁହୂର୍ତ୍ତରେ ଇଷ୍ଟ ନାମ ଉଚ୍ଚାରଣ କରି ଦେହତ୍ୟାଗ କରିଥିଲେ। ଜୟ ବାୟା ଜୟ ବାୟା।


**ମୋବାଇଲ୍: ୬୩୭୧୫୮୦୫୨୪**


# ପରମଶାସ୍ତ୍ର ଭାଗବତ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର


ପରମଶାସ୍ତ୍ର ଭାଗବତ। ଭାବ, ଜ୍ଞାନ, ବୈରାଗ୍ୟ ଓ ତତ୍ତ୍ୱ ମାର୍ଗର ପ୍ରଦର୍ଶକ। ଅନ୍ୟ ଅର୍ଥରେ ଭଗବାନଙ୍କ ସାକ୍ଷାତ ସ୍ୱରୂପ ହେଉଛନ୍ତି ଶ୍ରୀମଦ୍‌ଭାଗବତ। ମାନବ କଲ୍ୟାଣ ପାଇଁ କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ ଅଷ୍ଟାଦଶ ପୁରାଣ ଗ୍ରନ୍ଥ ରଚନା କରିବା ପରେ ବିଚାର କଲେ ଯେ ସ୍ୱଳ୍ପ ଆୟୁଷ କାଳ ମଧ୍ୟରେ ଅନନ୍ତ ଶାସ୍ତ୍ରକୁ ଅଧ୍ୟୟନ କରି ସାରତତ୍ତ୍ୱକୁ ପରିଜ୍ଞାତ ହେବା ସମ୍ଭବପର ନୁହେଁ। ତେଣୁ ସକଳ ଶାସ୍ତ୍ରର ସାରତତ୍ତ୍ୱକୁ ସନ୍ନିବିଷ୍ଟ କରି ବ୍ୟାସଦେବ ରଚନା କରିଥିଲେ ଶ୍ରୀମଭାଗବତ ମହାପୁରାଣ। ବେଦ ଚତୁଷ୍ଟୟକୁ କଳ୍ପବୃକ୍ଷ ରୂପେ ଋଷିଗଣ କଳ୍ପନା କରିଥିବାବେଳେ ଶ୍ରୀମଦ୍‌ଭାଗବତ ହେଉଛି ସେହି ବେଦ କଳ୍ପତରୁର ସୁମଧୁର ପକ୍ୱଫଳ। ଏହି ଦିବ୍ୟ ଫଳ ପାଚି ଝଡ଼ିବା ପରେ ଶୁକଦେବ ଏଥିରେ ଚଞ୍ଚୁ ଆଘାତ କରି ସ୍ୱାଦ ଅସ୍ୱାଦନ କଲେ। ଶୁକମୁଖ ଦ୍ୱାରା ନଷ୍ଟ ହୋଇ ସେଥିରୁ ଅମୃତରସ ଝରିଆସିଲା। ବିବିଧ ରସର ଭଣ୍ଡାର ଭାଗବତର ଦିବ୍ୟ ଅମୃତସରକୁ ମର୍ମଜ୍ଞ ରସିକ ପୁରୁଷମାନେ ପାନ କରିବାରେ ଲାଗିଲେ। ବାସ୍ତବରେ ଶ୍ରୀମଦ୍‌ଭାଗବତରେ ଅନେକ ମତର ସମନ୍ୱୟତା ପ୍ରତିପାଦିତ ହୋଇଛି। ଏହି ମହାନ୍ ଗ୍ରନ୍ଥ ହେଉଛି ବିଦ୍ୟାର ଭଣ୍ଡାର। ବାରଟି ସ୍କନ୍ଧରେ ବିଭକ୍ତ ଭାଗବତ ଶାସ୍ତ୍ରରେ ଷଡ଼ ସମ୍ବାଦ ମାଧ୍ୟମରେ ସକାମ କର୍ମ, ନିଷ୍କାମ କର୍ମ, ସକାମ ଓ ନିଷ୍କାମ୍ ଭକ୍ତର ବିବିଧ ସ୍ୱରୂପ, ସାଧନ ଜ୍ଞାନ, ସାଧଜ୍ଞାନ, ମର୍ଯ୍ୟାଦାମାର୍ଗ, ବର୍ଣ୍ଣାଶ୍ରମ ଧର୍ମ, ପୌରୁଷର ସାଧନ, ଅବତାର ରହସ୍ୟ, ଧର୍ମର ଆଶ୍ରୟ, ହରିଭକ୍ତ ରସାମୃତ, ସୃଷ୍ଟିସ୍ଥିତି ପ୍ରଳୟାଦି ବିବରଣ ଓ ଦ୍ୱୈତ-ଅଦ୍ୱୈତ ଦର୍ଶନର ଅବତାରଣା କରାଯାଇଛି। ଏହି ଶାସ୍ତ୍ର ପରମାର୍ଥ ସହିତ ସାଂସାରିକ ଜୀବନକୁ ସୁଖମୟ ଓ ଉନ୍ନତି କରିବା ପାଇଁ ମାର୍ଗଦର୍ଶକ। ସକଳ ବିଘ୍ନନାଶ ପାଇଁ ନାରାୟଣ କବଚ, କାମନା ପୂର୍ତ୍ତି ପାଇଁ ଫୁସବନ ବ୍ରତ, ମନୋବାଞ୍ଛିତ ସନ୍ତାନ ସନ୍ତିତ ପାଇଁ ପୟୋବ୍ରତ, ଋଣମୁକ୍ତି ପାଇଁ ଗଜେନ୍ଦ୍ରସ୍ତୁତି ଆଦି ଅବ୍ୟର୍ଥ ଉପାୟ ସବୁ ଏହି ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। ଇହଲୋକ ଓ ପରଲୋକରେ କଲ୍ୟାଣକାରୀ ଏହି ଶାସ୍ତ୍ରକୁ ପରମହଂସ ସଂହିତା ବୋଲି ମଧ କୁହାଯାଏ।

ବ୍ୟାସରଚିତ ସଂସ୍କୃତ ଭାଗବତର ପ୍ରଥମ ଟୀକାକାର ହେଉଛନ୍ତି ଆଚାର୍ଯ୍ୟ ଶ୍ରୀଧରସ୍ୱାମୀ। ଶ୍ରୀଧରଙ୍କ ଟୀକା ପରେ ଭାଗବତ ଶାସ୍ତ୍ର ଭାରତବର୍ଷର ମୁଖ୍ରକାମୀ ଅଗଣିତ ବିଦ୍ୱାନ ଓ ଶ୍ରଦ୍ଧାଳୁଙ୍କ ପଥପ୍ରଦର୍ଶକ ସାଜିଥିଲା। ଏହି ଟୀକା ମାଧ୍ୟମରେ ଭକ୍ତଗଣ ଭାଗବତର ମର୍ମ ବୁଝିବାକୁ ସକ୍ଷମ ହୋଇଥିଲେ। ପଞ୍ଚଦଶ ଶତାବ୍ଦୀର ଶେଷଭାଗରେ ଉତ୍କଳଭୂମିରେ ପଞ୍ଚସାଖା ଯୁଗୀୟ ଜ୍ଞାନାମିଶ୍ରିତ ଭକ୍ତିମାର୍ଗର ପ୍ରଚାର ହୋଇଥିଲା। ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଅତିବଡ଼ି ଜଗନ୍ନାଥ ଦାସଙ୍କ ଦ୍ୱାରା ଓଡ଼ିଆ ଭାଗବତ ରଚନା କରାଯାଇଥିଲା। ନିଜ ଜନନୀର ଇଛା ପୂରଣ କରିବାକୁ ଯାଇ ଯେଉଁ ମହାଶାସ୍ତ୍ର ରଚିତ ହେଲା, ତାହା ଆଜି ବି ଉତ୍କଳୀୟଙ୍କ ମାର୍ଗଦର୍ଶକ ସାଜିଛି। ପୁରୀ ନିକଟସ୍ଥ କପିଳେଶ୍ୱରପୁର ବ୍ରାହ୍ମଣଶାସନରେ ରାଧାଷ୍ଟମୀରେ ଜନ୍ମ ନେଇଥିଲେ ଜଗନ୍ନାଥ। ପୁରାଣପଣ୍ଡା ଭଗବାନ ଦାଶ ତାଙ୍କର ପିତା ଓ ମାତାଙ୍କ ନାମ ପଦ୍ମାବତୀ। ପିତାଙ୍କ ଦେହାନ୍ତେ ତାଙ୍କୁ ବଡ଼ଦେଉଳରେ ପୁରାଣ ପଢ଼ିବା ବୃତ୍ତିକୁ ଆଦରିନେବାକୁ ପଡ଼ିଥିଲା। ଏହା କିନ୍ତୁ ଥିଲା ମଣିକାଞ୍ଚନ ସଂଯୋଗ। ଆବାଲ୍ୟ ହରିଭକ୍ତ ଜଗନ୍ନାଥଙ୍କୁ ମିଳିଲା ମହାପ୍ରଭୁଙ୍କ ନିକଟରେ ବସି ତାଙ୍କରି ଯଶରାଶିକୁ ପଠନ ଓ ମନନ କରିବାର ଅହୋଭାଗ୍ୟ। ତେବେ ଗୋଟିଏ ଦୁଃଖ। ନିଜର ଅପାଠୋଇ ମାତା ବୁଝିପାରୁ ନାହାନ୍ତି ସଂସ୍କୃତ ଭାଗବତର ଅର୍ଥ। ଜନନୀଙ୍କ ଇଛା ଦୂର କରିବାକୁ ମନରେ ଚିନ୍ତା କରି ପରମେଶ୍ୱରଙ୍କୁ ସେ ଧ୍ୟାନ କଲେ। ସରଳ ସୁନ୍ଦର ନବାକ୍ଷରୀ ବୃତ୍ତରେ ଆରମ୍ଭ କଲେ ସଂସ୍କୃତ ଭାଗବତର ଓଡ଼ିଆ ଅନୁବାଦ। ନିଜେ ରଚନା କରିଥିବା ପଂକ୍ତିଗୁଡ଼ିକୁ ପ୍ରଥମେ ଜଗନ୍ନାଥଙ୍କୁ ଶୁଣାଇ ଦାସେ ବଟଗଣେଶ ମୂଳେ ବସି ପୁରାଣ ପାଠ କରନ୍ତି। ଏକଦା ଭେଟ ହେଲେ ଶ୍ରୀଚୈତନ୍ୟ ମହାପ୍ରଭୁ। ଦାସଙ୍କ ଭାଗବତ ଚର୍ଚ୍ଚାରେ ମୁଗ୍ଧ ହୋଇ ମୁଣ୍ଡରେ ଭିଡ଼ିଦେଲେ ନିଜର ଉତ୍ତରୀୟ। ସହର୍ଷେ କୋଳାଗ୍ରତ କରିବା ସହ ସେଇଦିନ ଭୂଷିତ କରିଥିଲେ ଅତିବଡ଼ି ଉପାଧିରେ। ଅନେକ କଠିନ ପରୀକ୍ଷାର ସମ୍ମୁଖୀନ ହୋଇ ନିଜ ଭକ୍ତିର ପରାକାଷ୍ଠା ବଳରେ ରାଜା ପ୍ରତାପରୁଦ୍ରଙ୍କୁ ଚମକତ୍ତ କରିବା ପରେ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିଲା ବଡ଼ ଓଡ଼ିଆମଠ। କିନ୍ତୁ ନିଜର ସାଧନା ପାଇଁ ସେ ନିର୍ଜନ ବେଳାଭୂମିରେ ସ୍ଥାପନ କରିଥିଲେ ସାତଲହଡ଼ି ମଠ। ଏଠାରେ ରହି ରଚନା କଲେ ଓଡ଼ିଆ ଭାଗବତ ଏକାଦଶ ସ୍କନ୍ଧରେ ଶ୍ରୀକୃଷ୍ଣଙ୍କ ସ୍ୱଧାମ ଗମନଲୀଳା। ଲେଖିସାରିବାର ଅଳ୍ପଦିନ ପରେ ମାଘ ଶୁକ୍ଳ ସପ୍ତମୀରେ ତାଙ୍କର ଲୀଳାବସାନ ହୋଇଥିଲା। ସନ୍ଥକବି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ମୂଳ ଭାଗବତ ଆଧାରରେ ରଚିତ ହୋଇଥିଲେ ବି ଏହା ଆକ୍ଷରିକ ଅନୁବାଦ ନୁହେଁ। ପ୍ରକୃତ ଭାଷାରେ ରଚିତ ଏହି କୃଷ୍ଣ ରଚିତ ଗାଥା। ଏଥିରେ କବିଙ୍କର ଭାଷା ଚାତୁରି ଓ କାବ୍ୟକତା ଅନନ୍ୟ ଭାବେ ପ୍ରତିପାଦିତ। ଜଗନ୍ନାଥ ଦାସ ମୋଟ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତ ରଚନା କରିଥିବାବେଳେ ମହାଦେବ ଦାସଙ୍କ ରଚିତ ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ମଧ ଉପଲବ୍ଧ ହୁଏ। ତେବେ ମଧ୍ୟଯୁଗୀୟ ଓଡ଼ିଶାରେ ଭାଗବତ ହିଁ ଧର୍ମ ଆନ୍ଦୋଳନରେ ମୁଖ୍ୟ ପୁରୋଧା ଥିବା ଗବେଷକମାନେ ମତ ଦିଅନ୍ତି। ଏହା ଷୋଡ଼ଶ ଶତାବ୍ଦୀ ଠାରୁ ଉତ୍କଳୀୟ ଧର୍ମଧାରାକୁ ଅନେକ ପରିମାଣରେ ପ୍ରଭାବିତ କରିଆସୁଛି। ଲୋକେ କଥାକଥାରେ ଭାଗବତ ପଂକ୍ତି ଉଦ୍ଧାର କରନ୍ତି। ପ୍ରତିଘରେ ଭାଗବତକୁ ପୂଜା କରାଯାଉଥିବାବେଳେ ଗାଁ ଗାଁରେ ଭାଗବତ ଟୁଙ୍ଗୀ ମାଧ୍ୟମରେ ଜ୍ଞାନଚର୍ଚ୍ଚା ହୋଇପାରୁଥିଲା। ଭାଦ୍ରବ ପୂର୍ଣ୍ଣିମାରେ ଜଗନ୍ନାଥ ଦାସ ଭାଗବତ ଲେଖା ଆରମ୍ଭ କରିଥିବା ଜନଶ୍ରୁତି ଆଧାରରେ ଏହି ଦିନ ଭାଗବତ ଜନ୍ମ ଓ ଆଷାଢ଼ ଗୁରୁ ପୂର୍ଣ୍ଣିମାରେ ବଡ଼ା ଉତ୍ସବ ପାଳିତ ହେଉଥିଲା। ଏବେ କିନ୍ତୁ ଆଧୁନିକତା ନାମରେ ଏହିସବୁ ବୈଭବ ଲୋପ ପାଇଯାଉଥିବା ଦେଖାଯାଉଛି। ତେବେ ପରମଶାସ୍ତ୍ର ଭାଗବତ ଅଭ୍ୟାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିଜର କଲ୍ୟାଣ ପାଇଁ ତଥା ଆତ୍ମୋଦ୍ଧାର ପାଇଁ ନିରନ୍ତର ଭାଗବତ ରସ ଆସ୍ୱାଦନ କରିବା ଆବଶ୍ୟକ। ଏହାଦ୍ୱାରା ମାନବ ଜୀବନ ଚରିତାର୍ଥ ହୋଇଥାଏ।


ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି **ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**





# 'ରାହୁଲ ଜଣେ ଅଳସୁଆ ରାଜନେତା'

■ ବିଦେଶ ଗସ୍ତକୁ ନେଇ ବିଜେପିର କଟାକ୍ଷ



ନୂଆଦିଲ୍ଲୀ,୮।୯: କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିଦେଶ ଗସ୍ତକୁ ନେଇ ବିଜେପିର କଟାକ୍ଷ। ରାହୁଲ ଜଣେ 'ଅଳସୁଆ ରାଜନେତା'। ସିଏ ବିଦେଶ ନଯାଇ ଚାଷୀଙ୍କ ସମସ୍ୟା ଦେଖିବା ପାଇଁ ବନ୍ୟା ପ୍ରଭାବିତ କର୍ଣ୍ଣାଟକ ଏବଂ ପଞ୍ଜାବ ଗସ୍ତ କରିବା ଉଚିତ ଥିଲା। ଏଭଳି କହିଛନ୍ତି, ଶାସକ ଦଳ ନେତା ରବିଶଙ୍କର ପ୍ରସାଦ। ସେ କହିଛନ୍ତି, ରାହୁଲଙ୍କୁ ତାଙ୍କ ଛୁଟି ପାଇଁ ଶୁଭକାମନା। ସେତେବେଳେ ଜଣେ ସାଧାରଣ ରାଜନେତା, ଏହା କହିବା ସ୍ୱାଭାବିକ - ଏବେ ମୁଁ ବହୁତ କାମ କରିସାରିଛି। ମୋତେ ଟିକେ ବିଶ୍ରାମ ନେବାକୁ ଦିଅ। କିନ୍ତୁ ମୁଁ ରାହୁଲ ଗାନ୍ଧୀଙ୍କୁ ମନେ ପକାଇ ଦେବାକୁ ଚାହୁଁଛି ଯେ ସାର୍ବଜନୀନ ଜୀବନରେ କୌଣସି ଛୁଟି ନାହିଁ ପ୍ରସାଦ କହିଛନ୍ତି, ଯଦି ଆପଣ ଜଣେ ନେତା, ତେବେ ଆପଣଙ୍କୁ ସବୁବେଳେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ରହିବା ଉଚିତ। କେବଳ ସେତିକି ନୁହେଁ ସେ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ସିଏ କଂଗ୍ରେସ ଶାସିତ କର୍ଣ୍ଣାଟକର କାଲାବୁର୍ଗୀର ଜଣେ ଚାଷୀଙ୍କୁ ଗାଳି ଦେଇଥିଲେ, ଯିଏ ତାଙ୍କୁ କହିଥିଲେ ଯେ ପ୍ରବଳ ବର୍ଷା ଯୋଗୁଁ ତାଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଛି। ଖଡ଼ଗେ ଚାଷୀଙ୍କୁ କହିଥିଲେ ଯେ ତାଙ୍କର ୪୦ ଏକର ଜମି ଅଛି ଏବଂ ସେ ମଧ୍ୟ କ୍ଷତି ସହିଛନ୍ତି। ପ୍ରସାଦ ଏହାକୁ ଖଡ଼ଗେଙ୍କ ଅହଂକାର ବୋଲି କହିଛନ୍ତି। ପୂର୍ବରୁ, ବିଜେପି ଆଇଟି ମୁଖ୍ୟ ଅମିତ ମାଲବ୍ୟ ଦାବି କରିଥିଲେ, ରାହୁଲ ଗୁପ୍ତରେ ଛୁଟି ପାଇଁ ମାଲେସିଆର ଲାଙ୍କାୱି ଯାଇଥିଲେ। "ବିହାର ରାଜନୀତିର ଗରମ ଏବଂ ଧୂଳି କଂଗ୍ରେସ ଯୁବରାଜଙ୍କ ପାଇଁ ଅତ୍ୟଧିକ ଥିଲା, ତେଣୁ ତାଙ୍କୁ ଶୀଘ୍ର ଛୁଟି ନେବାକୁ ପଡିଲା ନା ଏହା ସେହି ଗୁପ୍ତ ବୈଠକ ମଧ୍ୟରୁ ଗୋଟିଏ ଯାହା ବିଷୟରେ କେହି ଜାଣିବା ଉଚିତ୍ ନୁହେଁ?"


## ଲାଲକିଲ୍ଲା କଳସ ଚୋରି ଘଟଣା ଗିରଫ ହେଲା ଚୋର



ନୂଆଦିଲ୍ଲୀ, ୮।୯: କଳସ ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ। ସିସିଟିଭି ଫୁଟେଜ୍ ଆଧାରରେ ଉତ୍ତରପ୍ରଦେଶର ହାପୁଡ଼ ଜିଲ୍ଲାରୁ ଚୋରକୁ ଗିରଫ କରିବାରେ ସଫଳ ହୋଇଛି। ପଚରାଉଚରା ସମୟରେ ଅଭିଯୁକ୍ତ ପ୍ରକାଶ କରିଛି ଯେ ଗୋଟିଏ ନୁହେଁ ବରଂ ତିନୋଟି କଳସ ଚୋରି ହୋଇଛି, ଯେଉଁଥିରୁ ଗୋଟିଏ ଉଦ୍ଧାର ହୋଇସାରିଛି। ଅନ୍ୟ ଅଭିଯୁକ୍ତ ଏବଂ ଦୁଇଟି କଳସକୁ ଉଦ୍ଧାର କରିବା ପାଇଁ ଚଢାଉ ଜାରି ରହିଛି। ଦିଲ୍ଲୀର ଲାଲକିଲ୍ଲାରେ ଜୈନ ଧର୍ମର ଏକ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଚୋର ସୁଯୋଗ ଦେଖି ଏକ କୋଟି ଟଙ୍କାରୁ ଅଧିକ ଦାମର ଏକ କଳସ ଚୋରି କରିନେଇଥିଲା। ଏହି କଳସରେ ୭୬୦ ଗ୍ରାମର ସୁନା, ୧୫୦ ଗ୍ରାମର ହୀରା, ମାଣିକ, ମୋତି ଆଦି ଲାଗିଥିଲା।

# ପ୍ରଥମ ଥର ସମ୍ପୂର୍ଣ୍ଣ ଡିଜିଟାଲ୍ ମୋଡ଼ରେ ଜନଗଣନା

■ ମୋବାଇଲ୍ ଆପ୍ ଜରିଆରେ ହେବ ତଥ୍ୟ ଅପଲୋଡ୍




ନୂଆଦିଲ୍ଲୀ, ୮।୯: ଆସନ୍ତା ବର୍ଷ ଅର୍ଥାତ୍ ୨୦୨୭ରେ ଜାତୀୟ ଜନଗଣନା। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି। ଏଥର ଜାତୀୟ ଜନଗଣନା ସମ୍ପୂର୍ଣ୍ଣ ଭାବେ ଡିଜିଟାଲ୍ ମୋଡ଼ରେ ହେବ। ପ୍ରାୟ ୩୪ଲକ୍ଷ କର୍ମଚାରୀ ନିଜ ସ୍ମାର୍ଟଫୋନ୍ ମାଧ୍ୟମରେ କାମ କରିବେ। ରେଜିଷ୍ଟ୍ରାର ଜେନେରାଲଙ୍କ ଦ୍ୱାରା ମୁହାୟନ ହୋଇଥିବା ପର୍ଯ୍ୟବେକ୍ଷକ ଏବଂ ଜନଗଣନା ପାଇଁ ନିଯୋଜିତ କର୍ମଚାରୀମାନେ ନିଜ ସ୍ମାର୍ଟ ଫୋନରେ ତଥ୍ୟ ସଂଗ୍ରହ କରି ଏକ ଆପ୍ଲିକେସନ୍ ମାଧ୍ୟମରେ ଡାଟାକୁ ସେଣ୍ଟ୍ରାଲ୍ ସର୍ଭରରେ ଟ୍ରାନ୍ସଫର କରିବେ।

ଏକ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆସନ୍ତା ବର୍ଷ ହେବାକୁ ଥିବା ଜନଗଣନା କାର୍ଯ୍ୟରେ ସମସ୍ତ କର୍ମଚାରୀ ତଥ୍ୟ ସଂଗ୍ରହ ପାଇଁ ଏକ ମୋବାଇଲ୍ ଆପ୍ଲିକେସନକୁ ବ୍ୟବହାର କରିବେ। ତେବେ ଏହି ଆପ୍ ୨୦୨୧ ଜନଗଣନା କାର୍ଯ୍ୟ ପାଇଁ ବିକଶିତ କରାଯାଇଥିଲା। ଏହି ଅପ୍ଲିକେସନ ଆଣ୍ଡ୍ରୋଏଡ୍ ଓ ଆଇଓଏସ୍ ଅପରେଟିଂ ସିଷ୍ଟମରେ ସପୋର୍ଟ କରିବ। ଏଥିରେ ଇଂରାଜୀ ସହିତ ଅନ୍ୟ ଭାଷା ମଧ୍ୟ ଉପଲବ୍ଧ ରହିବ। ସୂଚନା ଅନୁଯାୟୀ, ୪ ବର୍ଷ ପୂର୍ବରୁ ଏହି ଆପ୍ଲିକେସନକୁ ଡିଜିଟାଲ୍ ଜନଗଣନା ପାଇଁ ସମ୍ପୂର୍ଣ୍ଣ ଭାବେ ବିକଶିତ କରାଯାଇଛି। ଏଥିରେ ସରଳ ସେଟିଂସ୍ ରହିଛି, ଯାହାକୁ ଜନଗଣନା କର୍ମଚାରୀମାନେ ସହଜରେ ବ୍ୟବହାର କରିପାରିବେ।

ସୂଚନା ଅନୁଯାୟୀ, ୨୦୧୧ରେ ସାମାଜିକ ଏବଂ ଆର୍ଥିକ ଜାତି ଜନଗଣନା ସମୟରେ କର୍ମଚାରୀମାନେ ଟାବଲେଟ୍ ବିନା କାଗଜ କଲମ ବ୍ୟବହାର କରି ତଥ୍ୟ ସଂଗ୍ରହ କରିଥିଲେ। ଏହି କାମ ପାଇଁ ସେମାନଙ୍କୁ ଟାବଲେଟ୍ ଦିଆଯାଇଥିଲା, ଯାହାକୁ ଭାରତ ଇଲେକ୍ଟ୍ରୋନିକ୍ ଲିମିଟେଡ୍ ଉପଲବ୍ଧ କରାଇଥିଲା। ରିପୋର୍ଟରେ କୁହାଯାଇଛି, ଜନଗଣନା ସମ୍ପୂର୍ଣ୍ଣ ଡିଜିଟାଲ ମୋଡରେ ହେବା ଯୋଗୁ ୨୦୨୭ ସେନସସ୍ ପ୍ରଥମ ଥର ପାଇଁ ସମସ୍ତ ସମୁଦାୟ ଏବଂ ଅଣସମୁଦାୟଙ୍କ ଘର ଗୁଡ଼ିକୁ ଜିଓ ଟ୍ୟାଗିଂ କରାଯିବ।

ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି, ଯଦି ଜନଗଣନା କର୍ମଚାରୀ କୌଣସି ବୈଷୟିକ ତ୍ରୁଟି ପାଇଁ କାଗଜ କଲମ ବ୍ୟବହାର କରନ୍ତି, ତେବେ ସେମାନେ ସମସ୍ତ ତଥ୍ୟକୁ ଏକ ନିର୍ଦ୍ଦିଷ୍ଟ ପୋର୍ଟାଲରେ ଅପଲୋଡ଼ କରିବେ। କାରଣ ପରେ ଯେପରି ଏହାକୁ ସ୍କାନିଂ କିମ୍ବା ଡାଟା ଏଣ୍ଟ୍ରି କରିବାକୁ ପଡ଼ିବ ନାହିଁ। ତେବେ ପ୍ରଥମ ଥର ପାଇଁ ଜନଗଣନା, କର୍ମଚାରୀଙ୍କ ସ୍ତରରେ ଡିଜିଟାଲାଇଜେସନ୍ କରାଯିବ। ଏହାଦ୍ୱାରା ଜାତୀୟ ଜନଗଣନାର ରେଜଲ୍ଟ ଶୀଘ୍ର ଆସିବାର ସମ୍ଭାବନା ରହିଛି।...

## ହମାସକୁ ଟ୍ରମ୍ପଙ୍କ ଶେଷ ଧମକ



ୱାଶିଂଟନ,୮।୯: ଏପର୍ଯ୍ୟନ୍ତ ବନ୍ଦ ହୋଇନାହିଁ ଇସ୍ରାଏଲ ଏବଂ ହମାସ ଯୁଦ୍ଧ। ଏହି ଯୁଦ୍ଧ ଲଗାତାର ଭାବେ ୨ ବର୍ଷ ଧରି ହୋଇ ଆସୁଛି। ଯେଉଁଥିରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଛି। ଏହାରି ମଧ୍ୟରେ ଡୋନାଲ୍ଡ ଟ୍ରମ୍ପ ହମାସକୁ ଶେଷ ଚେତାବନୀ ଦେଇଛନ୍ତି। ଇସ୍ରାଏଲ ବନ୍ଧକମାନଙ୍କ ମୁକ୍ତ କରିବାକୁ ଟ୍ରମ୍ପ ସୋସିଆଲ ମିଡିଆରେ ଏକ ପୋଷ୍ଟରେ କହିଛନ୍ତି। ସୂଚନାନୁଯାୟୀ, ସମସ୍ତ ବନ୍ଧକ ଘରକୁ ଫେରିବାକୁ ଚାହାଁନ୍ତି ବୋଲି କହିଛନ୍ତି ଟ୍ରମ୍ପ। ଏହା ସହିତ ଆହୁରି ମଧ୍ୟ କହିଛନ୍ତି ଯୁଦ୍ଧ ଶେଷ ହେଉ ହେଉ ବୋଲି ସମସ୍ତେ ଚାହିଁଛି। ଇସ୍ରାଏଲ ଟ୍ରମ୍ପଙ୍କ ସର୍ତ୍ତାବଳୀରେ ରାଜି ହୋଇଛି। ଏବେ ହମାସର ସମୟ। ଯାହା ହମାସକୁ ଟ୍ରମ୍ପଙ୍କ ଶେଷ ଚେତାବନୀ। ୭ ଅକ୍ଟୋବର ୨୦୨୩ର ହମାସର ଆକ୍ରମଣରେ ହଜାରରୁ ଅଧିକ ଲୋକଙ୍କ ଜୀବନହାନି ଘଟିଥିଲା। ଯାହା ପରେ ଇସ୍ରାଏଲ ହମାସ ବିରୋଧରେ ଏକ ଅଭିଯାନ ଆରମ୍ଭ କରିଥିଲା। ଏହାରି ମଧ୍ୟରେ ହମାସର ସୂଚନାନୁଯାୟୀ, ଇସ୍ରାଏଲ ଆକ୍ରମଣରେ ୬୩ ହଜାରରୁ ଅଧିକ ପେଲେଷ୍ଟାଇନୀଙ୍କ ମୃତ୍ୟୁ ହୋଇଥିବାବେଳେ ୧,୬୦,୯୧୪ ଜଣ ଆହତ ହୋଇଛନ୍ତି। ଅନ୍ୟପଟେ ଏଥିରେ ଅନେକ ନାଗରିକ ଘରକୁ ଫେରି ଆସିଥିଲାବେଳେ ଆଉ କିଛି ଜଣଙ୍କର ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ୨୦ ଜଣ ଜୀବିତ ରହିଥିବା ସୂଚନା ମିଳିଛି। ଏହା ପୂର୍ବରୁ ଟ୍ରମ୍ପ ହମାସକୁ ବନ୍ଧକ ବିଷୟରେ ଅନେକ ଥର ଚେତାବନୀ ଦେଇଛନ୍ତି କିନ୍ତୁ ଏହା ତାଙ୍କର ଶେଷ ଚେତାବନୀ ବୋଲି ସେ କହିଛନ୍ତି।

# ମିଜୋରାମ ଭାରତର ସବୁଠୁ ଶିକ୍ଷିତ ରାଜ୍ୟ



ନୂଆଦିଲ୍ଲୀ, ୮।୯: ଯେତେବେଳେ ଭାରତର ସବୁଠାରୁ ଶିକ୍ଷିତ ରାଜ୍ୟ ବିଷୟରେ କଥା ଉଠେ, ସେତେବେଳେ ପ୍ରଥମେ କେରଳର ନାମ ମନରେ ଆସେ। କିନ୍ତୁ ଏବେ କେରଳ ଭାରତର ସବୁଠାରୁ ଶିକ୍ଷିତ ରାଜ୍ୟ ନୁହେଁ, ଏହି ଟାଇଟଲ ଏବେ ଅନ୍ୟ ଏକ ରାଜ୍ୟ ହାତେଇଛି। ଆଜି, ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ, ଚାଲନ୍ତୁ ଜାଣିବା ଦେଶର ସବୁଠାରୁ ଅଧିକ ସାକ୍ଷର ରାଜ୍ୟ କେଉଁଟି। ୨୦୨୫ ତଥ୍ୟ ଅନୁଯାୟୀ, ସର୍ବାଧିକ ସାକ୍ଷରତା ହାର ଥିବା ଭାରତୀୟ ରାଜ୍ୟ ହେଉଛି ମିଜୋରାମ, ଯାହାର ସାକ୍ଷରତା ହାର ୯୮.୨%, କେରଳଠାରୁ ଆଗରେ।ଉଚ୍ଚ ସାକ୍ଷରତା ପାଇଁ ଜଣାଶୁଣା କେରଳ ଏବେ ୯୫.୩% ସାକ୍ଷରତା ହାର ସହିତ ଚତୁର୍ଥ ସ୍ଥାନରେ ଅଛି। ଅନ୍ୟପକ୍ଷରେ, ଲକ୍ଷଦ୍ୱୀପ ୯୭.୩% ସାକ୍ଷରତା ହାର ସହିତ ସବୁଠାରୁ ଅଧିକ ସାକ୍ଷର କେନ୍ଦ୍ରଶାସିତ ଅଞ୍ଚଳ। ସେପ୍ଟେମ୍ବର ୮ରେ ସାରା ବିଶ୍ୱରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ୨୦୨୫ ର ବିଷୟବସ୍ତୁ ହେଉଛି 'ଡିଜିଟାଲ୍ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା', ଯାହା ଡିଜିଟାଲ୍ ବିପ୍ଳବରେ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବାର ଆବଶ୍ୟକତାକୁ ଆଲୋକପାତ କରେ ଏବଂ ନିଶ୍ଚିତ କରେ ଯେ କେହି ପଛରେ ନ ରହନ୍ତି।

# ମନସା ଦେବୀ ପାହାଡ଼ରେ ଭୂସ୍ଖଳନ, ଟ୍ରେନ ଚଳାଚଳ ବାଧାପ୍ରାପ୍ତ



ହରିଦ୍ୱାର, ୮।୯: ଉତ୍ତରାଖଣ୍ଡ ହରିଦ୍ୱାର ହରକି ପୋଡି ନିକଟ ମନସା ଦେବୀ ପାହାଡ଼ରେ ଭୂସ୍ଖଳନ ହୋଇଛି। ଫଳରେ ହରିଦ୍ୱାର ଡେରାଡୁନ-ରିଷିକେଶ ରେଳମାର୍ଗରେ ବାଧା ଉପୁଜିଛି। ପ୍ରବଳ ବର୍ଷା ଯୋଗୁଁ ମନସା ଦେବୀ ପାହାଡରୁ ମାଟି ଧସି ରେଳ ଟ୍ରାକରେ ପଡିଛି। ରେଳ ଧାରଣା ନିକଟରେ ଥିବା ଏକ ଶିବ ମନ୍ଦିର ମଧ୍ୟ ଭୂସ୍ଖଳନରେ ଭାଙ୍ଗି ଯାଇଛି। ତେବେ ଗତ କିଛିଦିନ ତଳେ ମଧ୍ୟ ଏହି ସ୍ଥାନରେ ଭୂସ୍ଖଳନ ହେବା ଯୋଗୁଁ ରେଳ ମାର୍ଗ ଅବରୋଧ ହୋଇଥିଲା। ତେଣୁ ରେଲୱେ ତରଫରୁ ପାହାଡ ଏବଂ ରେଳ ଟ୍ରାକ ନିକଟରେ ଲୁହାର ବଡ଼ ଜାଲ ଲଗାଯାଇଥିଲା। କିନ୍ତୁ ଏହାସତ୍ତ୍ୱେ ମଧ୍ୟ ବଡ଼ ବଡ଼ ପଥର ଖଣ୍ଡ ଲୁହା ଜାଲ ଭାଙ୍ଗି ରେଳ ଟ୍ରାକରେ ପଡିଛି। ଫଳରେ ହରିଦ୍ୱାର-ଡେରାଡୁନ-ଋଷିକେଶ ରେଳ ମାର୍ଗରେ ଡଜନରୁ ଅଧିକ ଟ୍ରେନ ପ୍ରଭାବିତ ହୋଇଛି।


ପ୍ରଶାସନ ଏବଂ ରେଲୱେ ଟିମ୍ ଘଟଣା ସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ଗ୍ୟାସ କଟର ଜରିଆରେ ଜାଲ୍ କାଟିବା ସହିତ ଜେସିବି ମେସିନ ଟ୍ରାକରୁ ପଥର ହଟାଉଛି। ତେବେ ବଡ଼ ବଡ଼ ପଥର ଟ୍ରାକରେ ପଡ଼ିଥିବା ଯୋଗୁଁ ଏହାକୁ ହଟାଇବାକୁ ସମୟ ଲାଗୁଛି।

## ୨୪ ମହଲା କୋଠାରେ ଭୟଙ୍କର ଅଗ୍ନିକାଣ୍ଡ : ଜଣେ ମୃତ, ୧୮ ଆହତ



ମହାରାଷ୍ଟ୍ର, ୮।୯: ମୁମ୍ବାଇର ଦହିସରରେ ଏକ ଉଚ୍ଚ କୋଠାର ୨୪ତମ ମହଲାରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏପରି ଘଟଣା ଅପରାହ୍ନ ପ୍ରାୟ ୩ଟା ସମୟରେ ଘଟିଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ସୂଚନା ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଏବଂ ପୋଲିସକୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୂଚନାନୁଯାୟୀ, ଅଗ୍ନିକାଣ୍ଡ ନିୟନ୍ତ୍ରଣ ପାଇଁ ୭ଟି ଅଗ୍ନିଶମ ବାହିନୀ ଗାଡ଼ି ନିୟୋଜିତ ହୋଇଥିଲା। ଦୀର୍ଘ ୩ ଘଣ୍ଟା ପରେ ନିଆଁକୁ ନିଅନ୍ତ୍ରଣ କରିବାରେ ଅଗ୍ନିଶମ ବାହିନୀ ସଫଳ ହୋଇଥିଲେ। ଏଥିରେ ମହିଳା, ପୁରୁଷ ଏବଂ ପିଲା ସମେତ ୩୬ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ପରେ ସମସ୍ତଙ୍କ ଚିକିତ୍ସା ପାଇଁ ନିକଟସ୍ଥ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରୋହିତ ହସ୍ପିଟାଲରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଭିନ୍ନକ୍ଷମ ଝିଅର ଅବସ୍ଥା ଗୁରୁତର ରହିଛି। ଏହା ସହିତ ଅନ୍ୟ ୫ଜଣଙ୍କର ଚିକିତ୍ସା ଚାଲୁ ରହିଛି। ନର୍ଦର୍ଣ୍ଣ କେୟାର ହସ୍ପିଟାଲରେ ୧୦ ଜଣଙ୍କୁ ଭର୍ତ୍ତି କରାଯାଇଛି, ଯେଉଁଥିରୁ ଜଣେ ୪ ବର୍ଷର ଶିଶୁର ଅବସ୍ଥା ଗୁରୁତର ରହିଛି। ପ୍ରଗତି ଏବଂ ଶତାବ୍ଦୀ ହସ୍ପିଟାଲରେ ପ୍ରତ୍ୟେକ ଜଣଙ୍କୁ ଭର୍ତ୍ତି କରାଯାଇଛି। ସର୍ଟ ସର୍କିଟ କାରଣରୁ ଏପରି ଘଟିଥିବା ଅନୁମାନ କରାଯାଉଛି। କିନ୍ତୁ ଏହାର କାରଣ ସ୍ପଷ୍ଟ ଭାବେ ଜଣାପଡିନାହିଁ।

## ଏମ୍ସରେ ପ୍ରଥମ ଥର ହେଲା ଭ୍ରୁଣ ଦାନ



ନୂଆଦିଲ୍ଲୀ , ୮।୯: ଦିଲ୍ଲୀରେ ଏକ ଐତିହାସିକ ପ୍ରୟାସ କରାଯାଇଛି। ଏମ୍ସକୁ ପ୍ରଥମ ଥର ଭ୍ରୁଣ ଦାନ ମିଳିଛି। ଏହି ପଦକ୍ଷେପ ଏକ ପରିବାରର ଯନ୍ତ୍ରଣାକୁ ସମାଜ ଓ ବିଜ୍ଞାନର ଶକ୍ତିରେ ବଦଳାଇବାର ଉଦାହରଣ। ୩୨ ବର୍ଷୀୟା ବନ୍ଦନା ଜୈନଙ୍କ ପାଞ୍ଚ ମାସରେ ଗର୍ଭପାତ ହୋଇ ଯାଇଥିଲା। ଏହି ମୁସ୍କିଲ ସମୟରେ ପରିବାର ଭ୍ରୁଣକୁ ଗବେଷଣା ଓ ଶିକ୍ଷା ପାଇଁ ଏମ୍ସକୁ ଦାନ କରିବାକୁ ନିଷ୍ପତ୍ତି ନେଲେ। ବନ୍ଦନା ଜୈନଙ୍କ ପରିବାରର ସକାଳ ୮ଟା ସମୟରେ ଦଧୀଚି ଦେହଦାନ ସମିତି ସହ ସଂପର୍କ ହୋଇଥିଲା। ସମିତିର ସଂରକ୍ଷକ ସୁଧୀର ଗୁପ୍ତା ଓ ସମନ୍ୱୟକ ଜି.ପି ତାୟଲ ତୁରନ୍ତ ପ୍ରୟାସ ପୂର୍ବକ ଏମ୍ସର ଆନାଟମି ବିଭାଗର ପ୍ରମୁଖ ଡାକ୍ତର ଏମ.ବି.ରାୟ ଓ ତାଙ୍କ ଟିମ୍ ସହ କଥାବାର୍ତ୍ତା ହୋଇଥିଲେ। ଟିମ୍‌ର ସହଯୋଗରେ ସାରାଦିନ କାଗଜପତ୍ର ଆଦି ଔପଚାରିକତା ପୂରା କରିବା ପରେ ସନ୍ଧ୍ୟା ୭ ଟା ସମୟରେ ଏମ୍ସ ନିଜର ପ୍ରଥମ ଭ୍ରୁଣ ଦାନ ପ୍ରାପ୍ତ କରିଥିଲା।ଜୈନ ପରିବାରର ଏହି ପ୍ରୟାସ ସମାଜରେ ଏକ ଅନନ୍ୟ ଉଦାହରଣ ପାଲଟିଛି। ସେ ନିଜର ବ୍ୟକ୍ତିଗତ ଦୁଃଖକୁ ମାନବତା ଓ ବିଜ୍ଞାନ ପାଇଁ ଅମୂଲ୍ୟ ଯୋଗଦାନରେ ବଦଳାଇ ଦେଇଛନ୍ତି।

## ସେକ୍ସ ର୍ୟାକେଟ ଚଳାଇବା ଅଭିଯୋଗରେ ଅଭିନେତ୍ରୀ ଗିରଫ



ମହାରାଷ୍ଟ୍ର, ୮।୯: ମହାରାଷ୍ଟ୍ର ଥାଣେରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ସେକ୍ସ ରାକେଟ୍ ଚଲାଇବା ଅଭିଯୋଗରେ ଜଣେ ୪୧ ବର୍ଷୀୟ ଅଭିନେତ୍ରୀଙ୍କୁ ପୋଲିସ ଗିରଫ କରିଛି। ଏହି ଘଟଣାରେ କେବଳ ସେହି ଅଭିନେତ୍ରୀ ଜଣକ ସାମିଲ ନାହିଁ ବରଂ ଅନେକ ଆକ୍ଟ୍ରେସଙ୍କୁ ମଧ୍ୟ ଏଥିରେ ପକାଇଛି। ପୋଲିସ ୨ ଜଣ ଆକ୍ଟ୍ରେସଙ୍କୁ ଉଦ୍ଧାର କରିଥିବା ସୂଚନା ମିଳୁଛି। ସୂଚନାନୁଯାୟୀ, ପୋଲିସକୁ ସୂଚନା ମିଳିବା ମାତ୍ରେ ଯୋଜନା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଅଭିଯୁକ୍ତ ଅଭିନେତ୍ରୀଙ୍କୁ ଅନୁଷ୍କା ମୋନି ମୋହନ ଦାସ ଭାବରେ ଚିହ୍ନଟ କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି। ପ୍ରଥମେ ପୋଲିସ ୨ ଜଣ ନକଲି ଗ୍ରାହକଙ୍କୁ ଅଭିଯୁକ୍ତ ମହିଳାଙ୍କ ନିକଟକୁ ପଠାଇଥିଲା। ପରେ ଅଭିଯୁକ୍ତ ସେମାନଙ୍କୁ ବୁଧବାର ମୁମ୍ବାଇ-ଅହମ୍ମଦାବାଦ ରାଜପଥର କାଶିମିରାର ଏକ ମଲରେ ଭେଟିବାକୁ ଡାକିଥିଲା। ସେଠାରେ ସେମାନେ ପହଞ୍ଚିବା ପୂର୍ବରୁ ପୋଲିସ ସତର୍କ ରହିଥିଲା। ଅନୁଷ୍କା ଦାସ ସେହି ନକଲି ଗ୍ରାହକଙ୍କଠାରୁ ଟଙ୍କା ନେବା ମାତ୍ରେ ପୋଲିସ ସେଠାରେ ଚଢାଉ କରି ଅଭିଯୁକ୍ତଙ୍କୁ ଧରିଥିଲା। ଏହା ସହିତ ପୋଲିସ ଏହି ବେଆଇନ କାର୍ଯ୍ୟକଳାପରେ ଜବରଦସ୍ତି ଜଡିତ ଦୁଇ ମହିଳାଙ୍କୁ ମଧ୍ୟ ଉଦ୍ଧାର କରିଥିଲା। ଉଭୟ ମହିଳା ଟିଭି ସିରିଏଲ ଏବଂ ବଙ୍ଗଳା ସିନେମାରେ କାମ କରିଛନ୍ତି ବୋଲି ଜଣାପଡିଛି।

ଅନ୍ୟପଟେ ଅଭିଯୁକ୍ତଙ୍କୁ ମାନବ ଚାଲାଣ ସହ ଜଡିତ ଭାରତୀୟ ଦଣ୍ଡ ସଂହିତାର ଧାରା ୧୪୩ (୩) ଏବଂ ପିଟା (ଅନୈତିକ ଟ୍ରାଫିକ ନିବାରଣ ଆଇନ) ଆଇନ ଅନୁଯାୟୀ ଗିରଫ କରାଯାଇଛି ବୋଲି ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଉଦ୍ଧାର କରାଯାଇଥିବା ୨ ଜଣ ମହିଳାଙ୍କୁ ସୁରକ୍ଷା ଏବଂ ପୁନର୍ବାସ ପାଇଁ ଏକ ଆଶ୍ରୟସ୍ଥଳକୁ ପଠାଯାଇଛି। ଏଭଳି ବେଆଇନ କାର୍ଯ୍ୟକଳାପରେ ଅଭିଯୁକ୍ତ ମହିଳା କେତେ ଦିନ ଧରି ଜଡିତ ଥିଲେ ତାହାର ତଦନ୍ତ ପୋଲିସ ଆରମ୍ଭ କରିଛି। ବର୍ତ୍ତମାନ ପୋଲିସ ଅଭିଯୁକ୍ତଙ୍କୁ ମଧ୍ୟ ପଚରାଉଚରା କରୁଛି।

# ହସ୍ପିଟାଲରୁ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ କ୍ୟାବିନେଟ୍ ବୈଠକ

### ପ୍ରଭାବିତ ଚାଷୀଙ୍କ ପାଇଁ କଲେ ବଡ଼ ଘୋଷଣା

- ଏକର ପିଛା ୨୦ ହଜାର ଟଙ୍କା ମିଳିବ କ୍ଷତିପୂରଣ
- ମୃତକଙ୍କ ପରିବାରକୁ ୪ ଲକ୍ଷ ସହାୟତା ରାଶି
- କର୍ପୋରେଟ ସୋସାଇଟି ଏବଂ ସରକାରୀ ବ୍ୟାଙ୍କ ପାଇଁ କରଜ ଲିମିଟ୍ ୬ ମାସ ବୃଦ୍ଧି
- କୌଣସି କିସ୍ତି କିମ୍ବା ସୁଧ ଦେବାକୁ ପଡିବ ନାହିଁ।
- ପ୍ରତି ଗାଁରେ କ୍ଲିନିକରେ ଡାକ୍ତର ରହିବେ।




ପଞ୍ଜାବ, ୮।୯: ପଞ୍ଜାବରେ ବନ୍ୟା ସବୁକିଛି ଛାରଖାର କରିଦେଇଛି। ପଞ୍ଜାବ ସରକାର ବନ୍ୟାରେ ପ୍ରଭାବିତ ଚାଷୀଙ୍କ ପାଇଁ ୨୦ ହଜାର ପ୍ରତି ଏକର କ୍ଷତିପୂରଣ ଘୋଷଣା କରିଛନ୍ତି। ଏନେଇ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ହସପିଟାଲରୁ କ୍ୟାବିନେଟ ବୈଠକରେ ସାମିଲ ହୋଇଛନ୍ତି। ସ୍ୱାସ୍ଥ୍ୟ ଖରାପ ଯୋଗୁଁ ୩ ଦିନ ହେଲାଣି ହସପିଟାଲରେ ଭର୍ତ୍ତି ହୋଇଛନ୍ତି ମୁଖ୍ୟମନ୍ତ୍ରୀ। ଆପ୍ ପକ୍ଷରୁ ଜାରି ହୋଇଥିବା ଫଟୋରେ ଭଗବନ୍ତ ସିଂ ମାନ ଡ୍ରିପ ଲଗାଇ ବସିଥିବା ନଜର ଆସିଛନ୍ତି। ଆପ୍ କହିଛି କି, ପଞ୍ଜାବ ଏବଂ ପଞ୍ଜାବବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମାନଙ୍କ ମାନବିକତା, ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଖରାପ। କିନ୍ତୁ ଡ୍ରିପ୍ ଲଗାଇ ପଞ୍ଜାବ ପାଇଁ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି। ମାନ ସରକାର ନିଷ୍ପତ୍ତି ନିଆଯାଇଛି କି, ବନ୍ୟାରେ ଫସଲ ଉପରେ ବାଲି ମାଡ଼ିଯାଇଥିବା ଶସ୍ୟକୁ ମଧ୍ୟ ଚାଷୀ ବିକିପାରିବେ। ପଞ୍ଜାବ ସରକାର ଯାହା ଜମି, ସେମାନଙ୍କ ବାଲି ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ବନ୍ୟାଞ୍ଚଳରେ ଚାଷୀଙ୍କୁ ମାଇନିଂ ଅଧିକାର ଦେଇଛନ୍ତି।

■ ନୀତୀଶଙ୍କ ବଡ଼ ଘୋଷଣା

## ଅଙ୍ଗନବାଡ଼ି ସେବିକା-ସହାୟିକାଙ୍କ ଦରମା ବୃଦ୍ଧି

ପାଟନା,୮।୯: ବିହାରର ନୀତୀଶ କୁମାର ସରକାର ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ଉପହାରର ଏକ ଝଡ଼ ସୃଷ୍ଟି କରୁଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜେ ଆଗକୁ ଆସି ଅଙ୍ଗନୱାଡି ସେବିକା ଏବଂ ଅଙ୍ଗନୱାଡି ସହାୟିକାଙ୍କ ମାନପତ୍ର ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି ଯେ ଅଙ୍ଗନୱାଡି ସେବିକାଙ୍କ ପାରିଶ୍ରମିକ ୭ ହଜାରରୁ ୯ ହଜାରକୁ ବୃଦ୍ଧି କରାଯାଉଛି। ସେହିପରି ଅଙ୍ଗନୱାଡି ସହାୟିକାଙ୍କ ପାରିଶ୍ରମିକ ୪ ହଜାରରୁ ୪.୫ ହଜାରକୁ ବୃଦ୍ଧି କରାଯାଉଛି। ତାଙ୍କ ନିର୍ଦ୍ଦେଶରେ, ବିଭାଗ ଏହାର ପ୍ରସ୍ତାବ ପଠାଇବ। ସେହି ପ୍ରସ୍ତାବକୁ ମଙ୍ଗଳବାର କ୍ୟାବିନେଟରେ ମଞ୍ଜୁରୀ ଦିଆଯିବ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ସୋସିଆଲ ମିଡିଆରେ କହିଛନ୍ତି ଯେ ନଭେମ୍ବର ୨୦୦୫ରେ ସରକାର ଗଠନ ହେବା ପରଠାରୁ ଗର୍ଭବତୀ ମହିଳା ଏବଂ ଶିଶୁଙ୍କ ପୁଷ୍ଟିସାର ଏବଂ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ବଡ଼ ଧରଣର କାର୍ଯ୍ୟ କରାଯାଉଛି। ଏଥିପାଇଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଛଅ ପ୍ରକାରର ସେବା ଯୋଗାଇ ଦିଆଯାଉଛି, ଯାହା ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଏ। ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେ କହିଛନ୍ତି ଯେ ସେମାନଙ୍କ ଅବଦାନକୁ ଦୃଷ୍ଟିରେ ରଖି, ପାରିଶ୍ରମିକ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ସମସ୍ତ କର୍ମୀ ଏବଂ ସହାୟିକାଙ୍କ ଉତ୍ସାହ ବୃଦ୍ଧି କରିବ ଏବଂ ସମନ୍ୱିତ ଶିଶୁ ବିକାଶ ସେବାଗୁଡ଼ିକ ଉତ୍ତମ ଭାବରେ ଚାଲିପାରିବ। ଏବେ ଅଙ୍ଗନୱାଡି କର୍ମୀଙ୍କୁ ୭,୦୦୦ ଟଙ୍କା ପରିବର୍ତ୍ତେ ୯,୦୦୦ ଟଙ୍କା ଏବଂ ଅଙ୍ଗନୱାଡି ସହାୟିକାଙ୍କୁ ୪,୦୦୦ ଟଙ୍କା ପରିବର୍ତ୍ତେ ୪,୫୦୦ ଟଙ୍କା ସମ୍ମାନ ମିଳିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ନିଷ୍ପତ୍ତି ଶିଶୁ ଏବଂ ଗର୍ଭବତୀ ମହିଳାଙ୍କ ପୁଷ୍ଟି ଏବଂ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ସାହାଯ୍ୟ କରିବ।

# ଜାମ୍ମୁ କାଶ୍ମୀର ସମେତ ୫ ରାଜ୍ୟରେ ଏନଆଇଏର ଚଢ଼ାଉ



ନୂଆଦିଲ୍ଲୀ, ୮।୯ : ଆତଙ୍କବାଦୀ ଷଡ଼ଯନ୍ତ୍ର ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ। ଜାମ୍ମୁ କାଶ୍ମୀର ସମେତ ୫ ରାଜ୍ୟରେ ଏନଆଇଏର ସର୍ଚ୍ଚ ଅପରେସନ। ସୋମବାର ୫ଟି ରାଜ୍ୟର ପ୍ରାୟ ୨୨ଟି ଠିକଣାରେ ଏନଆଇଏ ରେଡ୍ କରିଛି। ଆତଙ୍କୀ ଷଡ଼ଯନ୍ତ୍ର ସହ ଜଡ଼ିତ ଏକ ମାମଲାରେ ଯାଞ୍ଚ ଚାଲିଥିବା ସୂଚନା ମିଳିଛି। ଏନଆଇଏର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଜାମ୍ମୁ କାଶ୍ମୀରର ବାରାମୁଲା, କୁଲଗାମ, ଅନନ୍ତନାଗ ଓ ପୁଲୱାମା ଜିଲ୍ଲାରେ ସର୍ଚ୍ଚ ଅପରେସନ ଚାଲିଛି। ବାରାମୁଲାର ଗଙ୍ଗମ ଗାଁର ରଶୀଦ ଲୋନ ନାମକ ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରାଯାଇଛି। ବହୁ ସ୍ଥାନରୁ ମୋବାଇଲ୍ ଫୋନ ଓ ସନ୍ଦିଗ୍ଧ କାଗଜପତ୍ର ଜବତ କରାଯାଇଛି। ଏହା ପୂର୍ବରୁ ଜୁନ ମାସରେ ଏନଆଇଏ ଜାମ୍ମୁ କାଶ୍ମୀରର ୩୨ଟି ସ୍ଥାନରେ ଚଢାଉ କରାଯାଇଥିଲା। ଅପରପକ୍ଷରେ ଆଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାମ୍ମୁ କାଶ୍ମୀର ଗସ୍ତରେ ଯିବେ। ତେଣୁ ପିଏମ୍‌ଙ୍କ ସୁରକ୍ଷା ଦୃଷ୍ଟିରୁ ଯାଞ୍ଚ ଚାଲିଛି ବୋଲି ଚର୍ଚ୍ଚା ହେଉଛି। ତେବେ ଏହି ବାବଦରେ ଏନଆଇ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ସେପଟେ ବିହାରରେ ଏନଆଇଏ ଟିମ୍‌କୁ ସଫଳତା ମିଳିଛି। ଜଣେ ଖଲିସ୍ତାନୀ ଆତଙ୍କବାଦୀ ଶରଣଜିତଙ୍କୁ ଗିରଫ କରାଯାଇଛି। ସ୍ୱର୍ଣ୍ଣ ମନ୍ଦିରରେ ଗ୍ରେନେଡ୍ ଆକ୍ରମଣ ମାମଲାରେ ଅଭିଯୁକ୍ତ ହେଉଛି ଶରଣଜିତ୍ କୁମାର।

## ଫାଟିଲା ଏସି: ସ୍ୱାମୀ, ସ୍ତ୍ରୀ ଓ ଝିଅ ମୃତ

ନୂଆଦିଲ୍ଲୀ, ୮।୯: ସୋମବାର ଭୋର ୩ଟାରେ ଏହି ଘଟଣା ଘଟିଥିଲା, ସାରା ପରିବାର ନିଜ ନିଜ ରୁମ୍‌ରେ ଶୋଇଥିଲେ। ପ୍ରଥମ ମହଲାରେ ନିଆଁରୁ ବାହାରୁଥିବା ଧୂଆଁ ସିଧାସଳଖ ଦ୍ୱିତୀୟ ମହଲାକୁ ପହଞ୍ଚିଥିଲା। ଧୂଆଁ ଯୋଗୁଁ କୋଠରୀ ଭିତରେ ନିଶ୍ୱାସ ନେବା କଷ୍ଟକର ହୋଇଗଲା ଏବଂ ଧୀରେ ଧୀରେ ସ୍ୱାମୀ, ସ୍ତ୍ରୀ ଏବଂ ସେମାନଙ୍କ ଝିଅ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଥିଲା ସ୍ଥାନୀୟ ଲୋକମାନେ ତୁରନ୍ତ ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଗ୍ରୀନ ଫିଲ୍ଡ କଲୋନି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ପଠାଇଛି।

# ଦୁର୍ଘଟଣାରେ ଦିବ୍ୟାଙ୍ଗ ହେଲେ କୁଶଳୀ ଶ୍ରମିକଙ୍କ ନ୍ୟୁନତମ ମଜୁରି ହିସାବରେ ମିଳିବ କ୍ଷତିପୂରଣ

ନୂଆଦିଲ୍ଲୀ ୮।୯: ସୁପ୍ରିମକୋର୍ଟ ମଧ୍ୟପ୍ରଦେଶର ଏକ ମୋଟର ଏକ୍ସିଡେଣ୍ଟ କ୍ଲେମ ମାମଲାରେ ସୋମବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଦୁର୍ଘଟଣାରେ ପିଲାର ମୃତ୍ୟୁ ଅଥବା ସ୍ଥାୟୀ ରୂପେ ଦିବ୍ୟାଙ୍ଗତା କ୍ଷେତ୍ରରେ ତାକୁ ଜଣେ କୁଶଳ ଶ୍ରମିକ ମାନି କ୍ଷତିପୂରଣର ଆକଳନ କରାଯିବ। ରାଜ୍ୟରେ ଦୁର୍ଘଟଣା ସମୟରେ କୁଶଳ ଶ୍ରମିକର ଯାହା ସର୍ବନିମ୍ନ ବେତନ ଥିବ ତାକୁ ହିଁ ପିଲାର ଆୟ ମାନି କ୍ଷତିପୂରଣ ଆକଳନ ହେବ। ଏଣୁ ଦାବିଦାର ବ୍ୟକ୍ତିକୁ ନ୍ୟାୟାଧିକରଣରେ ନ୍ୟୁନତମ ବେତନ ସମ୍ପର୍କିତ କାଗଜପତ୍ର ଜମା କରିବେ।



ସୁପ୍ରିମକୋର୍ଟ କହିଛନ୍ତି ଯେ 'ଯଦି ପିଲା କାଗଜପତ୍ର ଦାଖଲ କରି ନପାରେ ତେବେ କାଗଜପତ୍ର ଜମା କରିବା ବୀମା କମ୍ପାନୀର ଦାୟିତ୍ୱ ହେବ। କୋର୍ଟ ତାଙ୍କ ରାୟର କପିକୁ ଦେଶର ସବୁ ମୋଟର ଆକ୍ସିଡେଣ୍ଟ କ୍ଲେମ ଟ୍ରିବ୍ୟୁନାଲକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ନିର୍ଦ୍ଦେଶର କଡ଼ାକଡ଼ି ପାଳନ ସୁନିଶ୍ଚିତ ହୋଇ ପାରିବ' ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏପର୍ଯ୍ୟନ୍ତ ଦୁର୍ଘଟଣାରେ ପିଲାଙ୍କ ମୃତ୍ୟୁ ଅଥବା ସ୍ଥାୟୀ ଦିବ୍ୟାଙ୍ଗତା କ୍ଷେତ୍ରରେ କ୍ଷତିପୂରଣ ଆକଳନ ନୋସନ ଇନକମ୍ (କାଳ୍ପନିକ ଆୟ, ବର୍ତ୍ତମାନ ହାରରେ ବାର୍ଷିକ ୩୦ ହଜାର ଟଙ୍କା) ହିସାବରେ କରାଯାଉଛି। ହେଲେ ଏବେ ସୁପ୍ରିମକୋର୍ଟଙ୍କ ରାୟ ପରେ ଏହି କ୍ଷତିପୂରଣ କୁଶଳୀ ଶ୍ରମିକଙ୍କ ନ୍ୟୁନତମ ବେତନ ହିସାବରେ ମିଳିବ। ବର୍ତ୍ତମାନ ମଧ୍ୟପ୍ରଦେଶରେ କୁଶଳ ଶ୍ରମିକଙ୍କ ସର୍ବନିମ୍ନ ମାସିକ ଆୟ ୧୪,୮୪୪ ଟଙ୍କା। ଅର୍ଥାତ ଦୈନିକ ୪୯୫ ଟଙ୍କା ହାରରେ ନିର୍ଦ୍ଧାରିତ ହେବ। ୧୪ ଅକ୍ଟୋବର ୨୦୧୨ରେ ଇନ୍ଦୋର ନିବାସୀ ୮ବର୍ଷ ବୟସ୍କ ହିତେଶ ପଟେଲ ପିତାଙ୍କ ସହିତ ସଡକରେ ଛିଡା ହୋଇଥିଲେ। ସେତିକି ବେଳେ ଏକ ବାହନ ହିତେଶଙ୍କୁ ଧକ୍କା ଦେଇଥିଲା। ଏଥିରେ ହିତେଶର ଜୀବନ ବଞ୍ଚି ଯାଇଥିଲେ ବି ସେ ଗୁରୁତର ଆହତ ହୋଇଥିଲା। ଏହା ଦ୍ୱାରା ସେ ସ୍ଥାୟୀ ଦିବ୍ୟାଙ୍ଗତାର ଶିକାର ହୋଇଥିବା ବେଳେ ମୋଟର ଆକ୍ସିଡେଣ୍ଟ କ୍ଲେମସ୍ ଟ୍ରିବ୍ୟୁନାଲରେ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି ଉପସ୍ଥାପନା କରିଥିଲେ।

ଏହି ଦୁର୍ଘଟଣା ଯୋଗୁ ହିତେଶର ୩୦% ଦିବ୍ୟାଙ୍ଗତା ଆସିଥିବାରୁ ତାକୁ କ୍ଷତିପୂରଣ ବାବଦେ ୩ଲକ୍ଷ ୯୦ ହଜାର ଟଙ୍କା ଦେବାକୁ ଟ୍ରିବ୍ୟୁନାଲ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ହିତେଶଙ୍କ ପରିବାର ଟ୍ରିବ୍ୟୁନାଲଙ୍କ ଏହି ନିଷ୍ପତ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବା ବେଳେ ହାଇକୋର୍ଟ ଯେହେତୁ ହିତେଶ ମାତ୍ର ୮ ବର୍ଷର ଏଣୁ ତାଙ୍କ କ୍ଷତିପୂରଣ ରାଶିକୁ ବଢାଇ ୮ଲକ୍ଷ ୬୫ ହଜାର କରିଦେଇଥିଲେ। ଏଥିରେ ଏବେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଛନ୍ତି। ଏହାର ପ୍ରଭାବ ଏବେ ପୂରା ଦେଶରେ ଚାଲିଥିବା କ୍ଲେମ କେସ୍ ଉପରେ ପଡିବ। ସୁପ୍ରିମକୋର୍ଟ ହିତେଶର କ୍ଷତିପୂରଣ ରାଶିକୁ ୩୫ଲକ୍ଷ ୯୦ ହଜାର କରିଦେଇଛନ୍ତି। ଯାହା ହିତେଶ ଓ ତା ପରିବାରକୁ ଆଶ୍ୱସ୍ତ କରିଛି।

## କୋରାପୁଟ ଜିଲ୍ଲା ଗସ୍ତରେ ରାଜ୍ୟପାଳ

# ଏସ୍‌ଏଲ୍‌ଏନ୍‌ଏମ୍‌ସିର ଭିତ୍ତିଭୂମି ସୁଦୃଢ଼ କରିବାକୁ ପରାମର୍ଶ

**କୋରାପୁଟ କଫିର ସ୍ୱାଦକୁ ପ୍ରଶଂସା କଲେ**



**ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ):** ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କୋରାପୁଟ ଜିଲ୍ଲା ଗସ୍ତରେ ଯାଇଛନ୍ତି। ଜୟପୁର ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ ଡ. କମ୍ଭମପାଟିଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିବା ବେଳେ ଜୟପୁର ବିମାନବନ୍ଦରରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସପି ରୋହିତ ବର୍ମା, ଉପଜିଲ୍ଲାପାଳ ଜୟପୁର ଆକ୍ସାଭରମ ଏସ. ରେଡ୍ଡୀ ଉପସ୍ଥିତ ଥିଲେ। ପରେ କୋରାପୁଟ କଫି ବୋର୍ଡରେ ପହଞ୍ଚି ରାଜ୍ୟପାଳ କଫି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ବିଶ୍ୱ ଦରବାରରେ କୋରାପୁଟ କଫି ସ୍ୱତନ୍ତ୍ର ସ୍ଥାନ ପାଉଥିବା ବେଳେ କୋରାପୁଟ ଜିଲ୍ଲାରେ ୨୦ ପ୍ରତିଶତ ଅଞ୍ଚଳରେ କଫି ଚାଷ ହେଉଛି। କୋରାପୁଟ ଜିଲ୍ଲାରେ କଫି ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି ଆଦିବାସୀ ଚାଷୀ। ଆଗକୁ କୋରାପୁଟ କଫି ବଜାରକୁ କିଭଳି ବ୍ୟାପକ କରାଯିବ, ସେନେଇ ରାଜ୍ୟପାଳ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। କୋରାପୁଟ କଫି ବୋର୍ଡ ପରିସରରେ ବୁଲି କଫି ଗଛ ଦେଖିବା ସହ କୋରାପୁଟ କଫି ମଧ୍ୟ ପିଇଥିଲେ। ପରେ କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଦାମନଯୋଡି ନାଲକୋ ଅଧିକାରୀମାନଙ୍କ ସହ ମଧ୍ୟ ରାଜ୍ୟପାଳ ଆଲୋଚନା କରିଥିଲେ। ନାଲକୋ ନବରତ୍ନରୁ ମହାରତ୍ନରେ ରୂପାନ୍ତରିତ ହେବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏହାର ସ୍ଥିତି ପଚାରି ବୁଝିବା ସହ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତିକରଣ ପଚାରି ବୁଝିଥିଲେ। ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ଅଧିକାରୀମାନଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ମହାବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ ରହିବା ଦରକାର ବୋଲି ରାଜ୍ୟପାଳ କହିଥିଲେ। ପରେ ରାଜ୍ୟପାଳ କୋଟସ ଅଧିକାରୀମାନଙ୍କ ସହ ବୈଠକ କରିଥିଲେ। ସିଡ ରାଣୀ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ଓ ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକାଙ୍କ ସହ ଆଲୋଚନା କରିଥିଲେ ଓ ଏଥିସହ ମୁଦ୍ରା ହିତାଧିକାରୀ ଏବଂ ଭାରତୀୟ ରେଡକ୍ରସ ସୋସାଇଟିର ଅଧିକାରୀଙ୍କ ସହ ମଧ୍ୟ ସେ ଆଲୋଚନା କରଥିଲେ। ସନ୍ଧ୍ୟାରେ ରାଜ୍ୟପାଳ ଶାବର ଶ୍ରୀକ୍ଷେତ୍ର କୋରାପୁଟ ଜଗନ୍ନାଥ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, କଫି ବୋର୍ଡର ବରିଷ୍ଠ ସମ୍ପର୍କ ଅଧିକାରୀ ଉପେନ୍ଦ୍ର କୁମାର ସାହା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଉପସ୍ଥିତ ଥିଲେ।

# ବିଲଡିଂ ପ୍ଲାନ ଉଲ୍ଲଘଂନ କଲେ କାର୍ଯ୍ୟାନୁଷ୍ଠାନ

● ନଗର ଉନ୍ନୟନ ବିଭାଗର ନୂଆ ନିର୍ଦ୍ଦେଶାବଳୀ ଜାରି



**ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ):** ବେଆଇନ ନିର୍ମାଣକୁ ନେଇ କଠୋର ହେଲା ନଗର ଉନ୍ନୟନ ବିଭାଗ। ବିଲଡିଂ ପ୍ଲାନ ଉଲ୍ଲଘଂନ କଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ। ସୁପ୍ରିମକୋର୍ଟଙ୍କ ଉଦବେଗ ପରେ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନୂଆ ନିର୍ଦ୍ଦେଶାବଳୀ ଜାରି ହୋଇଛି। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଓ ଓଡ଼ିଶା ସହର ଯୋଜନା ଏବଂ ଉନ୍ନତି ଟ୍ରଷ୍ଟ ଆଇନ, ୧୯୫୬ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏଣିକି କଠୋର ହେବ ଯାଞ୍ଚ ପ୍ରକ୍ରିୟା। ବିଲଡିଂ ପ୍ଲାନ ଉଲ୍ଲଘଂନ କଲେ ଦିଆଯିବନି ଅକ୍ୟୁପାନ୍ସି ସାର୍ଟିଫିକେଟ (ଓସି)। ନୂଆ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ କୌଣସି ବିଲ୍ଡର ବିଲଡିଂ ପ୍ଲାନର ଏକ ନକଲ ନିର୍ମାଣ ସ୍ଥାନରେ ପ୍ରଦର୍ଶନ କରିବେ। ପ୍ଲାନ ଅନୁମୋଦନକାରୀ କର୍ତ୍ତୃପକ୍ଷ ସମୟ ସମୟରେ ନିର୍ମାଣାଧୀନ ବିଲ୍ଡିଂ ଯାଞ୍ଚ କରିବେ। ନିର୍ମାଣ ସମୟରେ ଯଦି କୌଣସି ବିଚ୍ୟୁତି ଲକ୍ଷ୍ୟ କରାଯାଏ, ତା'ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଓସି ବା ଦଖଲ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟାକୁ ମଧ୍ୟ ସ୍ଥଗିତ ରଖାଯିବ। ଓସି ଜାରି କରିବା ପରେ ବି ଯଦି ବିଲଡିଂ ପ୍ଲାନର ଉଲ୍ଲଂଘନ ହୋଇଥିବା ଜଣାପଡ଼େ, ତା'ହେଲେ ସମ୍ପୃକ୍ତ ମାଲିକଙ୍କ ବିରୋଧରେ ପଦକ୍ଷେପ ନିଆଯିବ। ଓସି ପ୍ରଦାନ ପାଇଁ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ବି ହେବ। ଓସି ନଥିବା ବିଲଡିଂକୁ ବିଦ୍ୟୁତ୍, ପାଣି ଓ ଡ୍ରେନେଜ୍ ସଂଯୋଗ ଦିଆଯିବ ନାହିଁ। ଅନଧିକୃତ ନିର୍ମାଣ ହୋଇଥିଲେ ଟ୍ରେଡ୍ ଲାଇସେନ୍ସ ମିଳିବନାହିଁ। ଅନ୍ୟ ବିଭାଗଗୁଡ଼ିକ ଅନଧିକୃତ ନିର୍ମାଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ତୁରନ୍ତ ସହାୟତା ପ୍ରଦାନ କରିବେ। ସହଯୋଗ ନକଲେ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଅନଧିକୃତ ବିଲ୍ଡିଂ ସମ୍ପର୍କିତ ସମସ୍ତ ପ୍ରକାର ଆବେଦନର ସମାଧାନ ୯୦ ଦିନ ଭିତରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓସି ନଥିବା କୌଣସି ବିଲ୍ଡିଂ ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରୁ ଋଣ ଲାଗି ବନ୍ଧକ ବା ସିକ୍ୟୁରିଟି ଜମା ହୋଇପାରିବ ନାହିଁ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି।

## ରାଜେନ୍ଦ୍ରଙ୍କ ବିୟୋଗରେ ଧର୍ମେନ୍ଦ୍ରଙ୍କ ଶୋକ



**ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ସେ ଜଣେ ଲୋକପ୍ରିୟ ବିଧାୟକ ସହ ସମାଜସେବାରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ। ରାଜନୀତି ଓ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏହି ଦୁଃଖଦ ସମୟରେ ମହାପ୍ରଭୁ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ସେ ପ୍ରାର୍ଥନା କରିଛନ୍ତି।

## ପିତୃହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

**ଯାଜପୁର,୮।୯(ସଂଚାର ବ୍ୟୁରୋ):** ବାପାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ପୁଅକୁ ମିଳିଲା ଆଜୀବନ କାରାଦଣ୍ଡ। ୧୮ ପୃଷ୍ଠାର ଦସ୍ତାବିଜ୍ ଅନୁଶୀଳନ କରିବା ସହ ୧୭ ଜଣଙ୍କୁ ଠାରୁ ସାକ୍ଷ୍ୟ ଗ୍ରହଣ କରି ଅଭିଯୁକ୍ତ ଗୁରୁଚରଣ ବେହେରାଙ୍କୁ କାରା ଦଣ୍ଡାଦେଶ ଶୁଣାଇଲେ ଜିଲ୍ଲା ଦୌରାଜଜ ଅମୃତ ରଞ୍ଜନ ନନ୍ଦ। ଏହି ମାମଲାରେ ଅଭିଯୁକ୍ତଙ୍କ ଠାରୁ ୨୦ ହଜାର ଟଙ୍କାର ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଅନାଦେୟ ପରିପ୍ରେକ୍ଷୀରେ ଅତିରିକ୍ତ ୬ ମାସ କାରାଦଣ୍ଡ ପାଇଁ ଆଦେଶ ହେଇଛନ୍ତି ଅଦାଲତ। ବାପା ବାଇଧର ବେହେରାଙ୍କୁ କଟୁରୀରେ ହାଣି ହତ୍ୟା କରିଥିଲା ସାନପୁଅ ଗୁରୁଚରଣ। ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ବଛୋଳ ଗାଁରେ ଗତ ୨୦୨୦ ସେପ୍ଟେମ୍ବର ୨୯ ତାରିଖରେ ଏଭଳି ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ଏନେଇ ପରଦିନ ଘଟଣା ପରଦିନ ଏନେଇ ଥାନାରେ ହୋଇଥିଲା ଲିଖିତ ଅଭିଯୋଗ। ଏହି ମାମଲାର ପରିଚାଳନା କରିଥିଲେ ସ୍ୱତନ୍ତ୍ର ସରକାରୀ ଓକିଲ ସମରେନ୍ଦ୍ର ଦାସ।

## ପୁଲିସକୁ ଦେଖି ପୋଖରୀରେ ପଶିଲା ଚୋର



**ପୁରୀ,୮।୯(ସଂଚାର ବ୍ୟୁରୋ):** ପୋଖରୀ ଭିତରେ ପଶିଲା ଚୋର। ପୁଲିସ କବଳରୁ ନିଜକୁ ରକ୍ଷା କରିବାକୁ ଯାଇ ଚୋର ଜଣକ ପୋଖରୀ ଭିତରକୁ ଡିଆଁ ମାରିଲା। କିନ୍ତୁ ଶେଷରେ ପୁଲିସ୍ ତାକୁ ବୁଝାଇ ସୁଝାଇ ଥାନାକୁ ଆଣିବା ପରି ଏକ ଏକ ରୋଚକ ଘଟଣା ଘଟିଛି ଶ୍ରୀକ୍ଷେତ୍ର ପୁରୀରେ। ମିଳିଥିବା ସୂଚନାନୁସାରେ, ଅଠରନଳା ନିକଟରେ ଜଣେ ବ୍ୟକ୍ତି ଯାଉଥିବା ସମୟରେ ଟଙ୍କା ଛଡାଇ ନେଇଥିଲା ଚୋର। ଏନେଇ ସଦର ଥାନାକୁ ଖବର ଦିଆଯିବା ପରେ ପୁଲିସ ଚୋରକୁ ଧରିବା ପାଇଁ ଘଟଣାସ୍ଥଳକୁ ଆସିଥିଲା। ତେବେ ଅଠରନଳା ନିକଟରେ ଲୁଚି ରହିଥିବା ଚୋର ପୁଲିସକୁ ଦେଖି ଖସି ପଳାଇବା ସକାଶେ ଦୌଡିବା ଆରମ୍ଭ କରିଦେଇଥିଲା। ଶେଷରେ ସେ ଅଲମାଚଣ୍ଡୀ ମନ୍ଦିର ସମ୍ମୁଖରେ ଥିବା ପଥର ପୋଖରୀ ଭିତରକୁ ଡେଇଁ ପଡ଼ିଥିଲା। ତେବେ ତାକୁ ଗୋଡ଼ାଉଥିବା ପୁଲିସ କର୍ମଚାରୀମାନେ ବହୁ ସମୟ ଧରି ବୁଝାସୁଝା କରିବା ପରେ ସେ ପୋଖରୀ ଭିତରୁ ବାହାରକୁ ଆସିଥିଲା। ଅଭିଯୁକ୍ତ ଜଣକ ଖଣ୍ଡିଆବନ୍ଧ ଅଞ୍ଚଳର ବୋଲି ଜଣାପଡ଼ିଥିଲେ ହେଁ ତା'ର ନାମ ଜଣାପଡ଼ିନାହିଁ। ଏହି ଘଟଣାରେ ସଦର ଥାନା ପୁଲିସ ଛାନଭିନ କରୁଥିବା ବେଳେ ଚୋରର ଏହି କାରନାମା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

● ଗଣେଶ ଭସାଣିରେ ପିସ୍ତଲ ଦେଖାଇ ନାଚିବା ଘଟଣା

## ମାମଲା ରୁଜୁ ସହ ପୁଲିସ୍‌ର ତଦନ୍ତ ଆରମ୍ଭ



**ଟାଙ୍ଗି,୮।୯(ସଂଚାର ବ୍ୟୁରୋ):** ଗଣେଶ ଭସାଣିରେ ବନ୍ଧୁକ ଦେଖାଇ ନାଚିବା ମହଙ୍ଗା ସାବ୍ୟସ୍ତ ହୋଇଛି। ଏହି ମାମଲାରେ ସ୍ଥାନୀୟ ପୁଲିସ୍ ଜଣକୁ ଅଟକ ରଖିବା ସହ ମାମଲାର ତଦନ୍ତକୁ ଜୋର୍‌ଦାର କରିଛି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧୀନସ୍ଥ ଟାଙ୍ଗୀରେ ଗଣେଶ ଭସାଣି ସମୟରେ ଜଣେ ଯୁବକ ଡିଜେର ତାଳେ ତାଳେ ପିସ୍ତଲ ଦେଖାଇ ନାଚିବା ଦୃଶ୍ୟ ଦ୍ରୁତ ଗତିରେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ଟାଙ୍ଗୀ ଚିଲିକା ଛକଠାରେ କ୍ଲବ ସଦସ୍ୟମାନେ ନୃତ୍ୟଗୀତରେ ମସଗୁଲ ଥିଲେ। ଏହି ସମୟରେ ଟାଙ୍ଗୀ ପଣଶପୁର ସାହିର ଉକ୍ତ ଯୁବକ ଜଣଙ୍କ ସୀମା ବାହାରକୁ ଯାଇ ପିସ୍ତଲ ଧରି ନାଚିଥିଲେ। ଭସାଣି ସମୟରେ ପୁଲିସ ଚଢ଼ାଉ କରି ଜଣେ ଯୁବକଙ୍କୁ ଉଠାଇନେବା ସହ ଉକ୍ତ ପିସ୍ତଲକୁ ଜବତ କରିଛି। ଏଥିସହ ପୁଲିସ୍ ମାମଲା ରୁଜୁ କରି ତଦନ୍ତକୁ ଜୋର୍‌ଦାର କରିଥିବା ଜଣାପଡ଼ିଛି।

● ପ୍ଲାନେଟୋରିଅମ ପାଚେରି ଭୁଶୁଡ଼ିବା ଘଟଣା

# କାର୍ଯ୍ୟାନୁଷ୍ଠାନ ସହ ତୁରନ୍ତ ନିର୍ମାଣ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ




**ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ):** ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ଥାନୀୟ ପଠାଣି ସାମନ୍ତ ପ୍ଲାନେଟୋରିୟମର ପାଚେରି ଗତକାଲି ଭୁଶୁଡିବା ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଆଜି ପୂର୍ବାହ୍ନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମଙ୍କ ସମେତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଟିମ ଦ୍ୱାରା ଘଟଣାର ତଦନ୍ତ ପାଇଁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଘଟଣା ଘଟିବା ବାବଦରେ ସେ ପଚାରି ବୁଝିବା ସହ ଭାଙ୍ଗିଥିବା ପ୍ରାଚୀରର ଅଂଶକୁ ତୁରନ୍ତ ନିର୍ମାଣ କରିବା ସକାଶେ ସେ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗତକାଲି ଲଗାଣ ବର୍ଷାରେ ପ୍ଲାନେଟୋରିଅମର ଦକ୍ଷିଣ ପାର୍ଶ୍ୱ ସୁରକ୍ଷା ପ୍ରାଚୀରର କିଛି ଅଂଶ ଭାଙ୍ଗିଯାଇଥିଲା। ଏନେଇ ସ୍ଥାନୀୟ ବାସିନ୍ଦା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଶ୍ରୀ ପାତ୍ର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଉକ୍ତ ବୈଠକରେ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ପୂଜା ମିଶ୍ର, ବିତ୍ତ ପରାମର୍ଶଦାତା ବିଦ୍ୟୁତପ୍ରଭା ରାଉତ, ସୁନାରାମ ମୁର୍ମୁ, ଉପସଚିବ ଊର୍ମିପ୍ରଭା ମହାରଣା, ଶୁଭ୍ରାଂଶୁ ଶେଖର ମିଶ୍ର, ଉପନିର୍ଦ୍ଦେଶକ ଶଶିକାନ୍ତ ଦାଶ, ଉପସଚିବ ପଙ୍କଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶାଖାପାଟଣା–ଶାଲିମାର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍‌ର ସମୟ ସାରଣୀ ପ୍ରକାଶିତ

**ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ):** ଆରାମଦାୟକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ଓ ପାର୍ବଣ ଋତୁରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ପରିଚାଳନା କରିବା ପାଇଁ ଭାରତୀୟ ରେଳବାଇ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ପରିଚାଳନା କରିବ। ଟ୍ରେନ୍ ନମ୍ବର ୦୮୫୦୮/୦୮୫୦୭ ବିଶାଖାପାଟଣା-ଶାଲିମାର-ବିଶାଖାପାଟଣା ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ବିଶାଖାପାଟଣାରୁ ୨୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ପୂର୍ବାହ୍ନ ୧୧:୨୦ରୁ ଛାଡ଼ିବ। ସେହିପରି ଶାଲିମାରରୁ ୨୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ପ୍ରତି ବୁଧବାର ପ୍ରାତଃ ୫ଟା ସମୟରେ ଛାଡ଼ିବ। ଏହି ଟ୍ରେନ୍ ଚଳାଚଳ ସମୟରେ ସୀମାଚଳମ, ବିଜୟନଗରମ୍, ଚିପୁରୁପାଲି, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ବାଲୁଗାଁ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର-କେଉଁଝର ରୋଡ୍, ଭଦ୍ରକ, ବାଲେଶ୍ୱର, ଖଡ଼ଗପୁର ଏବଂ ସାନ୍ତରାଗାଛି ଆଦିରେ ଅଟକିବ। ଏହି ଟ୍ରେନ୍‌ଗୁଡ଼ିକରେ ୨ଟି ଦ୍ୱିତୀୟ ଶ୍ରେଣୀ ଏସି କୋଚ୍, ୪ଟି ତୃତୀୟ ଶ୍ରେଣୀ ଏସି କୋଚ୍, ୭ଟି ସ୍ଲିପର ଶ୍ରେଣୀ କୋଚ୍, ୪ଟି ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚ୍, ୧ଟି ଲଗେଜ୍-କମ୍-ଦ୍ୱିତୀୟ ଶ୍ରେଣୀ କୋଚ୍ (ଦିବ୍ୟାଙ୍ଗଜନ-ଅନୁକୂଳ ସୁବିଧା ସହ)ରେ ରହିଛି। ସୂଚନାଯୋଗ୍ୟ ଯେ ବ୍ୟସ୍ତବହୁଳ ପାର୍ବଣ ସମୟରେ ଯାତ୍ରୀମାନଙ୍କୁ ସହଜରେ ଘର କିମ୍ବା ଛୁଟିଦିନରେ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ସହାୟତା କରିବା ସକାଶେ ଏହି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ପଦକ୍ଷେପ ନିଆଯାଇଛି।

## ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା, ନାଳରେ ଫିଙ୍ଗିଦେଲେ ଦୁର୍ବୃତ୍ତ



**ଅନୁଗୁଳ,୮।୯(ସଂଚାର ବ୍ୟୁରୋ):** ଶାବଳଭଙ୍ଗା ନିକଟସ୍ଥ ଶ୍ୟାମସୁନ୍ଦରପୁର ଗାଁ ଦେଇ ଯାଇଥିବା ଭାଲୁଖାଇ ନାଳରୁ ୧୦ ବର୍ଷର ଝିଅର ମୃତଦେହ ଉଦ୍ଧାର ହେବା ପରେ ସାରା ଗାଁ ଯେମିତି ସ୍ତବ୍ଧ ହୋଇଯାଇଛି । ଅତି ନିର୍ମମ ଭାବେ ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରି ନାଳକୁ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି ସଂପର୍କୀୟ ତଥା ଗ୍ରାମବାସୀ । ପରିବାର ଲୋକଙ୍କ କହିବା ଅନୁଯାୟୀ, ଶନିବାର ଦିନ ମଧ୍ୟାହ୍ନ ପର୍ଯ୍ୟନ୍ତ ଝିଅ ଘରେ ଥିଲା। ଅପରାହ୍ନରେ ଖେଳିବା ପାଇଁ ବାହାରକୁ ଯାଇଥିଲା କିନ୍ତୁ ସନ୍ଧ୍ୟାରେ ଆଉ ଘରକୁ ଫେରି ନଥିଲା ଝିଅ । ଗତକାଲି ସକାଳୁ ତାଙ୍କ ମୃତଦେହ ଗାଁ ପାଖ ନାଳରୁ ମିଳିଥିଲା ।

■ ସମସ୍ୟା ଘେରରେ ଲଳିତଗିରି ସରକାରୀ ଉଚ୍ଚ ବିଦ୍ୟାଳୟ


# ଉନ୍ନତିକରଣ ପାଇଁ ଅଣ୍ଟା ଭିଡ଼ିଲେ ମାହାଙ୍ଗା ବିଧାୟକ



**ମାହାଙ୍ଗା,୮।୯(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ଶିକ୍ଷା ମଣ୍ଡଳ ଅଧିନରେ ଥିବା ଲଳିତଗିରି ସରକାରି ଉଚ୍ଚ ବିଦ୍ୟାଳୟ ଦୀର୍ଘ ବର୍ଷ ଧରି ବିଭିନ୍ନ ସମସ୍ୟା ଘେରରେ ଥିଲା । ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କୁ ସମସ୍ୟା ବାବଦରେ ସ୍ଥାନୀୟ ଜନପ୍ରତିନିଧି ଓ ବିଦ୍ୟାଳୟ ପକ୍ଷରୁ ଅଭିଯୋଗ କରଯାଇଥିଲା। ଅଭିଯୋଗକୁ ଭିତ୍ତି କରି ସ୍ଥାନୀୟ ବିଧାୟକ ଆଜି ଲଳିତଗିରି ସରକାରି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ପ୍ରଧାନଶିକ୍ଷକ ଓ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ମୁଖ୍ୟତଃ ଏହି ବିଦ୍ୟାଳୟ ଛାତରୁ ପାଣି ଝରିବା, ଘରର ଚଟାଣ ଭାଙ୍ଗିଯିବା, ପାଚେରି ଭାଙ୍ଗିବା ସହ ବିଦ୍ୟାଳୟର ରଙ୍ଗ ଲଗାଇବା, କବାଟ ଝରକା ଆଦି ମରାମତି ସମ୍ପର୍କରେ ବିଧାୟକ ଶ୍ରୀ ପ୍ରଧାନ ପ୍ରଧାନଶିକ୍ଷକ ପବିତ୍ର ମୋହନ ନାଥଙ୍କଠାରୁ ପଚାରି ବୁଝିଥିଲେ। ଏଥିସହ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ କୁମାର ଦାସଙ୍କୁ ଏହିସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସେ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଏହାଛଡା ବିଦ୍ୟାଳୟରେ କେତେକ ବିଦ୍ୟାର୍ଥୀ କ୍ରିକେଟ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ ମାଧ୍ୟମରେ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଥିଲେ ହେଁ ସେମାନଙ୍କ ଖେଳିବା ପାଇଁ ପଡିଆଟିଏ ନଥିବା ବିଷୟରେ ବିଧାୟକ ଅବଗତ ହୋଇଥିଲେ। ଏହା ଶୁଣି ବିଧାୟକ ଶ୍ରୀ ପ୍ରଧାନ ଏକ ମିନି ଷ୍ଟାଡିୟମ୍ ନିର୍ମାଣ ପାଇଁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ଲଳିତଗିରିର ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ, ସମିତି ସଭ୍ୟ ଧ୍ରୁବ ଚରଣ ସାମଲ, ଯୁବନେତା ଯଯାତି ସିଂହ, ଗଣିତ ଶିକ୍ଷକ ଲେଲିନ କୁମାର ବଳ, ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ରାଣୀ ଧଳ, ସହକାରୀ ଶିକ୍ଷକ ରବିନ ସାହୁ, ଖେଳ ଶିକ୍ଷକ ବିନୋଦ ସାହୁ, ରତିକାନ୍ତ ସିଂ, ଦିଲୀପ ସିଂ, ଦୀପକ ନାୟକ, ସନ୍ଦୀପ ସିଂ, ମକର ସେଠୀ, କାଙ୍ଗାଳୀ ରଣସିଂହ, ପ୍ରତାପ ସିଂ, ଅମିୟ ରଞ୍ଜନ ସିଂ ଉପସ୍ଥିତ ଥିଲେ।

## ଉତ୍ତର ଆନ୍ଧ୍ର ଉପକୂଳରେ ଘୂର୍ଣ୍ଣିବଳୟ ସକ୍ରିୟ

# ୧୦ରୁ ପୁଣି ବଢ଼ିବ ବର୍ଷା



**ଭୁବନେଶ୍ୱର, ୮।୯ (ସଂଚାର ବ୍ୟୁରୋ) :** ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରର ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ଉପକୂଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ପ୍ରଭାବରେ ୧୦ ତାରିଖରୁ ପୁଣି ବଢ଼ିବ ବର୍ଷା। ୧୩ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା । ଏନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ୨୪ ଘଣ୍ଟାରେ ବିଜୁଳି, ଘଡ଼ିଘଡ଼ି ପାଇଁ ୩୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତାକାଲି ମଧ୍ୟ ବିଜୁଳି, ଘଡ଼ଘଡ଼ି ପାଇଁ ସାରା ଓଡ଼ିଶାକୁ ଦିଆଯାଇଛି ୟେଲୋ ୱାର୍ଣ୍ଣିଂ । ବୁଧବାରରୁ ବଢ଼ିବ ବର୍ଷା । ୧୦ ତାରିଖରେ ପ୍ରବଳ ବର୍ଷା ପାଇଁ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦେଇଛି ପାଣିପାଗ ବିଭାଗ । ସେହିପରି ୧୧ ଓ ୧୨ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଦୁଇ ଜିଲ୍ଲା ମାଲକାନଗିରି, କୋରାପୁଟକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି ।

**ସେବା ପକ୍ଷ**

# ୨୧ରେ ବିଜେପିର 'ମୋଦି ଯୁବ ମାରାଥନ'

- ■ ମାରାଥନ୍ ଦେବ ନିଶାମୁକ୍ତ ଭାରତ ବାର୍ତ୍ତା
- ■ ସାମିଲ ହେବେ ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବକ
- ■ କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଗଣଦୌଡ଼




**ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଯୁବବର୍ଗର ଉନ୍ନତି ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଯୁବକମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ପ୍ରୟାସ ଯୋଗୁଁ ସାରା ବିଶ୍ୱରେ ଭାରତର ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କେବଳ ଯୁବବର୍ଗ ନୁହେଁ ସମାଜ ପ୍ରତ୍ୟେକ କ୍ଷେତ୍ରରେ ମୋଦିଜୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସମାଜର ଗରିବ ଓ ଶୋଷିତ ବର୍ଗର ଉତ୍ଥାନ ପାଇଁ କାର୍ଯ୍ୟକରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସମସ୍ତେ ମୋଦିଜୀଙ୍କ ଭଳି ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ମୋଦିଜୀଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ପାଳନ କରନ୍ତି। ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଇଆସୁଛି। ଚଳିତ ବର୍ଷ ତାଙ୍କ ୭୫ତମ ଜନ୍ମଦିନ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ବୃକ୍ଷ ଚାରା ରୋପଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଜେପି, ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୨୧ରେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ 'ମୋଦି ଯୁବ ମାରାଥନ' ଅନୁଷ୍ଠିତ ହେବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ଅଭିଳାଷ ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସେବା ପକ୍ଷରେ ଯୁବବର୍ଗଙ୍କୁ ନିଶାର ଭୟାବହତା ନେଇ ସଚେତନ କରାଯିବା ସହ ନିଶାମୁକ୍ତ ଭାରତ ଗଠନ ପାଇଁ ଉଦ୍ୟମ କରାଯିବ। ଏହି ଅବସରରେ ସାରା ଦେଶରେ ୭୫ଟି ସ୍ଥାନରେ ଏହି ମାରାଥନ ଆୟୋଜିତ ହେବ। ଆସନ୍ତା ୨୧ ସକାଳେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହେବ। ଏଥିରେ ସାରା ରାଜ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗ ସାମିଲ ହେବେ। ଏନେଇ ଗତକାଲି ଠାରୁ ସାରା ଦେଶରେ କ୍ୟାମ୍ପେନ ଆରମ୍ଭ ହୋଇଛି। ଏହାକୁ ରାଷ୍ଟ୍ରୀୟ କାର୍ଯ୍ୟାଳୟରେ ଦେଶର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବୀୟ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ତେଜସ୍ୱୀ ସୂର୍ଯ୍ୟା, ଦେଶର ଫିଟନେସ୍ ଆଇକନ୍ ମିଲିନ୍ଦ ସୋମନ ଉଦ୍‌ଘାଟନ କରିଥିଲେ। ମାରାଥନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି ପଣ୍ଡା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ସୁବ୍ରତ ବିଶ୍ୱାଳ, ମାନସ କୁମାର ସାହୁ, ରାଜ୍ୟ ସଂଯୋଜକ ଚଣ୍ଡୀପ୍ରସାଦ ବେହେରା ମଧ୍ୟ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ପାର୍ବଣ ଋତୁରେ ଖର୍ଚ୍ଚ ଆକଳନ

# ଭାରତର ସହରାଞ୍ଚଳ ପାଇଁ ୨.୧୯ ଲକ୍ଷ କୋଟି



ନୂଆଦିଲ୍ଲୀ,୮।୯ଃ ଆସନ୍ତା ପାର୍ବଣ ଋତୁରେ ସହରାଞ୍ଚଳ ଭାରତରେ ପ୍ରାୟ ୨.୧୯ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଲୋକାଲସର୍କଲ୍ସର ଏକ ରିପୋର୍ଟ ପ୍ରକାଶ କରିଛି। ନିକଟରେ ଘୋଷଣା ହୋଇଥିବା ଜିଏସଟି ହାର ହ୍ରାସ ଯୋଗୁ ଆବଶ୍ୟକ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ଓ ଅଟୋମୋବାଇଲ ଉପରେ ଟିକସ କମିଛି, ଯାହା ଗ୍ରାହକଙ୍କ ଖର୍ଚ୍ଚ ବୃଦ୍ଧି ପାଇଁ ଉତ୍ସାହ ଯୋଗାଇଛି। ୩୧୯ଟି ଜିଲାରୁ ୪୪,୦୦୦ରୁ ଅଧିକ ସହରୀ ପରିବାରର ୨ ଲକ୍ଷରୁ ଅଧିକ ପ୍ରତିକ୍ରିୟା ଉପରେ ଆଧାରିତ ଏହି ସର୍ଭେ ଅନୁଯାୟୀ, ୩୭% ପରିବାର ଘର ଉନ୍ନତି ପାଇଁ ଫର୍ନିଚର, ଆପ୍ଲାୟାନ୍ସ ଓ ଡେକୋର ଉପରେ ଖର୍ଚ୍ଚ କରିବେ। ୨୪% ଲୋକ ପୋଷାକ ଓ ଚପଲ ଏବଂ ଅନ୍ୟମାନେ ସ୍ମାର୍ଟଫୋନ ଓ ହୋମ ଏଣ୍ଟରଟେନମେଣ୍ଟ ସିଷ୍ଟମ ଭଳି ଇଲେକ୍ଟ୍ରୋନିକ୍ସ କିଣିବାକୁ ପସନ୍ଦ କରିଛନ୍ତି।

ଟିୟର-୧ ଓ ମେଟ୍ରୋ ସହରଗୁଡ଼ିକ ସର୍ବାଧିକ ଖର୍ଚ୍ଚ କରିବେ, ଯେତେବେଳେ ଟିୟର-୨ ଓ ୩ ସହରରେ ମଧ ଖର୍ଚ୍ଚ ବୃଦ୍ଧି ଦେଖାଯାଉଛି। ୫୯% ଗ୍ରାହକ ଡିଜିଟାଲ ପେମେଣ୍ଟ ଯେପରି ୟୁପିଆଇ ଓ କ୍ରେଡିଟ କାର୍ଡ ବ୍ୟବହାର କରିବେ, ଆଉ ୩୫% ନଗଦ ଦେବେ। ୬୨% ସହରୀ ପରିବାର ନିଜର ଆର୍ଥିକ ସ୍ଥିତି ନେଇ ଆଶାବାଦୀ ରହିଛନ୍ତି, ଯାହା ଜିଏସଟି ହ୍ରାସ, ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଓ ସ୍ଥିର ସୁଧ ହାର ଯୋଗୁଁ ସମ୍ଭବ ହୋଇଛି। ତେବେ, ଯୋଗାଣ ଶୃଙ୍ଖଳ ବାଧା ଓ ଅଣ-ଜିଏସଟି ଜିନିଷରେ ମୁଦ୍ରାସ୍ଫୀତି ଏହାର ଲାଭକୁ ପ୍ରଭାବିତ କରିପାରେ ବୋଲି ରିପୋର୍ଟ ଚେତାବନୀ ଦେଇଛି। ଏହି ପାର୍ବଣ ଋତୁ ଭାରତୀୟ ଅର୍ଥନୀତିକୁ ଏକ ବଡ଼ ଉତ୍ସାହ ଦେବ ବୋଲି ଆଶା କରାଯାଉଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୮,୩୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୯,୩୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୮,୩୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୯,୩୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୮,୩୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୯ ହଜାର ୩୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୮,୫୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୯,୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୮,୭୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୯,୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୦୮,୩୮୦ ଓ ୯୯ ହଜାର ୩୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୭,୦୦୦ ଟଙ୍କା ହୋଇଛି।

# କାର୍ ମୂଲ୍ୟ କମାଇଲା ହ୍ୟୁଣ୍ଡାଇ




ନୂଆଦିଲ୍ଲୀ, ୮।୯ଃ ଟାଟା ମୋଟର୍ସ, ଟୟୋଟା, ରେନୋ ଏବଂ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପରେ ଆଜି ହୁଣ୍ଡାଇ ମୋଟର ଇଣ୍ଡିଆ ଏହାର ବିଭିନ୍ନ ମଡେଲ୍ ଗାଡ଼ି ମୂଲ୍ୟ ହ୍ରାସ ଘୋଷଣା କରିଛି। ଜିଏସ୍‌ଟି ସଂସ୍କାର ଦ୍ୱାରା ଟିକସ ହ୍ରାସ ପାଇଛି। ଏହାର ଲାଭ ଗ୍ରାହକଙ୍କୁ ଦେବାପାଇଁ ଗାଡ଼ି କମ୍ପାନିଗୁଡ଼ିକ କାର୍ ଦାମ୍ କମାଇ ଚାଲିଛନ୍ତି। ହୁଣ୍ଡାଇ ମୋଟର ଇଣ୍ଡିଆ ଜିଏସ୍‌ଟି ହ୍ରାସର ସମସ୍ତ ଲାଭ ଗ୍ରାହକଙ୍କୁ ଦେବ ବୋଲି କହିଛି। ନୂଆ ମୂଲ୍ୟ ସେପ୍ଟେମ୍ବର ୨୨ରୁ କାର୍ଯ୍ୟକାରୀ ହେବ। ହୁଣ୍ଡାଇର କାର୍ ମୂଲ୍ୟ ୨.୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କମିଯିବ। ଉଲ୍ଲେଖଯୋଗ୍ୟ, ଚଳିତମାସ ୩ ତାରିଖରେ ଜିଏସ୍‌ଟି ପରିଷଦର ୫୬ତମ ବୈଠକ ହୋଇଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅନେକଗୁଡ଼ିଏ ସାମଗ୍ରୀ ଉପରେ ଜିଏସ୍‌ଟି ହ୍ରାସ କରାଯାଇଥିଲା। ୪ ମିଟରରୁ କମ୍ ଲମ୍ବ ଏବଂ ୧୨୦୦ ସିସି ପର୍ଯ୍ୟନ୍ତ ପେଟ୍ରୋଲ ଇଞ୍ଜିନ ଏବଂ ୧୫୦୦ ସିସି ପର୍ଯ୍ୟନ୍ତ ଡିଜେଲ ଇଞ୍ଜିନରେ ଚାଲୁଥିବା କାର୍‌ଗୁଡ଼ିକ ଉପରେ ଜିଏସ୍‌ଟି ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ କମାଇ ଦିଆଯାଇଛି। ସେହିଭଳି ୩୫୦ ସିସି ପର୍ଯ୍ୟନ୍ତ ଇଞ୍ଜିନରେ ଚାଲୁଥିବା ୨ ଚକିଆ ଯାନର ଜିଏସ୍‌ଟିକୁ ମଧ ୧୮ ପ୍ରତିଶତକୁ କମାଇ ଦିଆଯାଇଛି। ଦାମୀ କାର୍ ଉପରେ ଆଦାୟ କରାଯାଉଥିବା ସେସ୍‌କୁ ଉଠାଇ ଦିଆଯାଇ ୪୦ ପ୍ରତିଶତର ଅନ୍ୟ ଏକ ସ୍ଲାବ ଆରମ୍ଭ କରାଯାଇଛି। ସୂଚନା ଅନୁଯାୟୀ ହୁଣ୍ଡାଇ ଗ୍ରାଣ୍ଡ ଆଇ୧୦ ନିଓସ୍ ମୂଲ୍ୟ ୭୩,୮୦୮ ଟଙ୍କା, ଅରା ମୂଲ୍ୟ ୭୮,୪୬୫ ଟଙ୍କା, ଏକ୍ସଟର୍ ମୂଲ୍ୟ ୮୯,୨୦୯ ଟଙ୍କା, ଆଇ୨୦ ମୂଲ୍ୟ ୯୮୦୫୩ ଟଙ୍କା, ଆଇ୨୦ ଏନ୍ ଲାଇନ୍ ମୂଲ୍ୟ ୧,୦୮,୧୧୬ ଟଙ୍କା, ଭେନ୍ୟୁ ମୂଲ୍ୟ ୧,୨୩,୬୫୯ ଟଙ୍କା, ଭର୍ନା ମୂଲ୍ୟ ୬୦,୬୪୦ ଟଙ୍କା, କ୍ରେଟା ମୂଲ୍ୟ ୭୨,୧୪୫ ଟଙ୍କା, ଆଲକାଜାର ମୂଲ୍ୟ ୭୫,୩୭୬ ଟଙ୍କା ଏବଂ ଟୁସୋଁ ମୂଲ୍ୟ ୨,୪୦,୩୦୩ ଟଙ୍କା କମିଛି। କାର୍ କମ୍ପାନିଗୁଡ଼ିକ ଦାମ୍ କମାଇବା ପରେ ଲୋକମାନେ ଅଧିକ ସଂଖ୍ୟାରେ କାର୍ କିଣିବେ ବୋଲି ଆଶା କରାଯାଉଛି। ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏମ୍‌ଡି ଉନସୁ କିମ୍ ଯାତ୍ରୀବାହୀ ଯାନ ଉପରେ ସରକାରଙ୍କ ଜିଏସ୍‌ଟି ହ୍ରାସ ନିଷ୍ପତ୍ତିକୁ ପ୍ରଂଶସା କରିଛନ୍ତି।

# ଜ୍ୟୋତି ମୋଟର୍ସ ପକ୍ଷରୁ ଖାଦ୍ୟ କୁଇଜ୍ 'କରିଓସିଟି'





ଭୁବନେଶ୍ୱର, ୮।୯ଃ ଓଡ଼ିଶାରେ ପ୍ରଥମ ଥର ପାଇଁ ଖାଦ୍ୟ ଉପରେ ଏକ କୁଇଜ୍ 'କରିଓସିଟି' ଆଜି ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌କେସିଜି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପଡକାଷ୍ଟର ତଥା କ୍ୱିଜ୍‌ମାଷ୍ଟର କଳ୍ପିତ ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଏହି କୁଇଜ୍‌ରେ ୭୦ରୁ ଅଧିକ ଦଳ ଭାଗ ନେଇଥିଲେ। ଜ୍ୟୋତି ମୋଟର୍ସ ଏହାର ଟାଇଟଲ୍ ପ୍ରାୟୋଜକ ଥିବାବେଳେ ଡାଲମା ଏବଂ ଓଡ୍ରା ଏହାର ସହଯୋଗୀ ପ୍ରାୟୋଜକ ଏବଂ ତୃପ୍ତୀ ମୋଟର୍ସ ଓ ପାରାଦୀପ ଫସଫେଟ୍‌ସ ଲିମିଟେଡ ନଲେଜ ପାର୍ଟନର ରହିଥିଲେ। ପ୍ରତିଯୋଗିତା ସମୟରେ ଅଂଶଗ୍ରହଣକାରୀଙ୍କ ମଧରେ ଖାଦ୍ୟ ଜ୍ଞାନ ଓ ରୋଷେଇକୁ ନେଇ ଯଥେଷ୍ଟ ଉତ୍ସାହ ଓ ଆଗ୍ରହ ଦେଖିବାକୁ ମିଳିଥିଲା। ଆସେଞ୍ଚରର ରୋନସିତା ଦାସ ଏବଂ ନାଇଜର୍‌ର ରବମିତ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଏକ୍ସଆଇଏମ୍‌ବିର ଅରିୟମ ଏବଂ ଶୁଭ୍ରଜିତ୍ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ବିଜେତାମାନଙ୍କୁ ୪୦ ହଜାର ଟଙ୍କା ପୁରସ୍କାର ରାଶି ଆକାରରେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଡାଲମା ହୋଟେଲର ପ୍ରତିଷ୍ଠାତା ଦେବୁ ପଟ୍ଟନାୟକ, ପିପିଏଲ୍‌ର କର୍ପୋରେଟ୍ ରିଲେସନ୍ସ ମୁଖ୍ୟ ସୁଧୀ ମିଶ୍ର, ତୃପ୍ତୀ ମୋଟର୍ସର ନିର୍ଦ୍ଦେଶକ ଅଙ୍କିତ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ କୁଇଜମାଷ୍ଟର କଳ୍ପିତ କହିଥିଲେ ଯେ 'କରିଓସିଟି' କେବଳ ଜ୍ଞାନର ଏକ ପରୀକ୍ଷା ନୁହେଁ, ବରଂ ଲୋକଙ୍କ ମଧରେ ଖାଦ୍ୟ କିଭଳି ସାଂସ୍କୃତିକ ବନ୍ଧନ ସୃଷ୍ଟି କରେ ତାହାକୁ ପାଳନ କରିବା ଏହାର ଉଦ୍ଦେଶ୍ୟ। ପ୍ରତିଯୋଗିତାକୁ ନେଇ ସେ ଖୁସି ବ୍ୟକ୍ତ କରିବା ସହିତ ଆଗାମୀ ଦିନରେ ଏହାକୁ ପ୍ରତିବର୍ଷ ଆୟୋଜନ କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି ସେ ସୂଚନା ଦେଇଥିଲେ। କୁଇଜ୍ ପାଇଁ ଖାଦ୍ୟପ୍ରେମୀ, ଯୁବ ପ୍ରଫେସନାଲ ଏବଂ ଛାତ୍ରଛାତ୍ରୀମାନେ ଗୋଟିଏ ସ୍ଥାନରେ ଏକାଠି ହେବାର ସୁଯୋଗ ପାଇଥିଲେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୦୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୦ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



## ରୋଗୀଙ୍କୁ ସରକାରଙ୍କ ବଡ଼ ଆଶ୍ୱସ୍ତି

# ୪୨ ଔଷଧର ଖୁଚୁରା ମୂଲ୍ୟ ସ୍ଥିର



ନୂଆଦିଲ୍ଲୀ, ୮।୯ଃ କେନ୍ଦ୍ର ସରକାର ଲୋକଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ସରକାର ୪୨ଟି ସାଧାରଣ ଔଷଧର ଖୁଚୁରା ମୂଲ୍ୟ ସ୍ଥିର କରିଛନ୍ତି। ଏଥିରେ ବ୍ରଡ୍-ସ୍ପେକ୍ଟ୍ରମ୍ ଆଣ୍ଟିବାୟୋଟିକ୍ ଏବଂ ଇପ୍କା ଲାବୋରେଟୋରୀ ଅନ୍ତର୍ଭୁକ୍ତ। ଏହି ଔଷଧଗୁଡ଼ିକ ସାଧାରଣତଃ ଅଙ୍ଗ ପ୍ରତିରୋପଣ ପରେ ଅଙ୍ଗ ପ୍ରତ୍ୟାଖ୍ୟାନକୁ ରୋକିବା ପାଇଁ ବ୍ୟବହୃତ ହୋଇଥାଏ। କୁହାଯାଉଛି ଯେ, ମେରୋପେନେମ୍ ଏବଂ ସଲବାକ୍ଟମ୍ ଇଞ୍ଜେକ୍ସନର ଖୁଚୁରା ମୂଲ୍ୟ ପ୍ରତି ଭାଏଲ୍ ୧,୯୩୮.୫୯ ଟଙ୍କା ସ୍ଥିର କରାଯାଇଛି। ଏହା ବ୍ୟତୀତ, ମାଇକୋଫେନୋଲେଟ୍ ମୋଫେଟିଲର ମୂଲ୍ୟ ପ୍ରତି ଟାବଲେଟ୍ ୧୩୧.୫୮ ଟଙ୍କା। ଜୀବାଣୁ ସଂକ୍ରମଣର ଚିକିତ୍ସାରେ ବ୍ୟବହୃତ ଆବଟ୍ ହେଲ୍ଥକେୟାରର କ୍ଲାରିଥ୍ରୋମାଇସିନ୍ ଏକ୍ସଟେଣ୍ଡେଡ୍-ରିଲିଜ୍ ଟାବଲେଟ୍ ଏବେ ପ୍ରତି ଟାବଲେଟ୍ ୭୧.୭୧ ଟଙ୍କାରେ ବିକ୍ରି ହେବ।

ଚଳିତ ବର୍ଷ ଫେବ୍ରୁଆରିରେ, ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏନପିପିଏ) ଏକ ନିର୍ଦ୍ଦେଶ ଜାରି କରିଥିଲେ। ଏହି ନିର୍ଦ୍ଦେଶରେ, ସମସ୍ତ ନିର୍ମାତାଙ୍କୁ ସ୍ଥିର ମୂଲ୍ୟର ତାଲିକା ରାଜ୍ୟ ଔଷଧ ନିୟନ୍ତ୍ରକ ଏବଂ ସରକାରଙ୍କୁ ଦାଖଲ କରିବାକୁ କୁହାଯାଇଥିଲା। ଜଣେ ଅଧିକାରୀ ଏହି ସମ୍ପର୍କରେ କହିଛନ୍ତି ଯେ, ମୂଲ୍ୟ ତାଲିକା ପ୍ରଦର୍ଶନ କରିବାର ନିର୍ଦ୍ଦେଶ ଏଥିପାଇଁ ଦିଆଯାଇଛି ଯେ, ସାଧାରଣ ନାଗରିକ ଯାଞ୍ଚ କରିପାରିବେ ଫାର୍ମାସି ଔଷଧ ଏନପିପିଏ ଦ୍ୱାରା ସ୍ଥିର କରାଯାଇଥିବା ମୂଲ୍ୟରେ ବିକ୍ରି ହେଉଛି କି ନାହିଁ। ଏନପିପିଏ ଆଦେଶରେ କହିଛନ୍ତି ଯେ, ପ୍ରତ୍ୟେକ ଖୁଚୁରା ବିକ୍ରେତା ଏବଂ ଡିଲରଙ୍କୁ ମୂଲ୍ୟ ତାଲିକା ଏବଂ ପରିପୂରକ ତାଲିକା ଏକ ସାର୍ବଜନୀନ ସ୍ଥାନରେ ରଖିବାକୁ ପଡିବ। କୁହାଯାଇଛି ଯେଭଳି ଏହି ତାଲିକା ଏକ ସ୍ପଷ୍ଟ ଏବଂ ସହଜରେ ଦୃଶ୍ୟମାନ ସ୍ଥାନରେ ରହିବା ଉଚିତ୍। ବିଶେଷଜ୍ଞମାନଙ୍କ ଅନୁସାରେ ଏହା ରୋଗୀମାନଙ୍କୁ ମହଙ୍ଗା ଔଷଧ ନେଇ ଆଶ୍ୱସ୍ତି ପ୍ରଦାନ କରିବ ଏବଂ ଔଷଧ ଦୋକାନରେ ଅନୁଚିତ ଲାଭଖୋରକୁ ମଧ ରୋକିବ।

# ଅକ୍ଟୋବରରୁ ତେଲ ଉତ୍ପାଦନ ବଢ଼ାଇବ ଓପେକ୍ ପ୍ଲସ୍




ଲଣ୍ଡନ, ୮।୯: ଆସନ୍ତା ଅକ୍ଟୋବରରୁ ତେଲ ଉତ୍ପାଦନ ବଢ଼ାଇବାକୁ ଓପେକ୍ ପ୍ଲସର ସଦସ୍ୟ ଦେଶଗୁଡ଼ିକ ରାଜି ହୋଇଛନ୍ତି। ଦୀର୍ଘଦିନ ଧରି ତେଲ ଉତ୍ପାଦନ କମାଇବା ପରେ ଗତ ଏପ୍ରିଲରୁ ଏମାନେ ଉତ୍ପାଦନ ବଢ଼ାଇବା ଆରମ୍ଭ କରିଛନ୍ତି। ରବିବାର ଅନଲାଇନରେ ହୋଇଥିବା ଏକ ବୈଠକରେ ଓପେକ୍ ପ୍ଲସ୍‌ର ୮ ସଦସ୍ୟ ରାଷ୍ଟ୍ର ଅକ୍ଟୋବରରୁ ଦୈନିକ ଅଧିକ ୧,୩୭,୦୦୦ ବ୍ୟାରେଲ୍ ତେଲ ଉତ୍ପାଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଜୁନ୍ ଓ ଜୁଲାଇରେ ହୋଇଥିବା ଦୈନିକ ୪,୧୧,୦୦୦ ବ୍ୟାରେଲ ଏବଂ ଅଗଷ୍ଟ ଓ ସେପ୍ଟେମ୍ବରରେ ଦୈନିକ ୫,୫୫,୦୦୦ ବ୍ୟାରେଲ ଅଧିକ ଉତ୍ପାଦନ ତୁଳନାରେ ଏହା କମ୍।

# ଅନଲାଇନ ଖାଦ୍ୟ ମଗାଇବା ପଡ଼ିବ ମହଙ୍ଗା




ନୂଆଦିଲ୍ଲୀ, ୮।୯ଃ ଆଗକୁ ଆସୁଥିବା ଫେଷ୍ଟିଭ ସିଜନରେ ଅନଲାଇନ ଫୁଡ ମଗାଇବା ଚାହିଦା ବଢୁଥିବାର ଦେଖିବାକୁ ମିଳିଥାଏ। ହେଲେ ଅନଲାଇନ ଖାଦ୍ୟ ମଗାଇବା ହେବ ମହଙ୍ଗା। ଅନଲାଇନ୍ ଫୁଡ ଡେଲିଭରୀ ଆପରୁ ଖାଦ୍ୟ ମଗାଉଥିଲେ ଆପଣଙ୍କ ପକେଟ ଉପରେ ପଡ଼ିବ ପ୍ରଭାବ। ଗତ ଦୁଇଦିନ ତଳେ ଜିଏସଟି କାଉନସିଲ ବୈଠକରେ ଇ କର୍ମସ ଏବଂ କ୍ୱିକ୍ କମର୍ସ ପ୍ଲାଟଫର୍ମରେ ଡେଲିଭରି ସର୍ଭିସରେ ୧୮% ଜିଏସଟି ଘୋଷଣା କରାଯାଇଥିଲା। ତେଣୁ ସମସ୍ତ କମ୍ପାନୀ ଟ୍ୟାକ୍ସ ଲାଗୁ ହେବା ପୂର୍ବରୁ ଗ୍ରାହକଙ୍କ ବଡ଼ ଝଟକା ଦେଇଛନ୍ତି। ଗତ ୩ ତାରିଖରେ ଜିଏସଟି କାଉନସିଲ ବୈଠକରେ ଜିଏସଟି ରିଫର୍ମ ସହିତ ଜଡିତ ଅନେକ ବଡ଼ ଘୋଷଣା ହୋଇଛି। ଏଥିରେ ପୂର୍ବରୁ ଲାଗୁ ହୋଇଥିବା ୪ଟି ଟ୍ୟାକ୍ସ ସ୍ଲାବ୍ ବଦଳରେ ୫% ଏବଂ ୧୮% ଦୁଇଟି ଟ୍ୟାକ୍ସ ସ୍ଲାବ ରହିଛି। ସେହିପରି ଘରୋଇ ଜିନିଷ ବ୍ୟବହାର ଠାରୁ ଆରମ୍ଭ କରି ଟିଭି, ଏସି, କାର, ବାଇକ୍ ଇତ୍ୟାଦି ଜିନିଷର ଦାମ୍ କମ୍ କରିବା ପାଇଁ ଘୋଷଣା ହୋଇଛି। ଏଥିରେ ଇ-କମର୍ସ ଏବଂ କ୍ୱିକ କମର୍ସ ପ୍ଲାଟଫର୍ମ୍ସରେ ଡେଲିଭରୀ ସର୍ଭିସରେ ୧୮% ଜିଏସଟି ଟ୍ୟାକ୍ସ ଲଗାଯାଇଛି। ଯାହା ୨୨ ସେପ୍ଟେମ୍ବରରୁ ଲାଗୁ ହେବ। ତେବେ ସରକାରଙ୍କ ଏହି ନିଷ୍ପତ୍ତି ଲାଗୁ ହେବାକୁ ଏବେ ୧୫ ଦିନ ସମୟ ବାକି ରହିଛି। କିନ୍ତୁ ଖବର ମୁତାବକ, ଅନଲାଇନ ଫୁଡ ଡେଲିଭରୀ ପ୍ଲାଟଫର୍ମ ପାଇଁ ଲାଗିଥିବା ଜିଏସଟି କ୍ଷତିପୂରଣକୁ କଭର କରିବା ପାଇଁ ଏବେଠାରୁ ପ୍ଲାଟଫର୍ମ ଫି ବଢାଇଦେଇଛନ୍ତି। ଏଥିପାଇଁ ଦେଶରେ ଖାଦ୍ୟ ଅର୍ଡର କରୁଥିବା ଲକ୍ଷ ଲକ୍ଷ ଗ୍ରାହକଙ୍କପକେଟଉପରେପ୍ରଭାବପଡିବ।

# ଶକ୍ତି କ୍ଷେତ୍ରରେ ୫.୩୪ ଲକ୍ଷ କୋଟି ଖଟାଇବ ଆଦାନୀ

ନୂଆଦିଲ୍ଲୀ, ୮।୯ଃ ଗୌତମ ଆଦାନୀଙ୍କ ଦ୍ୱାରା ପରିଚାଳିତ ଆଦାନୀ ଗ୍ରୁପ୍ ଶକ୍ତି କ୍ଷେତ୍ରରେ ୬୦ ବିଲିଅନ ଡଲାର (ପ୍ରାୟ ୫.୩୪ ଲକ୍ଷ କୋଟି ଟଙ୍କା) ଆସନ୍ତା ୨୦୩୧-୩୨ ଆର୍ଥିକବର୍ଷ ସୁଦ୍ଧା ଖଟାଇବ। ଆସନ୍ତା ୭ ବର୍ଷ ମଧରେ କମ୍ପାନି ବିଦ୍ୟୁତ୍ ଉତ୍ପାଦନ, ଅକ୍ଷୟ ଶକ୍ତି ଉତ୍ପାଦନ, ବିଦ୍ୟୁତ୍ ସଞ୍ଚରଣ ଓ ବିତରଣ କ୍ଷେତ୍ରରେ ନିବେଶ କରିବ। ଭାରତର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ଏବଂ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ଲକ୍ଷରେ କମ୍ପାନି ଏହି ରାଶି ଖଟାଇବ। ଆଦାନୀ ଗ୍ରୁପ୍ କମ୍ପାନି ଆଦାନୀ ଗ୍ରିନ୍ ଏନର୍ଜି ଲିମିଟେଡ୍ ଅକ୍ଷୟ ଶକ୍ତି ଉପରେ ଗୁରୁତ୍ୱ ଦେଉଛି। କମ୍ପାନି ଏହାର ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ବର୍ତ୍ତମାନର ୧୪.୨ ଗିଗାୱାଟରୁ ୨୦୨୯-୩୦ ଆର୍ଥିକବର୍ଷ ସୁଦ୍ଧା ୫୦ ଗିଗାୱାଟ୍‌ରେ ପହଞ୍ଚାଇବା ଲକ୍ଷ୍ୟ ରଖିଛି। ଏଥିପାଇଁ କମ୍ପାନି ୨୧ ବିଲିଅନ ଡଲାର ( ୧.୮୫ ଲକ୍ଷ କୋଟି ଟଙ୍କା) ନିବଶେ କରିବ। ସେହିଭଳି ଆଦାନୀ ଏନର୍ଜି ସଲ୍ୟୁସନ୍ସ ଲିମିଟେଡ ଶକ୍ତି ସଞ୍ଚରଣ ଏବଂ ବିଣ୍ଟନ କ୍ଷେତ୍ରରେ ୧୭ ବିଲିଅନ ଡଲାର (ପ୍ରାୟ ୧.୫୦ ଲକ୍ଷ କୋଟି ଟଙ୍କା) ଖଟାଇବ। କମ୍ପାନି ଏହାର ୧୯,୨୦୦ କିମିର ସଞ୍ଚରଣ ଲାଇନ୍‌କୁ ୨୦୨୯-୩୦ ଆର୍ଥିକବର୍ଷ ସୁଦ୍ଧା ୩୦ ହଜାର କିମିରେ ପହଞ୍ଚାଇବା ଲକ୍ଷ୍ୟ ରଖିଛି। ତାପଜ ବିଦ୍ୟୁତ୍ କ୍ଷେତ୍ରରେ ଆଦାନୀ ପାୱାର ୨୨ ବିଲିଅନ ଡଲାର (ପ୍ରାୟ ୧.୯୪ ଲକ୍ଷ କୋଟି ଟଙ୍କା) ନିବେଶ କରିବ। ବର୍ତ୍ତମାନ ଏହି କମ୍ପାନିର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୧୭.୬ ଗିଗାୱାଟ୍ ଥିବାବେଳେ ୨୦୩୨ ସୁଦ୍ଧା ୪୧.୯ ଗିଗାୱାଟ୍‌ରେ ପହଞ୍ଚାଇବା ଲକ୍ଷ୍ୟ ରଖିଛି।





## ବାହୁବଳୀ ପାଇଁ ଶ୍ରୀଦେବୀଙ୍କୁ ବି ମିଳିଥିଲା ଅଫର


ବାହୁବଳୀ ପାଇଁ ବଲିଉଡର ଦିବଂଗତ ଅଭିନେତ୍ରୀ ଶ୍ରୀଦେବୀଙ୍କୁ ବି ମିଳିଥିଲା ଅଫର। କଥାଟି ଶୁଣି ଆପଣ ଆଶ୍ଚର୍ଯ୍ୟ ହୋଇଗଲେ କି? ଏକଥା କିନ୍ତୁ ଏକଦମ ସତ। ବାସ୍ତବରେ ଶ୍ରୀଦେବୀଙ୍କ ସ୍ୱାମୀ ବୋନି କପୁର ଏବେ ଏନେଇ ମୁହଁ ଖୋଲିଛନ୍ତି। ବୋନି କପୁର କହିଛନ୍ତି ଯେ ପ୍ରଯୋଜକମାନେ ଏସଏସ ରାଜମୌଳି ଏବଂ ଶ୍ରୀଦେବୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲେ। ବୋନି କପୁର ବାହୁବଳୀ ଏବଂ ଶ୍ରୀଦେବୀଙ୍କ ବିଷୟରେ କଥା ହୋଇଥିଲେ। ସେ କହିଥିଲେ, ' ମୋ ପାଖରେ ଏବେ ବି ସେହି ମେସେଜ ଅଛି ଯେଉଁଥିରେ ରାଜମୌଳି କହିଥିଲେ ଯେ ସେ ଶ୍ରୀଦେବୀଙ୍କର ଜଣେ ବଡ ପ୍ରଶଂସକ। ତେବେ ପ୍ରଯୋଜକମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଯୋଗୁଁ ଶ୍ରୀଦେବୀ ଫିଲ୍ମରେ କାମ କରିପାରିଲେ ନାହିଁ।' ବୋନି କହିଛନ୍ତି, 'ଏସଏସ ରାଜମୌଳି ଆମ ଘରକୁ ଆସିଥିଲେ ଏବଂ ଆମେ ଫିଲ୍ମ ବିଷୟରେ ଆଲୋଚନା କରିଥିଲୁ। ଯେତେବେଳେ ରାଜମୌଳି ଚାଲିଯାଇଥିଲେ, ପ୍ରଯୋଜକମାନେ ତାଙ୍କୁ(ଶ୍ରୀଦେବୀ) ଇଙ୍ଗଲିଶ ଭିଙ୍ଗଲିଶ ପାଇଁ ପାଇଥିବା ଟଙ୍କାଠାରୁ ମଧ୍ୟ କମ୍ ଟଙ୍କା ପ୍ରଦାନ କରିଥିଲେ। ସେ ଜଣେ ସଂଘର୍ଷ କରୁଥିବା ଅଭିନେତ୍ରୀ ନଥିଲେ, ତେଣୁ ମୁଁ କାହିଁକି ଚାହିଁବି ଯେ ମୋ ସ୍ତ୍ରୀ କମ ଟଙ୍କାରେ ଏହି ଅଭିନୟ କରନ୍ତୁ?' ବୋନି କପୁର ଆହୁରି କହିଛନ୍ତି, 'ଏସବୁ କଥା ପ୍ରଯୋଜକମାନେ ଏସଏସ ରାଜାମୌଲିଙ୍କୁ କହି ନଥିଲେ। ବରଂ, ସେମାନେ(ପ୍ରଯୋଜକ) ହିଁ ଅପରାଧୀ ଥିଲେ ଯିଏ ରାଜାମୌଲିଙ୍କୁ ଭୁଲ କଥା କହିଥିଲେ। ମୁଁ ଏହାର ସାକ୍ଷୀ। ମୁଁ ସେମାନଙ୍କୁ ମୁହଁରେ ଏସବୁ କହିପାରିବି। ସେ ସାକ୍ଷାତକାରରେ ଯାହା କହିଥିଲେ, ତାହା ସବୁ ମିଛ ଥିଲା। ଏହା ଶୋବୁ (ଅର୍କା ମିଡିଆ ୱାର୍କସ ପ୍ରଯୋଜକ ଶୋବୁ ୟାରଲାଗଡ୍ଡା) ହିଁ ସବୁକିଛି କରିଥିଲେ। ରାକେଶ ରୋଶନ, ଯଶ ଚୋପ୍ରା, ରାଘବେନ୍ଦ୍ର ରାଓ ଶ୍ରୀଦେବୀଙ୍କ ସହ ବାରମ୍ବାର କାମ କରିଛନ୍ତି। କିନ୍ତୁ ଏହା ଯେଉଁଭଳି ଘଟିଥିଲା ତାହା ଭୁଲ ଥିଲା। ସେ କେବଳ କହିପାରିଥାନ୍ତେ ଯେ ଆମେ ଏତେ ଟଙ୍କା ଦେଇପାରିବୁ ନାହିଁ।'

## ମନ ମୋହୁଛି 'ମନ୍ତ୍ରମୁଗ୍ଧ'ର ଜଲ୍‌ସା ଗୀତ



ସବୁଠି ଜଲ୍‌ସାର ଜଲ୍‌ୱା। ସାତରୁ ସତୁରି ପିଲାଠୁ ବୁଢ଼ାଯାଏ ସମସ୍ତେ ମତୁଆଲା ଏହି ଗୀତରେ। 'ମନ୍ତ୍ରମୁଗ୍ଧ' ଚଳଚ୍ଚିତ୍ରର ଏହି ଗୀତଟି ମନ୍ତ୍ରମୁଗ୍ଧ କରିଛି ଶ୍ରୋତା ତଥା ଦର୍ଶକଙ୍କୁ। ମୁକ୍ତିଲାଭ କରିବାର ପ୍ରଥମ ୧୪ ଘଣ୍ଟାରେ ୧,୦୦,୦୦୦ ଦର୍ଶକ ଦେଖିସାରିଥିବା ବେଳେ ଏହି ଖବର ଲେଖାଯିବା ବେଳକୁ ୩,୫୦, ୦୦୦ ଦର୍ଶକ ଦେଖିସାରିଥିଲେ, ଯାହା ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ସର୍ବକାଳୀନ ରେକର୍ଡ। ତେବେ ଉଲ୍ଲେଖନୀୟ କଥାଟି ହେଉଛି ଜଲ୍‌ସା ଗୀତକୁ ଓଡ଼ିଆ ଚଳଚ୍ଚିତ୍ରର ସବୁଠୁ ଦାମୀ ବା ବ୍ୟୟବହୁଳ ଗୀତ କୁହାଯାଇପାରେ। ଏହାର ନିର୍ମାଣ ପାଇଁ ପାଖାପାଖି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଆଖି ଝଲସା ଆଲୋକ ସଙ୍ଗକୁ ଅତ୍ୟାଧୁନିକ ଡ୍ୟାନ୍ସ ଫ୍ଲୋର୍ ଓ ଆକର୍ଷଣୀୟ ସେଟ୍ ଜଲ୍‌ସାର ଫିବର୍‌କୁ ଦ୍ୱିଗୁଣିତ କରିଛି। ଯୁବବର୍ଗର ଶ୍ରୋତା ଓ ଦର୍ଶକ ଏହାକୁ ନେଇ ସର୍ବାଧିକ ରିଲ୍‌ସ୍ ବନାଇବାରେ ବ୍ୟସ୍ତ। ଫିଲ୍ମ 'ମନ୍ତ୍ରମୁଗ୍ଧ'ର ଏହି ଗୀତର ପରିକଳ୍ପନା କରିଛନ୍ତି ଯୁବ ପ୍ରଯୋଜିକା ବର୍ଷା ପଟ୍ଟନାୟକ ଓ ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ସାମ୍ପ୍ରତିକ ସମୟର ସବୁଠୁ ଚର୍ଚ୍ଚିତ ନାଁ ଅମିତ। ମନୋଜ କୁମାର ପଣ୍ଡା ରଚନା କରିଥିବା ଏହି ଗୀତରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଓ ଅନ୍ତରା ଚକ୍ରବର୍ତ୍ତୀ। ଗୀତଟି ସନୋଜ, ସୂର୍ଯ୍ୟମୟୀ, ସୌରଭ, ମନ୍ମୟ, ନିଶାନ୍ତ ଓ ପିହୁଙ୍କ ଉପରେ ରୂପାୟିତ ହୋଇଛି। ଦୃଶ୍ୟଗ୍ରହଣରେ ଦୀପକ କୁମାର ଥିବା ବେଳେ ସମ୍ପାଦନାରେ ଅଛନ୍ତି ରଶ୍ମିରଞ୍ଜନ ଦାସ। ଶବ୍ଦ ବିନ୍ନ୍ୟାସରେ ଶକ୍ତି ସ୍ୱରୂପ ଦ୍ୱିବେଦୀ ଥିବା ବେଳେ କଳାରେ ଅଛନ୍ତି ସୁଧାଂଶୁଭୂଷଣ ମହାନ୍ତି। ଆଗକୁ ଅଛି ଦୁର୍ଗାପୂଜା, କାଳୀପୂଜା ଓ ଲକ୍ଷ୍ମୀପୂଜା ତା ସଙ୍ଗକୁ ପୁଣି ମେଲୋଡି ସିଜିନ୍। ଆଶା ପୂଜା ବଜାରରେ ଏହି ଗୀତଟି ଧମାଲ୍ ମଚେଇବ।

## ନୂଆ ଫିଲ୍ମ ପାଇଁ ନୂଆ ଚେହେରା



ନୂଆ ଫିଲ୍ମ ପାଇଁ ହେବ ନୂଆ ମେକ୍‌ଓଭର୍। ଯଦି ଆମେ ବାହୁବଳୀ ଷ୍ଟାର୍ ପ୍ରଭାସଙ୍କ ଗତ କିଛି ବର୍ଷର ଫିଲ୍ମ ଦେଖିବା ତେବେ ପ୍ରତ୍ୟେକ ଫିଲ୍ମରେ ସେ ଭିନ୍ନ ଲୁକ୍‌ରେ ନଜର ଆସୁଥିବା ଦେଖାଯାଇଛି। ପ୍ରତିଥର ଫିଲ୍ମ ସହ ତାଙ୍କର ଲୁକ୍ ମଧ୍ୟ ଚର୍ଚ୍ଚାରେ ରହିଥାଏ। ଅଭିନେତା ନିଜ ଲୁକ୍ ଓ ଅଭିନୟ ସହିତ ନିଜ ସରଳ ସ୍ୱଭାବ ପାଇଁ ବେଶ୍ ପରିଚିତ। ଆଗକୁ ସେ ଲୋକପ୍ରିୟ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ବାଙ୍ଗାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସ୍ପିରିଟ୍'ରେ ନଜର ଆସିବେ। ଏହି ଫିଲ୍ମରେ ତାଙ୍କ ଲୁକ୍‌ରେ ବଡ଼ ପରିବର୍ତ୍ତନ କରାଯିବ ବୋଲି ଜଣାଯାଇଛି। ଏଥିପାଇଁ ମେକ୍‌ଓଭର୍ ଆର୍ଟିଷ୍ଟ ଆଲିମ୍ ହକିମ୍‌ଙ୍କୁ ଦାୟିତ୍ୱ ଦେଇଛନ୍ତି ସନ୍ଦୀପ। ଏ ନେଇ ଆଲିମ୍ ଇନ୍‌ଷ୍ଟାରେ ଏକ ପୋଷ୍ଟ କରିବା ପରେ ଖବରଟି ସାମ୍ନାକୁ ଆସିଛି। ଏହା ପୂର୍ବରୁ ସେ ଫିଲ୍ମ 'କବୀର ସିଂହ' ପାଇଁ ଅଭିନେତା ଶାହିଦ କପୁରଙ୍କ ମେକ୍‌ଓଭର୍ କରିଥିବା ବେଳେ ଫିଲ୍ମ 'ଆନିମଲ୍' ପାଇଁ ରଣବୀର କପୁରଙ୍କର ଓ ଫିଲ୍ମ 'ପେଡ୍ଡୀ' ପାଇଁ ରାମଚରଣଙ୍କର ମେକ୍‌ଓଭର୍ କରିଥିଲେ। ଏବେ ସୁପର୍‌ଷ୍ଟାର୍ ପ୍ରଭାସଙ୍କ ମେକ୍‌ଓଭର୍ କରିବାର ସୁଯୋଗ ମିଳିବା ପରେ ସେ ବହୁତ ଖୁସିଥିବା କହିଛନ୍ତି। ତେବେ ଯଦି ଆମେ ଫିଲ୍ମର କାଷ୍ଟକୁ ଦେଖିବା ତେବେ ପ୍ରଭାସଙ୍କ ବ୍ୟତୀତ ଏଥିରେ ଅଭିନେତ୍ରୀ ତୃପ୍ତି ଡିମ୍ରି ନଜର ଆସିବେ। ଏ ପର୍ଯ୍ୟନ୍ତ ଫିଲ୍ମର କାହାଣୀ ବା ଅନ୍ୟ କଳାକାରଙ୍କୁ ନେଇ କୌଣସି ସୂଚନା ଦେଇ ନାହାନ୍ତି ସନ୍ଦୀପ। ପୂର୍ବରୁ ପ୍ରଭାସଙ୍କ ବିପକ୍ଷରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କୁ କାଷ୍ଟ କରାଯାଇଥିଲା। ହେଲେ ସେ ହଟିବା ପରେ ଏବେ ତୃପ୍ତିଙ୍କୁ ସୁଯୋଗ ମିଳିଛି।

## ଯାତ୍ରା ଛାଡ଼ି ପୁଣି ସିନେମାରେ ସୁଧାକର




ଓଡ଼ିଆ ସିନେ ଜଗତରେ ଏମିତି କିଛି ସଫଳ କଳାକାର ଓ ନିର୍ଦ୍ଦେଶକ ଅଛନ୍ତି, ଯେଉଁମାନେ ଯାତ୍ରାରେ ବି କାମ କରିଛନ୍ତି। ଆଉ କେତେକ ଯାତ୍ରା ଜଗତରେ କାମ କରି ପୁଣି ଫେରି ଆସିଛନ୍ତି ସିନେମାକୁ। ଏହାର ସଦ୍ୟତମ ଉଦାହରଣ ହେଲେ ସଫଳ ନୃତ୍ୟ ନିର୍ଦ୍ଦେଶକ ତଥା ସିନେ ନିର୍ଦ୍ଦେଶକ ସୁଧାକର ବସନ୍ତ। 'ଷୋଳ ଶୁକ୍ରବାର'ରୁ ଆରମ୍ଭ କରି ଏଯାବତ୍ ଶତାଧିକ ଓଡ଼ିଆ ଛବିରେ ନୃତ୍ୟ ନିର୍ଦ୍ଦେଶନା ସାଙ୍ଗକୁ 'ମିତରେ ମିତ'ରୁ ଆରମ୍ଭ କରି ଏଯାଏ ପନ୍ଦରରୁ ଅଧିକ ଓଡ଼ିଆ ସିନେମାର ନିର୍ଦ୍ଦେଶନା ଦେଇସାରିଛନ୍ତି ସୁଧାକର। ଏହାଛଡ଼ା 'ଗଞ୍ଜା ଲଢ଼େଇ', 'ବୋବାଲ୍ ଟୋକା' ଓ 'କିଏ ଦବ ଟକ୍କର' ଓ 'ଆଶିକ୍' ଆଦି ସିନେମାରେ ବି ଖଳନାୟକ ଭୂମିକାରେ ନଜର ଆସିଛନ୍ତି। ହେଲେ ଗତ ବର୍ଷ ସେ ରାଜାରାଣୀ ରଙ୍ଗମଞ୍ଚରେ ଜଣେ ଅଭିନେତା ଭାବେ ଯାତ୍ରା ଜଗତରେ ପଦାର୍ପଣ କରିଥିଲେ। କିନ୍ତୁ କିଛି ମାସ ପରେ ଯାତ୍ରାରୁ ତାଙ୍କର ମୋହଭଙ୍ଗ ହୋଇଗଲା। ଏବେ ସେ ପୁଣି ସିନେମାମୁହାଁ ହୋଇଛନ୍ତି। ଏବେ ସୁଧାକର ବସନ୍ତ ଓଡ଼ିଆ ଛବି 'ଡେଷ୍ଟିନି'ର ନିର୍ଦ୍ଦେଶନା ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ସିନେମାର କଳାକାର ଚୟନ ଜାରି ରହିଥିବା ବେଳେ ଆଗାମୀ ଅକ୍ଟୋବରରେ ଏହାର ସୁଟିଂ ଆରମ୍ଭ ହେବ ବୋଲି ସୁଧାକର ବସନ୍ତ ସୂଚନା ଦେଇଛନ୍ତି।

## ସ୍ୱରାଜଙ୍କ ସ୍ଥାନରେ ଶୈଳେନ୍ଦ୍ର

ଓଲିଉଡ୍‌ର ଜଣାଶୁଣା ନାୟକ ଶୈଳେନ୍ଦ୍ରଙ୍କ ଚାହିଦା ଏବେ ବଢ଼ିଯାଇଛି। ଚଳିତ ବର୍ଷ ଏଯାବତ୍ ତାଙ୍କ ଅଭିନୀତ ସର୍ବାଧିକ ୪ଟି ସିନେମା ମୁକ୍ତିଲାଭ କରିସାରିଲାଣି। ଏଗୁଡ଼ିକ ହେଲା ରାଜା ଡି'ଙ୍କ ନିର୍ଦ୍ଦେଶିତ 'ଘମାଘୋଟ୍', ଅଭିଷେକ ମିତ୍ରଙ୍କ ନିର୍ଦ୍ଦେଶିତ 'ଫାଷ୍ଟ ଲଭ୍', ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ 'ଛିରେ ନନୀ ଛି' ଓ ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ଡେଲିଭରି ବୟ ୨।' ଅନ୍ୟ କୌଣସି ନାୟକଙ୍କର ଏତେସଂଖ୍ୟକ ଓଡ଼ିଆ ସିନେମା ଏ ବର୍ଷ ବଡ଼ ପରଦାକୁ ଆସିନାହିଁ। ଏବେ ପୁଣି ତାଙ୍କୁ ମିଳିଛି ଆଉ ଏକ ନୂଆ ସିନେମା। 'ଉତ୍ପାତ' ଶୀର୍ଷକ ଏହି ସିନେମାର ନିର୍ଦ୍ଦେଶକ ହେଲେ ରାଜା ଡି। ଉଲ୍ଲେଖନୀୟ କଥାହେଲା, କ୍ରମାଗତ ଭାବେ 'ଦଶମ' ଓ 'ଘମାଘୋଟ୍' ପରେ ଏହି ଛବିରେ ପୁଣି ଥରେ ନାୟକ ସାଜି ରାଜା ଡି'ଙ୍କ ସହ ହ୍ୟାଟ୍ରିକ୍ କରିଛନ୍ତି ଶୈଳେନ୍ଦ୍ର। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥାହେଲା, 'ଉତ୍ପାତ'ରେ ନାୟକ ଭୂମିକା ଲାଗି ପ୍ରଥମେ ସ୍ୱରାଜଙ୍କୁ ଚୟନ କରାଯାଇଥିଲା, ହେଲେ ଡେଟ୍‌ସ୍ ସମସ୍ୟା ଉପୁଜିବାରୁ ତାଙ୍କ ସ୍ଥାନରେ ଶୈଳେନ୍ଦ୍ରଙ୍କୁ ନିଆଯାଇଛି। 'ଘମାଘୋଟ୍' ଭଳି ଏହାର ଶୀର୍ଷକରୁ ହିଁ ଜଣାଯାଉଛି ଯେ ଏହା ଏକ ଭିନ୍ନ ଧରଣର ଆକ୍‌ସନ୍ ଫିଲ୍ମ। ଉଭୟ ରୋମାଣ୍ଟିକ୍ ଓ ଆକ୍‌ସନ୍ ଫିଲ୍ମରେ ନାୟକ ଭାବେ ଦର୍ଶକ ଶୈଳେନ୍ଦ୍ରଙ୍କୁ ପସନ୍ଦ କରିଛନ୍ତି।

## ଅକ୍ଟୋବରରେ ଫ୍ଲୋର୍‌କୁ ଯିବ ରାବଣ



'କୁହୁଡ଼ି' ଓ 'ଚାରିଧାମ' ପରେ ପ୍ରଯୋଜକ ହିମାଦ୍ରି ତନୟ ଦାସ 'ରାବଣ' ନିର୍ମାଣ କରୁଛନ୍ତି। ଏଥିରେ ତାଙ୍କ ସହ ପ୍ରଯୋଜନାରେ ଅଛନ୍ତି ଜାଗୃତି ଏ. ମହାନ୍ତି। ଲୋକପ୍ରିୟ ନାୟକ ଅନୁଭବ ମହାନ୍ତି ଶୀର୍ଷକ ଭୂମିକାରେ ଅଭିନୟ କରୁଥିବା ବେଳେ କିଏ ତାଙ୍କ ନାୟିକା ହେବେ, ତାହା ସ୍ପଷ୍ଟ ହୋଇନାହିଁ। ଏହି ସିନେମା ଜରିଆରେ ସଂପାଦନାରୁ ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇଛନ୍ତି ବୀରେନଜ୍ୟୋତି ମହାନ୍ତି। ବୀରେନଜ୍ୟୋତି, ରିଷବ କୁମାର ଓ ଜାଗୃତି ଏହାର ଚିତ୍ରନାଟ୍ୟ ରଚନା କରିଥିବା ବେଳେ ସଂଳାପ ଲେଖିଛନ୍ତି ନାରାୟଣ ସାଲ୍ ଓ ରାକେଶ ମିଶ୍ର। ସର୍ବଶେଷ ସୂଚନା ଅନୁଯାୟୀ, ମାନସ ପଢ଼ିଆରୀଙ୍କ ନିର୍ଦ୍ଦେଶନାରେ ଆରମ୍ଭ ହେବାକୁ ଥିବା 'ଛକି ଶୂନ'ର ସୁଟିଂ ଶେଷ ହେବା ପରେ 'ରାବଣ' ଆଗାମୀ ଅକ୍ଟୋବର ମାସରେ ଫ୍ଲୋର୍‌କୁ ଯିବ। ବହୁ ଦିନରୁ ଏହି ଟାଇଟଲ୍‌ରେ ଏକ ଓଡ଼ିଆ ସିନେମା ନିର୍ମିତ ହେବ ବୋଲି କୁହାଯାଉଥିଲା। ହେଲେ ତାହା ସମ୍ଭବ ହୋଇପାରି ନଥିଲା।





# ରାସ୍ତା କାମକୁ ନେଇ ଅସନ୍ତୋଷ: ଗୋଟିଏ ପ୍ରକଳ୍ପ ପାଇଁ ଲାଗିଛି ୨ଫଳକ



**ନୀଳଗିରି,୮।୯ (ସଂଚାର ବ୍ୟୁରୋ):** ରାସ୍ତା କାମକୁ ନେଇ ଜନଅସନ୍ତୋଷ । ଗୋଟିଏ ପ୍ରକଳ୍ପ ପାଇଁ ଲଗାଯାଇଛି ୨ଟି ଫଳକ । କାହିଁକି ଏଭଳି କରାଯାଇଛି । ଏହାର କାରଣ କଣ ତାହା ଜଣାପଡୁନାହିଁ। ତେଣୁ କାମକୁ ବିରୋଧ କରିଛନ୍ତି ଲୋକେ । ନୀଳଗିରି ବ୍ଲକ ମାଟିଆଳି ପଞ୍ଚାୟତ ଧବଣୀ ଗାଁରୁ ଆସିଛି ଏହି ଅଭିଯୋଗ। ଗୋଟିଏ ରାସ୍ତା ପାଇଁ ଲାଗିଛି ଦୁଇ ଦୁଇଟି ଫଳକ । କିଛିଦିନ ତଳେ ସରପଞ୍ଚଙ୍କ ସହଯୋଗୀ ବିକଶିତ ଗାଁ ବିକଶିତ ଓଡ଼ିଶାରେ ଧବଣୀର ଅଶ୍ୱତଥ ଗଛଠାରୁ ପିଡବ୍ଲ୍ୟୁଡି ରାସ୍ତା ପର୍ଯ୍ୟନ୍ତ କାମ କରିଥିଲେ । ଯାହାର ମୂଲ୍ୟ ଥିଲା ୩ ଲକ୍ଷ ଟଙ୍କା । ସେ ବାବଦ ବିଲ୍ ଏଯାଏଁ ସେମାନେ ପାଇନାହାନ୍ତି । ସେଭଳେ ସମାନ ପ୍ରକଳ୍ପର ଫଳକ ଲଗାଇ ଅନ୍ୟଜଣେ ଠିକାଦାର ଅନ୍ୟ ଏକ ରାସ୍ତା କରୁଥିବା ଅଭିଯୋଗ ଆସିଛି । ଯାହାକୁ ସରପଞ୍ଚଙ୍କ ସମେତ ଗାଁ ଲୋକ ବିରୋଧ କରିଛନ୍ତି । ପୂର୍ବରୁ ଠିକାଦାର ଜଣଙ୍କ ଗାଁରେ ୨ଟା ଅଙ୍ଗନବାଡ଼ି କାମକୁ ଅଧାପନ୍ତରିଆ କରି ଛାଡ଼ିଦେଇଥିବା ଅଭିଯୋଗ ଆସିଛି। ତାଙ୍କୁ କାମ କରିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି ସରପଞ୍ଚ । ବରଇମପୁର ପୁଲିସ୍ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛି । ଅନ୍ୟପଟେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କେମିତି କାମ ଚାଲିଛି ତାକୁ ନେଇ ପ୍ରଶ୍ନ କରିଛନ୍ତି ଗ୍ରାମବାସୀ ।

# ସାରର ଅଭାବୀ ବିକ୍ରି ପାଇଁ ଚାଷୀଙ୍କ ରାଜପଥ ଅବରୋଧ

**ସୁବର୍ଣ୍ଣପୁର,୮।୯ (ସଂଚାର ବ୍ୟୁରୋ):** ସାର ର ଅଭାବ ଯୋଗୁଁ ଆଜି ସୁବର୍ଣ୍ଣପୁର ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ବାଗବୁଲି ଛକରେ ସକାଳ ୯ ଟା ରୁ ୧୨ ଟା ଯାଏ ଚାଷୀଙ୍କ ରାସ୍ତା ରୋକ କରିଥିଲେ। ଯା ଫଳରେ କି ଉଭୟ ପଟେ ଶହ ଶହ ଯାନ ବାହନ ଅଟକି ରହି ଥିଲା। ଦ୍ୱିତୀୟ ସୁବର୍ଣ୍ଣପୁର ଜିଲ୍ଲା ରେ ବର୍ତ୍ତମାନ ସାର ଅଭାବୀ ସହ ସାର ର କଳା ବଜାରୀ ଦେଖିବାକୁ ମିଳିଛି। ୟୁରିଆ ବସ୍ତା ପ୍ରତି ସାତ ଶହରୁ ଆଠଶହ ବିକ୍ରି ଚାଲିଛି। କିନ୍ତୁ ବାରମ୍ବାର ଅଭିଯୋଗ ପରେ ବି



କୃଷୀ ବିଭାଗ ଓ ଜିଲ୍ଲା ପ୍ରଶାସନ ନୀରବ ଦ୍ରଷ୍ଟା ସାଜି ଥିବାରୁ ଆଜି ବାଧ୍ୟ ହୋଇ ସୋନପୁର ବ୍ଲକ ର ହଜାର ଚାଷୀ ଏକ ହୋଇ ସୁବର୍ଣ୍ଣପୁର ବଲାଙ୍ଗିର ମୁଖ୍ୟ ରାସ୍ତା କୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଶାସନ ଚାଷୀ ପାଖକୁ ଆସିବ ଝଟ୍ ସମାଧାନ କରିବ, ଆମେ ଯିବୁନି ବାର ବାର କେନ୍ଦ୍ରା ହେବୁନି ଓ ବାଗବୁଲି, ଖମ୍ବେଶ୍ୱରୀ ପାଲି ଅଞ୍ଚଳରେ ବର୍ତ୍ତମାନ ୨୫ ଶହ ବସ୍ତା ସାର ଦରକାର ଥିବା ବେଳେ ଜିଲ୍ଲା କୁ ଆସିଛି ମାତ୍ର ୧୮୦ ବସ୍ତା ବୋଲି ଚାଷୀ ନେତା ସ୍ୱର ଉତ୍ତୋଳନ କରି ଥିଲେ। ଓ ଚାଷୀ ଙ୍କ ପ୍ରତି ଜିଲ୍ଲା ରାଜ୍ୟ ପ୍ରଶାସନ ଉପହାସ କରୁଛି ବୋଲି କହିଥିଲେ। କୃଷି ଅଧିକାରୀ, ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳ କୁ ପହଞ୍ଚି ଚାଷୀ ସଂଗଠନ କୁ ସାର ଯୋଗାଇବା କୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ହଟି ଥିବା ଜଣା ଯାଇଛି ଝଜିଲ୍ଲା କୃଷି ଅଧିକାରୀ ସୂଚନା ଦେଲେ କି ଦୁଇ ଦିନ ତଳେ ୭୦୦ ମେଟ୍ରିକ ଟନ ୟୁରିଆ ସାର ଆସିଥିଲା କିନ୍ତୁ ପୁଣି ୭୦୦ ମେଟ୍ରିକ ଟନ ୟୁରିଆ ସାର ପହଞ୍ଚିଛି। ପ୍ରଥମରୁ ୧୩ହଜାର ମେଟ୍ରିକ ଟନ ୟୁରିଆ ସାର ଆସିଥିଲା। ଚାଷୀ ଙ୍କୁ ଦିଆ ଯାଇଛି ବୋଲି ଜିଲ୍ଲା କୃଷି ଅଧିକାରୀ ସୂଚନା ଦେଲେ। ଗୋଟି ସପ୍ତାହ ଭିତରେ ୟୁରିଆ ସାର ସମାଧାନ ହୋଇଯିବ ବୋଲି ସୂଚନା ଦେଲେ।

**ବିପଦସଂଙ୍କେତ ପାଖାପାଖି**

# ଦୟାନଦୀରେ ବନ୍ୟାଜଳ ବଢୁଛି କୂଳବାସୀ ଚିନ୍ତାରେ

**କଣାସ,୮।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ଓ ତାହାର ଶାଖା ନଦୀ ମାନଙ୍କରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ଗତକାଲି ୭ତାରିଖ ସଂଧ୍ୟା ୬ଟା ସମୟରେ ୩ମିମି ଥିବା ବେଳେ ଆଜି ସଂଧ୍ୟା ୬ଟା ସମୟରେ ୩.୭୫ମିମି ପହଞ୍ଚିଛି।

କଣାସ ଠାରେ ବିପଦ ସଂଙ୍କେତ ୩.୯୯ମିମି ରହିଥିବା ବେଳେ ଦୋକନ୍ଦା, ବଡାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ସମସ୍ତ ଧାନଜମି, ପରିବା ଫସଲ ଜମି ୫ଫୁଟ୍‌ରୁ ଊର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି।



# ବଉଳଗଡ଼ିଆ ରାସ୍ତା ମରଣଯନ୍ତା, ୧୯ରେ ଦିବାରାତ୍ର ଧାରଣା



**ନୀଳଗିରି,୮।୯ (ସଂଚାର ବ୍ୟୁରୋ):** ପଞ୍ଚଲିଙ୍ଗେଶ୍ୱର-ବଉଳଗଡ଼ିଆ (ପି.ଡବ୍ଲ୍ୟୁ.ଡି) ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଯୋଗ କରୁଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ ପିଠକୁ। ମାତ୍ର ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ପାଇଁ ସରକାର ଉଦାସୀନ ରହିବା ପରିତାପର ବିଷୟ। ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି ସରକାର। ଦୈନିକ ଉକ୍ତ ରାସ୍ତା ଦେଇ ବଡ଼ ବଡ଼ ଭାରିଯାନ ଯିବାଆସିବା କରିବା ସହ ବାରିପଦା ରୁ ଭୁବନେଶ୍ୱର ବହୁ ଲୋକ ଯାତାୟତ କରନ୍ତି। ରାସ୍ତା ମରଣଯନ୍ତା ପାଲଟିଥିବା ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରି ଯାତାୟାତ କରୁଥିବା ସାଧାରଣ ଲୋକ, ଆମ୍ବୁଲାନ୍ସ, ପର୍ଯ୍ୟଟକ ଓ ବିଦ୍ୟାଳୟ, ମହାବିଦ୍ୟାଳୟ ର ପିଲାମାନେ ଦୁର୍ଘଟଣାରେ ସମ୍ମୁଖୀନ ହେଉଛନ୍ତି। ମାତ୍ର ରାସ୍ତାର ଦୂରାବସ୍ଥା ପାଇଁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ପୁର୍ବରୁ ଉକ୍ତ ରାସ୍ତା ମରାମତି ଦାବୀରେ ନୀଳଗିରି ସିପିଆଇ ପକ୍ଷରୁ ରାସ୍ତାରୋକ କରିଥିଲେ ମଧ୍ୟ ରାସ୍ତା ମରାମତି କରିବାର ପ୍ରତିଶ୍ରୁତି ଦେଇଥିଲେ ବି ଏହାର କିଛି ସୁଫଳ ଆଜି ପର୍ଯ୍ୟନ୍ତ ମିଳି ପାରିନାହିଁ। ତେଣୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଶ୍ୟାମସୁନ୍ଦରପୁର ବ୍ରାଞ୍ଚ ତରଫରୁ ସୋମବାର କୈଳାଶ ଚନ୍ଦ୍ର ପଣ୍ଡା, ଅନାଦିଚରଣ ନାୟକ, ଗୌରହରି ବେହେରା, ଜୟନ୍ତ କୁମାର ସ, ପ୍ରଭାକର ପରିଡା, ଲକ୍ଷ୍ମୀଧର ସ, ଗାୟତ୍ରୀ ପଣ୍ଡା, ମନୋରଞ୍ଜନ ଦାସ, ପୁରୁଷୋତ୍ତମ ସେଠି ପ୍ରମୁଖ ନୀଳଗିରି ଉପ-ଜିଲ୍ଲାପାଳ ଙ୍କୁ ଭେଟି ନୀଳଗିରି ବଉଳଗଡ଼ିଆ ରାସ୍ତା କୁ ୭ ଦିନ ମଧ୍ୟରେ ଯଦି କାର୍ଯ୍ୟ ସମ୍ପୂର୍ଣ୍ଣ କରା ନଯାଏ, ତାହେଲେ ଆସନ୍ତା ସେପ୍ଟେମ୍ବର ୧୯ ରିଖ ଶୁକ୍ରବାର ସକାଳ ୮.୦୦ ଘଟିକା ଠାରୁ ପଞ୍ଚଲିଙ୍ଗେଶ୍ୱର ଛକ ଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦିବାରାତ୍ର ଧାରଣା ଦିଆଯିବାର ଦାବିପତ୍ର ପ୍ରଦାନ କରିଥିଲେ।

● ରାଜ୍ୟରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

# କେଉଁଠି ଶିକ୍ଷକ ଅଭାବ ତ କେଉଁଠି ପାଠପଢ଼ା ହେଉନି

**ଗଜପତି,୮।୯(ସଂଚାର ବ୍ୟୁରୋ):** ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଶିକ୍ଷା ବ୍ୟବସ୍ଥା । କେଉଁଠି ଶିକ୍ଷକ ନାହାନ୍ତି ତ' ଆଉ କେଉଁଠି ପିଲା ପ୍ରଧାନଶିକ୍ଷକଙ୍କ ବଦଳି ପ୍ରତିବାଦରେ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ। ଗମନାଗମନର ସୁବିଧା ନଥିବାରୁ ପିଲାଙ୍କ ଶିକ୍ଷା ବାଧାପ୍ରାପ୍ତ ହେଉଛି । ଗଜପତିରେ ରାସ୍ତା ନଥିବା ଯୋଗୁଁ ବିଲ ହୁଡ଼ା, ଜଙ୍ଗଲ ରାସ୍ତା ଦେଇ ପାଠ ପଢ଼ିବାକୁ ଯାଉଛନ୍ତି ଛାତ୍ରଛାତ୍ରୀ । କୁହାଯାଏ ଶିକ୍ଷାର ବିକାଶ ହେଲେ ଦେଶର ସର୍ବାଙ୍ଗୀନ ଉନ୍ନତି ହେବ। ହେଲେ ଯେଉଁଠି ପିଲା ପାଠ ଟିକେ ପଢ଼ିବା ପାଇଁ ଏତେ ସଂଘର୍ଷ କରୁଛନ୍ତି । ସେଠି ଉନ୍ନତି କଥା କ'ଣ ବା କହିହେବ। ଆପଣ ଦେଖୁଥିବା ହାଟଡିହି, ଗଜପତି ଓ ଉଦଳାର ୩ଟି ଚିତ୍ର ଏହାର ବାସ୍ତବତାକୁ ଦର୍ଶାଉଛି ।



# ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରା ବିତରଣ ଯାନର ଶୁଭାରମ୍ଭ



**ଡାବୁଗାଁ,୮।୯(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ 'ମା ପାଇଁ ଗଛଟିଏ କାର୍ଯ୍ୟାଳୟରେ ଚାରା ବିତରଣ ଯାନ ର ସୋମବାର ଶୁଭାରମ୍ଭ ହୋଇଯାଇଛି। ଏଥିରେ ଡାବୁଗାଁ ବନାଞ୍ଚଳ ଅଧିକାରୀ ରାମ ଚନ୍ଦ୍ର ଭତ୍ରକ୍ଷ ଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ବୀଣା ମାଝୀ, ସମ୍ମାନୀତ ଅତିଥି ଡାବୁଗାଁ ସରପଞ୍ଚ ବିନୋଦ ସୌରା, ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକ, ମଇଦଲପୁର ବନପାଳ ମଧୁ ସୁଦନ ପାତ୍ର, ଜଟାବାଲ ବନପାଳ ବିଷ୍ଣୁ ବିଶୋୟୀ ପ୍ରମୁଖ ମଞ୍ଚ ଉପରେ ଉପବେଶନ କରିଥିବା ବେଳେ 'ବୃକ୍ଷ ହିଁ ଜୀବନ' ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରି ପ୍ରଚୁର ଅମ୍ଳଜାନ ପାଇବା ପାଇଁ ବହୁ ପରିମାଣରେ ଗଛ ଲଗାଇ ମନୁଷ୍ୟ ଜୀବନ ସୁରୁଖୁରୁରେ ଶାନ୍ତି ରେ କଟାଇବାର ବାର୍ତ୍ତା ଦେଇଥିଲେ। ଦିନକୁ ଦିନ ଜଙ୍ଗଲ ଏଇ ମଣିଷ କ୍ଷୟ କରି ଚାଲିଥିବାରୁ ଅମ୍ଳଜାନ ର ଘୋର ଅଭାବ ଆଗକୁ ପରିଲକ୍ଷିତ ହେବା ସୁନିଶ୍ଚିତ। ଆସନ୍ତା ୧୭ ତାରିଖ ଭାରତର ପ୍ରଧାନ ମନ୍ତ୍ରୀ ଙ୍କ ଜନ୍ମ ଦିନ ଉପଲକ୍ଷେ ରାଜ୍ୟରେ ୭୫ ଲକ୍ଷ ଚାରା ରୋପଣ କାର୍ଯ୍ୟକ୍ରମ ରହିଥିବା ବେଳେ ଆମ ଡାବୁଗାଁ ବନାଞ୍ଚଳ ଅଧୀନରେ ୧୮ ପ୍ରକାର ଚାରା ଡାବୁଗାଁ ବ୍ଲକ, ପାପଡାହାଣ୍ଡି ବ୍ଲକ ଓ ଝରିଗାଁ ବ୍ଲକ ର ୨୬ ଗୋଟି ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲରେ ୧୩୦୦୦ ଚାରା ରୋପଣ କାର୍ଯ୍ୟକ୍ରମ ପାଇଁ ଆଜି 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରା ବିତରଣ ଯାନ ର ଶୁଭାରମ୍ଭ କରାଯାଇଛି।

# ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ

**ସୁନ୍ଦରଗଡ଼,୮।୯(ସଂଚାର ବ୍ୟୁରୋ):** ବର୍ତ୍ତମାନର ସମୟରେ ବାୟୁ ପ୍ରଦୂଷଣ ମାନବ ସମାଜ ତଥା ପରିବେଶ ପାଇଁଏକାଧିକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରୂପରେ ଉଭା ହେଇଛି। ସ୍ୱଚ୍ଛ ବାୟୁ ବ୍ୟକ୍ତି ବିଶେଷଙ୍କ ସ୍ୱାସ୍ଥ୍ୟ ଏବଂ ଦୈନନ୍ଦିନ ଜୀବନ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ, ଆମର ପାରିପାର୍ଶ୍ୱିକ ପରିବେଶ ଓ ଜୀବଜଗତ ପାଇଁ ସେତିକି ଅତ୍ୟାବଶ୍ୟକ। ମିଳିତ ଜାତିସଂଘର ସାଧାରଣ ସଭା ପ୍ରଥମେ ୨୦୧୯ ମସିହାରେ ବାୟୁ ପ୍ରଦୂଷଣକୁ ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ବଡ଼ ପରିବେଶଗତ ବିପଦ ଭାବରେ ସ୍ୱୀକାର କରାଯାଇ ଥିଲା। ଆକଳନ କରାଯାଇଛି ଯେ ବିଶ୍ୱରେ ଦଶ ଜଣଙ୍କ ମଧ୍ୟରୁ ନଅ ଜଣ ପ୍ରଦୂଷିତ ବାୟୁ ନିଶ୍ୱାସ ନିଅନ୍ତି, ଯାହା ପ୍ରତିବର୍ଷ ଲକ୍ଷ ଲକ୍ଷ ଅକାଳ ମୃତ୍ୟୁର କାରଣ ହୁଏ। ଏଣୁ ପ୍ରତ୍ୟେକ ବର୍ଷ "ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ" ପାଳନ କରାଯିବାର ନିଷ୍ପତ୍ତି ନିଆଗଲା ଯାହାକି ସ୍ୱଚ୍ଛ ବାୟୁ ଏବଂ ସ୍ଥାୟୀ ବିକାଶ ହାସଲ କରିବା ପାଇଁ ଦୃଢ଼ ଆନ୍ତର୍ଜାତୀୟ ସହଯୋଗ, ନୀତିଗତ ପଦକ୍ଷେପ ଏବଂ ଜନସାଧାରଣଙ୍କ ସହଭାଗିତାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରେ। ଏହି ପରିପ୍ରେକ୍ଷୀରେ ଆଜି ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଝୁଲେନଡ଼ିହି ବନ ସୁରକ୍ଷା ସମିତି କାର୍ଯ୍ୟାଳୟ ପରିସରରେ "ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ" ପାଳନ କରାଯାଇଥିଲା। ସର୍ବପ୍ରଥମେ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଦୀପକ ଶର୍ମା ସମସ୍ତଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡ. ଜଗଦୀଶ ଦେହୁରି ଯୋଗଦାନ କରି ଗଛ ଓ ପରିବେଶ ବଞ୍ଚିଲେ ଆମେ ବଞ୍ଚିବା ବୋଲି ମତ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ପରିବେଶବିତ ତଥା ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଯୋଗଦାନ କରି କହିଥିଲେ- "ସ୍ୱଚ୍ଛ ବାୟୁ ମାନବ ଜୀବନର ମୂଳ ଆବଶ୍ୟକତା।

# ଯୋଗ ଓ ଆଧ୍ୟାତ୍ମିକ, ମାତୃ ପ୍ରେମୀ ଆଲୋଚନାଚକ୍ର ଅନୁଷ୍ଠିତ

**ବୈଶିଙ୍ଗା, ୮।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନ ଅନ୍ତର୍ଗତ ମାନଗୋବିନ୍ଦପୁର ପଞ୍ଚାୟତ ବିଜିପୁର ରେ ଥିବା ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ରରେ ତ୍ରୈମାସିକ କାର୍ଯ୍ୟ କ୍ରମ ନିମନ୍ତେ ରବିବାର ଦିନ ଯୋଗ ଓ ଆଧ୍ୟାତ୍ମିକ ଆଲୋଚନା ଚକ୍ର ମାତୃ ପ୍ରେମୀ, ଯୋଗ ପ୍ରେମୀ ସାଧାକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟ ସୂଚୀ ଅନୁଯାଇ ପ୍ରାତଃ ୬ଘଟିକା ସମୟରେ ଯୋଗ ଶିକ୍ଷାତ୍ରୀ ସୁଜିତା ମହାନ୍ତି ଓ ଯୋଗ ଶିକ୍ଷକ ଦୀପାକ କୁମାର ମହାନ୍ତ ଙ୍କ ଦ୍ୱାରା ଯୋଗ କାର୍ଯ୍ୟକ୍ରମ ସୁପରିଚାଳିତ ହୋଇଥିଲା। ଏହି ଯୋଗ ଶିବିରରେ ରେ ୩୦ ରୁ ଅଧିକ ଯୋଗ ପ୍ରେମୀ ମାନେ ଅଂଶ ଗ୍ରହଣ କରିଥିଲେ। ଏହା ପରେ କର୍ଯ୍ୟ ସୂଚୀ ଅନୁଯାଇ ଜଳଯୋଗ ବ୍ୟବସ୍ଥା କରାଯାଇଥିଲା। ଏହାପରେ ମାତୃ ମଣ୍ଡପ ତଥା ଶ୍ରୀମା ଶ୍ରୀ ଅରବିନ୍ଦ ଙ୍କର ଫୋଟ ଚିତ୍ରକୁ ଫୁଲ ଚନ୍ଦନ ଓ ଧୂପ ଦେଇ ସୁସଜିତ କରାଯାଇଥିଲା। ପୂର୍ବାହ୍ନ ୧୦ ଘଟିକା ସମୟରେ ଦିବା ଅଧିବେଶନ ଆରମ୍ଭ କରାଯାଇଥିଲା। ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ମାତୃବନ୍ଦନା କରାଯାଇ ଥିଲା। ଏହା ପରେ ମା'ଙ୍କର ବୀଣାବାଦରୁ ଧ୍ୟାନ ପ୍ରାଥନା , ଦୁର୍ଗା ସ୍ତୋତ୍ର ଆବୃତ୍ତି, ସାମୁହିକ ସଂଗୀତ ଗାନ ଓ ମା' ପୁସ୍ତକର ଷଷ୍ଠ ଅଧ୍ୟାୟ ପଠନ କରାଯାଇଥିଲା। ଏହି କାର୍ଯ୍ୟ କ୍ରମର ପୌରୋହିତା ଡା. କିଶୋର ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା।

# ଡାକ୍ତରଖାନାରେ ଆମ୍ବୁଲାନ୍ସ ଅଚଳ, ରୋଗୀ ସେବାରେ ବହୁ ବାଧାପ୍ରାପ୍ତ



**କଳାହାଣ୍ଡି, ୮।୯(ସଂଚାର ବ୍ୟୁରୋ):** ରୋଗୀଙ୍କୁ କଲମପୁର, ଚିକିତ୍ସାଳୟକୁ ନେବା ପାଇଁ ସରକାର ଆମ୍ବୁଲାନ୍ସ ସେବା ଆରମ୍ଭ କରିଥିଲେ। ଯାହା ରୋଗୀଙ୍କୁ ବିନା ମୂଲ୍ୟରେ ସେବା ଯୋଗାଇ ଆସୁଛି। ଏଥିପାଇଁ ରୋଗୀ ଓ ତାଙ୍କ ପରିବାର ଲୋକ ମଧ୍ୟ ଆଶ୍ୱସ୍ତ ହେଉଥିଲେ। ସଠିକ ସମୟରେ ରୋଗୀଙ୍କୁ ଚିକିତ୍ସାଳୟକୁ ପହଞ୍ଚାଇ ପାରୁଥିଲେ।କିନ୍ତୁ ପରିତାପର ବିଷୟ ଗତ ୩ ମାସ ହେବ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ନିୟୋଜିତ ଥିବା ଆମ୍ବୁଲାନ୍ସ ଏବେ ଅଚଳ ହୋଇପଡ଼ିଛି। ପଡୋଶୀ ଜୟପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନିୟୋଜିତ ଆମ୍ବୁଲାନ୍ସ ମଧ୍ୟ ଅଚଳ ହୋଇ ପଡ଼ିରହିଛି। ଏଥିପାଇଁ ଦୁଇ ସ୍ୱାସ୍ଥ୍ୟ କେନ୍ଦ୍ରର କଲମପୁର ଓ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କୌଣସି ଗୁରୁତର ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ ହେଲେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ପଡୋଶୀ ଥୁଆମୂଳ ରାମପୁର, ଚିଲିଗୁଡ଼ା ଆମ୍ବୁଲାନ୍ସକୁ ଅପେକ୍ଷା କରିବାକୁ ହେଉଛି। ଏଭଳି ସମୟରେ ବାରମ୍ବାର ଫୋନ କଲେ ନିକଟରେ କୌଣସି ଆମ୍ବୁଲାନ୍ସ ଉପଲବ୍ଧ ନଥିବା ସୂଚନା ଦିଆଯାଉଛି। ଯାହାକୁ ନେଇ ରୋଗୀଙ୍କୁ ମଧ୍ୟରେ ଅସନ୍ତୋଷ ଦେଖା ଦେଉଛି। ଯାହା ରୋଗୀ ଓ ତାଙ୍କ ପରିବାର ଲୋକଙ୍କ ପାଇଁ ସମସ୍ୟା ହେଉଛି। ଏପରିକି କିଛି ରୋଗୀଙ୍କ ସମ୍ପର୍କୀୟ ଗାଡି ଭଡା କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ବ୍ଲକ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ଜାଣିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ନିକଟରେ ଏହାର ନିୟନ୍ତ୍ରଣ ଦାୟିତ୍ୱ ନଥିବାରୁ ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ମନମୁଖୀ କାର୍ଯ୍ୟ କରୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି।

## ଛାତ୍ରୀଙ୍କୁ ମାଡ ମାମଲାରେ ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

# କାର୍ଯ୍ୟରେ ଅବହେଳା ପାଇଁ ଦୁଇ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ

**କଣାସ,୮।୯(ସଂଚାର ବ୍ୟୁରୋ):** ଗତ ୨ ତାରିଖରେ କଣାସ ବ୍ଲକ ଗଡ଼ବଳଭଦ୍ରପୁର ପଞ୍ଚାୟତର ଗୌଡାପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ମାଡ ମାରିବା ଅଭିଯୋଗରେ ତଦନ୍ତ କରି କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା, ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ଜେନାଙ୍କୁ ଆଜି ଚାକିରୀରୁ ନିଲମ୍ବିତ କରିଛନ୍ତି। ଏହି ଘଟଣାରେ ଛାତ୍ରୀଙ୍କ ପିତା କଣାସ ଥାନାରେ ଏକ ଏତେଲା ଦେଇଥିବା ବେଳେ କଣାସ ପୋଲିପକ୍ଷରୁ ଏକ ମାମଲା ରୁଜ ହୋଇ ଅନୁସଂନ୍ଧାନ ଚାଲିଛି। ସମ୍ବାଦପତ୍ରରେ ଏ ସମ୍ପର୍କରେ ପ୍ରକାଶନ ପରେ ଶିକ୍ଷାଧିକାରୀ କଣାସ ନିଜ ପକ୍ଷରୁ ଏକ ତଦନ୍ତ କମିଟି ବସାଇ ଘଟଣାର ତଦନ୍ତ କରି ପ୍ରଧାନଶିକ୍ଷୟିତ୍ରୀଙ୍କି ନିଲମ୍ବିତ କରିଛନ୍ତି। ସେହିପରି ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ଆଜି ଦିନ ୩ଟା ସମୟରେ କଣାସ-ଡେଲାଙ୍ଗ ରାସ୍ତାରେ ଛାତ୍ରଛାତ୍ରୀମାନେ ଘରକୁ ଯାଉଥିବା ଦେଖି ଛାତ୍ରଛାତ୍ରୀମାନଙ୍କୁ ପଚାରି ନିକଟବର୍ତ୍ତୀ ତ୍ରିଲୋଚନପୁର ପଞ୍ଚାୟତ ଗାଉପଡ଼ା ପ୍ରାଥମିକ ବିଦ୍ୟାଳୟରେ ଦିନ ୩ଟା ସମୟରେ ପହଞ୍ଚିଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀ ନଥିବାର ଶିକ୍ଷକ ଶିକ୍ଷୟିତ୍ରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିବାରୁ ଶିକ୍ଷାଧିକାରୀ ଆଜି ଦିନକ ପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିମଳେନ୍ଦୁ ମହାପାତ୍ର ଓ ସହକାରୀ ଶିକ୍ଷୟିତ୍ରୀ ସୁମାଷ ପୃଷ୍ଟିଙ୍କ ଦରମା ବନ୍ଦ କରିଛନ୍ତି। ଏଥି ସହ ସେମାନଙ୍କ ବିରୁଦ୍ଧରେ କାହିଁ କି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ନିଆଯିବ ତାହାର ଉତ୍ତର ତିନିଦିନ ମଧ୍ୟରେ ପ୍ରଦାନ କରିବାକୁ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।

# ଭାରତୀୟ ସ୍ଥଳ ବାହିନୀ ତରଫରୁ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଉଦଘାଟିତ

**ବାରିପଦା,୮।୯(ସଂଚାର ବ୍ୟୁରୋ):** ପଭାରତୀୟ ସ୍ଥଳ ବାହିନୀର ଷ୍ଟେସନ ହେଡ଼କ୍ୱାଟର, ବାଲେଶ୍ୱର (ଚାନ୍ଦିପୁର-ଅନ-ସି) ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜଙ୍କ ମିଳିତ ଆନୁକୂଲ୍ୟରେ ଆଜିଠାରୁ ତା ୧୦-୦୯-୨୦୨୫ରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ବାରିପଦାର ଷ୍ଟେସନବଜାର ଆଶୀର୍ବାଦ ଛକ ନିକଟସ୍ଥ ବିବାହ ମଣ୍ଡପ ଠାରେ ଆୟୋଜିତ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଆଜି ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଆଜି ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ସମ୍ମାନୀୟ ମହାରାଜା ଶ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସମ୍ମାନୀୟା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ଜି ଓ ସି, ମଧ୍ୟ ପ୍ରଦେଶ ଅଞ୍ଚଳର ଲେଫ୍ଟନାଣ୍ଟ କର୍ଣ୍ଣେଲ ପି ଏସ ଶେଖାୱାତ, ବ୍ରିଗେଡ଼ିଅର ତେଜିନ୍ଦର ସିଂ ବାୱା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ପ୍ରତିରକ୍ଷା ବିଭାଗର ଅନ୍ୟାନ୍ୟ ପଦସ୍ଥ ଅଧିକାରୀ ମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନିମନ୍ତ୍ରିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯିବା ପରେ ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ କରି ସ୍ୱାସ୍ଥ୍ୟ ଶିବିରର ଶୁଭ ଉଦଘାଟନ କରିଥିଲେ।

● ଉପଖଣ୍ଡ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ

# ୧୨୩ ଅଭିଯୋଗର ହେଲା ଶୁଣାଣି

**ବାରିପଦା,୮।୯(ସଂଚାର ବ୍ୟୁରୋ):** ଆଜି ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଶ୍ରୀ ବରୁଣ ଗୁଣ୍ଟୁପାଲି ବାମନଘାଟି ଉପ ଜିଲ୍ଲାପାଳ ଶ୍ରୀ ସୌମ୍ୟରଞ୍ଜନ ପ୍ରଧାନ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଚାରୁ କୁମାର ବଳ, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ଗୋକୁଳା ନନ୍ଦ ସାହୁ, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରବୀନ୍ଦ୍ର କୁମାର ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭ ରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣ ଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟା ରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ।

ଆଜିର ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୧୨୩ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୯୦ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୩୩ଟି ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୪ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା।

**ଜନଶୁଣାଣୀ ପାଲଟିଛି ପ୍ରହସନ**

# ଆସିଲେନି ଜିଲ୍ଲାପାଳ, ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ

**ବାଲିଆପାଳ,୮।୯(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପରିସରରେ ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳ ଓ ଆରକ୍ଷୀଙ୍କ ମିଳିତ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଏସପି ପ୍ରତ୍ୟୁଷ ଦିବାକର, ମୁଖ୍ୟ ପ୍ରକଳ୍ପ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତ, ସିଡିଏମଓ ପ୍ରଭାତ କୁମାର ବେହେରା, ଉପଜିଲ୍ଲାପାଳ ଶିବ ମାଲାଭାୟା, ବସ୍ତା ଏସଡିପିଓ ମାନସ କୁମାର ଦେଓ, ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ, ବିଡିଓ ରାଧାରଞ୍ଜନ ଦାଶଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକୁ

● ଅଭିଯୋଗ ୧୬୪, ସମାଧାନ ଶୂନ

ଗ୍ରହଣ କରିଥିଲେ ଏବଂ ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ଏହି ଶିବିରରେ ମୋଟ ୧୬୧ ଟି ଅଭିଯୋଗ ଆସିଥିଲା। ମାତ୍ର ସମାଧାନ ଶୁନ, ପ୍ରତିଶ୍ରୁତି ଦେଇ ଚାଳିଗଲେ ଅଧିକାରୀ।ଶିବିରକୁ ପ୍ରଧାନମନ୍ତ୍ରୀ ଆବାସ, ହେଣ୍ଡିକେଫ୍ଟ ସାର୍ଟିଫିକେଟର ବିଳମ୍ବ, ଭତ୍ତା, ପାଣି ସମସ୍ୟା, ଡ୍ରେନେଜ ସମସ୍ୟା ଉପରେ ଅଭିଯୋଗ ଆସିଥିଲା। ତେବେ ତିନି ମାସ ବ୍ୟବଧାନରେ ବାଲିଆପାଳରେ ଜନଶୁଣାଣୀ ହେଉଥିବା ବେଳେ ଦୁରଦୂରାନ୍ତରରୁ ବହୁ ଲୋକେ ଅନେକ ଆଶା, ସ୍ୱପ୍ନ ନେଇ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ବେଳେ, ଜନଶୁଣାଣୀରେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା।ଶିବିରକୁ ଅନେକ ୮୦ ବର୍ଷରୁ ଉର୍ଦ୍ଧ୍ୱ ବିକଳାଙ୍ଗ, ବୃଦ୍ଧ, ବୃଦ୍ଧା ଭତ୍ତା ସମସ୍ୟା ନେଇ ଆସିଥିଲେ।କିଛି ଦିନ ଧରି ସେମାନଙ୍କର ଭତ୍ତା କାଟି ଦିଆଯାଇଛି, ହେଣ୍ଡିକେପଟ ସାର୍ଟିଫିକେଟରେ ତ୍ରୁଟି ଦର୍ଶାଯାଇଥିବା ବେଳେ ବ୍ଲକ କାର୍ଯ୍ୟାଳୟରେ ଭୀମଭୋଇ ଶିବିର ମାଧ୍ୟମରେ ସଂଶୋଧନ କରିଥିବା ଲୋକଙ୍କର ନଅ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅନଲାଇନ ସାର୍ଟିଫିକେଟ ଆସି ନାହିଁ।ବିଭାଗୀୟ ଅଧିକାରୀ ମାନଙ୍କର ଦୁର୍ବଳତା ପାଇଁ ଅନେକ ଲୋକେ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ହୋଇଛି।

# କାଦୁଅ ହେଲା କାଳ: ଚାଲିଗଲା ଜୀବନ



**ଭଞ୍ଜନଗର,୮।୯(ସଂଚାର ବ୍ୟୁରୋ):** ତାରସିଂ ଥାନା ଅନ୍ତର୍ଗତ ଭୂରୁଡୁପଲ୍ଲୀରେ ସୋମବାର ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭୂରୁଡୁପଲ୍ଲୀର ପ୍ରକାଶ ଚନ୍ଦ୍ର ମହାନ୍ତି (୫୫) । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଏ ନେଇ ନଂ.୧୬/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସକାଳେ ପ୍ରକାଶ ଗ୍ରାମ ପୋଖରୀକୁ ଗାଧୋଇ ଯାଇଥିଲେ। ବର୍ଷା ହୋଇଥିବାରୁ ପୋଖରୀ ଆଡି କାଦୁଅ ଥିବା ଯୋଗୁ ପ୍ରକାଶଙ୍କ ଗୋଡ଼ ଖସିଯାଇ ପାଣିରେ ବୁଡ଼ି ଯାଇଥିଲେ।